- RNI No.ODIODI/2010/33031
- ୧୭ ବର୍ଷ Volume-16
- ISSUE -300 ସଂଖ୍ୟା-୩୦୦
- ଭୁବନେଶ୍ୱର, ଶନିବାର ୧୪ ଫେବୃଆରୀ ୨୦୨୬
- Bhubaneswar, Saturday 14 February, 2026
- ୦୮ ପୃଷ୍ଠା Pages-08
- ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
- www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ନୂଆ ପିଏମ୍ଓ ସେବା ତୀର୍ଥ ଉଦଘାଟିତ

ନୂଆଦିଲ୍ଲୀ, ୧୩।୨ (ନି.ପ୍ର.): ଭାରତର ସବୁଠାରୁ ଶକ୍ତିଶାଳୀ କ୍ଷମତା କେନ୍ଦ୍ରର ଠିକଣା ବଦଳି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସେବା ତୀର୍ଥକୁ ଉଦଘାଟନ କରିଛନ୍ତି। ଏହି ନୂଆ ତଥା ଅତ୍ୟାଧୁନିକ କମ୍ପ୍ଲେକ୍ସରେ ରହିଛି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବା ପିଏମଓ। ସ୍ୱାଧୀନତା ପରେ ପ୍ରଥମଥର ପାଇଁ ପିଏମଓର ଠିକଣା ବଦଳିଛି। ୧୯୪୭ ଭାରତର ସ୍ୱାଧୀନତା ପରଠାରୁ ପିଏମଓ ସାଉଥ ବ୍ଲକରେ ରହିଥିଲା। ହେଲେ ଏବେ ଏହାର ଠିକଣା ସେବା ତୀର୍ଥ କମ୍ପ୍ଲେକ୍ସକୁ ବଦଳି ଯାଇଛି। ଅପରାହ୍ନରେ ପ୍ରଧାନମନ୍ତ୍ରୀ ମୋଦି ନୂଆ ସେବା ତୀର୍ଥ ବିଲଡିଂର ନାଁ ଉନ୍ମୋଚନ କରିଛନ୍ତି। ସନ୍ଧ୍ୟାରେ ସେ ବିଧିବଦ୍ଧ ଭାବେ ସେବା ତୀର୍ଥ ସହ 'କର୍ତ୍ତବ୍ୟ ଭବନ-୧ ଓ ୨'ର ଉଦଘାଟନ କରିବେ। ସେହିପରି ସନ୍ଧ୍ୟାରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧନ କରିବେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ସାଉଥ୍ ବ୍ଲକରେ କେନ୍ଦ୍ର କ୍ୟାବିନେଟର ଶେଷ ବୈଠକରେ ମଧ୍ୟ ଅଧ୍ୟକ୍ଷତା କରିବେ। ଶୁକ୍ରବାର ଅପରାହ୍ନ ୪ଟାରେ ସାଉଥ ବ୍ଲକରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ବୈଠକ ଶେଷ ହେବା ପରେ ପିଏମ୍ଓ ତୁରନ୍ତ 'ସେବା ତୀର୍ଥ'କୁ ସ୍ଥାନାନ୍ତରିତ ହୋଇଯିବ। 'ସେବା ତୀର୍ଥ'ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଓ କ୍ୟାବିନେଟ୍ ସଚିବାଳୟ ରହିଛି। ଏଗୁଡିକ ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ରହିଥିଲା। 'କର୍ତ୍ତବ୍ୟ ଭବନ-୧ ଓ ୨'ରେ ଅର୍ଥ ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସମେତ ଅନେକ ପ୍ରମୁଖ ମନ୍ତ୍ରଣାଳୟ କାର୍ଯ୍ୟ କରିବ। ଉଭୟ ବିଲ୍ଡିଂ କମ୍ପ୍ଲେକ୍ସରେ ଡିଜିଟାଲ୍ ସଂଯୁକ୍ତ କାର୍ଯ୍ୟାଳୟ, ସୁବ୍ୟବସ୍ଥିତ ସର୍ବସାଧାରଣ ଯୋଗାଯୋଗ ଜୋନ୍ ଓ କେନ୍ଦ୍ରୀକୃତ ସ୍ୱାଗତ ସୁବିଧା ବା ରିସେପ୍ସନ ବ୍ୟବସ୍ଥା ରହିଛି। ଏହି ବୈଶିଷ୍ଟ୍ୟଗୁଡିକ ସହଯୋଗ, ଦକ୍ଷତା, ନିରବଚ୍ଛିନ୍ନ ଶାସନ, ଉନ୍ନତ ନାଗରିକ ସମ୍ପୃକ୍ତି ଓ କର୍ମଚାରୀଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବ।



## ୪ ପ୍ରସ୍ତାବକୁ ଅନୁମୋଦନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ କାର୍ଯ୍ୟାଳୟ ସେବା ତୀର୍ଥର ଶୁଭ ଉଦଘାଟନ କରିଛନ୍ତି । ଗୁରୁବାର ସେବା ତୀର୍ଥର ଉଦଘାଟନ ପରେ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ମହିଳା, ଯୁବ ଏବଂ ସାଧାରଣ ନାଗରିକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ପିଏମ୍ ରାହାତ ଯୋଜନା, ଲକ୍ଷପତି ଦିଦିଙ୍କ ଲକ୍ଷ୍ୟକୁ ଦ୍ୱିଗୁଣିତ କରି ୬ କୋଟି ଏବଂ କୃଷକମାନଙ୍କୁ ପ୍ରମୁଖ ପ୍ରୋତ୍ସାହନ କୃଷି ଭିତ୍ତିଭୂମି ପାଣ୍ଠିକୁ ଦୁଇ ଗୁଣ ବୃଦ୍ଧି କରି ୨ ଲକ୍ଷ କୋଟି ଟଙ୍କା ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀଙ୍କ ମୋହର ବାଜିଛି । ପିଏମ୍ ରାହାତ ଯୋଜନା ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଇଁ ଜୀବନ ରକ୍ଷାକାରୀ ସୁରକ୍ଷା । ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ଅନୁମୋଦନ ଦେଇଛନ୍ତି । ଏହି ଯୋଜନାରେ ଦୁର୍ଘଟଣାରେ ସମ୍ମୁଖୀନ ଗୁରୁତରଙ୍କୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ଶୁଳ୍କ ବା କ୍ୟାସ୍ ଲେସ୍ ଚିକିତ୍ସା ଯୋଗାଇ ଦିଆଯିବ । ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି, ତ୍ୱରିତ ଚିକିତ୍ସାର ସୁବିଧା ନ ପାଇଁ ଯେମିତି କେହି ଦୁର୍ଘଟଣା ପୀଡ଼ିତ ମୃତ୍ୟୁ ବରଣ ନ କରନ୍ତି । ଲକ୍ଷପତି ଦିଦିଙ୍କ ସଂଖ୍ୟାକୁ ଦ୍ୱିଗୁଣିତ କରି ୬ କୋଟି ଟଙ୍କା କରାଯାଇଛି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମାର୍ଚ୍ଚ ୨୦୨୭ର ସମୟସୀମାର ଗୋଟିଏ ବର୍ଷ ପୂର୍ବରୁ ୩ କୋଟି ଲକ୍ଷପତି ଦିଦି ନିଜର ଲକ୍ଷ୍ୟ ଅତିକ୍ରମ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବେ ମାର୍ଚ୍ଚ ୨୦୨୯ ସୁଦ୍ଧା ୬ କୋଟି ଲକ୍ଷପତି ଦିଦିଙ୍କ ଏକ ନୂତନ, ବଡ଼ ଲକ୍ଷ୍ୟ ରଖିଛନ୍ତି, ଯାହା ସ୍କେଲ୍ ଏବଂ ଆକାଂକ୍ଷା ଉଭୟକୁ ଦ୍ୱିଗୁଣିତ କରିବ । କୃଷକମାନଙ୍କୁ ପ୍ରମୁଖ ପ୍ରୋତ୍ସାହନ କୃଷି ଭିତ୍ତିଭୂମି ପାଣ୍ଠିକୁ ଦୁଇ ଗୁଣ ବୃଦ୍ଧି କରି ୨ ଲକ୍ଷ କୋଟି ଟଙ୍କା କରାଯାଇଛି ।

# ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ପରଲୋକ

ଭୁବନେଶ୍ୱର, ୧୩।୨ (ନି.ପ୍ର.): ପୂର୍ବତନ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ପରଲୋକ ହୋଇଛି । ଶୁକ୍ରବାର ସକାଳ ୯ଟା ୪୫ ମିନିଟ୍ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଇହଲୀଳା ସମ୍ବରଣ କରିଛନ୍ତି । ୮୬ ବର୍ଷ ବୟସରେ କାହ୍ନୁଚରଣଙ୍କ ପରଲୋକ ହୋଇଛି ।

ପୂର୍ବତନ ବରିଷ୍ଠ କଂଗ୍ରେସ ନେତା କାହ୍ନୁଚରଣ ଲେଙ୍କା ୧୯୯୫ ରୁ ୨୦୦୦ ମସିହା ଯାଏଁ କଟକ ଜିଲ୍ଲା ଚୌଦ୍ୱାର ଆସନରୁ ବିଧାୟକ



**ପି.ଭି. ନରସିଂହ ରାଓଙ୍କ ସରକାରରେ ଥିଲେ ରେଳ ଓ କୃଷି ରାଷ୍ଟ୍ର ମନ୍ତ୍ରୀ**

ଥିଲେ । ପରେ ଓଡ଼ିଶା ସରକାରଙ୍କ ଶିକ୍ଷ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୮୮ ମସିହାରେ ସେ ରାଜ୍ୟସଭାକୁ ଯାଇଥିଲେ । ୧୯୮୮-୯୪ ମସିହା ଯାଏଁ ସେ ରାଜ୍ୟସଭା ସାଂସଦ ଥିଲେ । ପି. ଭି. ନରସିଂହ ରାଓଙ୍କ ସରକାରରେ ରେଳ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ସେ କଂଗ୍ରେସର ଜଣେ ଆଜୀବନ ସଦସ୍ୟ ଥିଲେ । ଦୀର୍ଘ ୫୫ରୁ ଉର୍ଦ୍ଧ୍ୱ ସମୟ ଧରି ସେ କଂଗ୍ରେସ ସହିତ ଜଡ଼ିତ ଥିଲେ । ସେ ରାଜ୍ୟ କଂଗ୍ରେସ ସଭାପତି ହୋଇଥିଲେ । ତାଙ୍କ ଦେହାନ୍ତରେ ଓଡ଼ିଶା ରାଜନୀତିରେ ଏକ ଯୁଗର ଅନ୍ତ ହୋଇଛି ।

କାହ୍ନୁଚରଣଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ଡ. ହରିବାବୁ କମ୍ଭମପତି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଯେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ଅତ୍ୟନ୍ତ ଦୁଃଖିତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହିତ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ମୁଖ୍ୟମନ୍ତ୍ରୀ ।

# ରାଜ୍ୟସଭାରେ କେନ୍ଦ୍ରାପଡ଼ା ଅଙ୍ଗନବାଡ଼ିର ଜାତିଗତ ଭେଦଭାବ ପ୍ରସଙ୍ଗ

ନୂଆଦିଲ୍ଲୀ, ୧୩।୨ (ନି.ପ୍ର.): ରାଜ୍ୟସଭାରେ ଉଠିଲା ଓଡ଼ିଶା ଅଙ୍ଗନବାଡ଼ିରେ ଜାତିଗତ ଭେଦଭାବ ପ୍ରସଙ୍ଗ । କେନ୍ଦ୍ରାପଡା ଜିଲ୍ଲାର ଏକ ଅଙ୍ଗନବାଡି କେନ୍ଦ୍ର ଠାରେ ଜଣେ ଦଳିତ ସହାୟିକାଙ୍କ ସହ ହୋଇଥିବା ଜାତିଗତ ଭେଦଭାବ ଘଟଣାକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବିରୋଧୀ ଦଳ ନେତା ତଥା କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲିକାର୍ଜୁନ ଖଡଗେ ।

ଖଡଗେ କହିଛନ୍ତି, ଓଡିଶାର ଏକ ଅଙ୍ଗନବାଡି କେନ୍ଦ୍ରରେ ଦଳିତ ମହିଳା ସହାୟିକା ଭାବେ ନିଯୁକ୍ତ ହୋଇଥିବାରୁ ଗ୍ରାମବାସୀ ସେମାନଙ୍କ ପିଲାଙ୍କୁ ସେଠାରେ ଖାଇବାକୁ ଦେଉନାହାନ୍ତି। ଗତ ତିନିମାସ ଧରି ଅଙ୍ଗନବାଡି କେନ୍ଦ୍ରକୁ ବର୍ଜନ କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ଜାତିଗତ ବୈଷମ୍ୟ ସମ୍ବିଧାନକୁ ଉଲ୍ଲଂଘନ କରୁଛି। ଏହି ଘଟଣା ଶିକ୍ଷାଗତ ଅଧିକାରକୁ ମଧ୍ୟ ଉଲ୍ଲଂଘନ କରୁଛି। ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି ମଲିକାର୍ଜୁନ ଖଡଗେ। ସେ ଏହି ମାମଲାକୁ ଗୃହରେ ଶୂନ୍ୟକାଳରେ ଉଠାଇ କହିଛନ୍ତି ଯେ, ଯଦି ଏଥିରେ କାହାଦ୍ୱାରା ଗମ୍ଭୀର ଉଲ୍ଲଂଘନ ହୋଇଥିବା ଜଣାପଡ଼େ ? ତାହାହେଲେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଦରକାର ।ଖଡଗେ କହିଛନ୍ତି ଯେ,



ଏହି ଘଟଣା ଦ୍ୱାରା ସମ୍ବିଧାନର ଧାରା ୨୧(କ) ର ଉଲ୍ଲଂଘନ ହୋଇଛି। ଏହାସହ ସମ୍ବିଧାନର ଧାରା ୪୭ରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ତାହାର ମଧ୍ୟ ବ୍ୟତିକ୍ରମ ଘଟିଛି। ଏହି ଧାରା ଅନୁଯାୟୀ ପିଲାମାନଙ୍କ ପୋଷଣ ସ୍ତରକୁ ବଢାଇବା ଲାଗି ରାଜ୍ୟକୁ ଦାୟିତ୍ୱ ଦିଆଯାଇଛି। ଏହା ସହ ଖଡଗେ ନିକଟରେ ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଚଣ୍ଡିଗଡଠାରେ ଏଭଳି ଘଟଣା ଘଟିଥିବା ଉଲ୍ଲେଖ କରିଥିଲେ। କୌଣସି କର୍ମଚାରୀଙ୍କ ସହ ଜାତିଗତ ଭେଦଭାବ କେବଳ ସମ୍ବିଧାନର ଉଲ୍ଲଂଘନ ନୁହେଁ, ତାହା ମଧ୍ୟ ଏକ ଦଣ୍ଡନୀୟ ଅପରାଧ ବୋଲି ସେ କହିଛନ୍ତି।

# 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ନବରଙ୍ଗପୁର, ୧୩।୨ (ନି.ପ୍ର.): ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ, ତେଣୁ ତାଙ୍କ ଦର୍ଶନ ପାଇଁ କୌଣସି ବାଧା ରହିବା ଉଚିତ ନୁହେଁ। ପ୍ରତିଟି ଓଡିଆ ଯେପରି ଜୀବନରେ ଅନ୍ତତଃ ଥରେ ସମ୍ମାନର ସହ ମହାପ୍ରଭୁଙ୍କ ଦର୍ଶନ ପାଇବେ, ଏହି ଚିନ୍ତାଧାରା ରଖି ଆମ ସରକାର 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରିଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ଏବଂ ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଯେଉଁ ଦିନ ପ୍ରତିଟି ଗରିବ ଲୋକ ବିନା କୌଣସି ବାଧାରେ ମହାପ୍ରଭୁଙ୍କ ଚକାନୟନ ସହ ଆଖି ମିଳାଇ ପାରିବ ଏବଂ ଶ୍ରଦ୍ଧାରେ ଲୁହ ଝରାଇବ, ସେହିଦିନ ହିଁ ମୋର ମୁଖ୍ୟମନ୍ତ୍ରୀ ପଦ ସାର୍ଥକ ହେବ ଏବଂ ମୋ ପାଇଁ ସେହି ଭକ୍ତର ସନ୍ତୋଷ ହିଁ ହେବ ସର୍ବଶ୍ରେଷ୍ଠ ପୁରସ୍କାର।

ସୂଚନାଯୋଗ୍ୟ ଯେ, ଆଜି ରାଜ୍ୟର ନବରଙ୍ଗପୁର, ଭଦ୍ରକ, ବାରିପଦା, ସମ୍ବଲପୁର, ଏବଂ ବ୍ରହ୍ମପୁରଠାରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ହୋଇଛି। ୫ଟି ଜିଲ୍ଲାରୁ ପ୍ରାୟ ୫୦୦ ଶ୍ରଦ୍ଧାଳୁ ତୀର୍ଥଯାତ୍ରୀ ଏସ୍କଟ ଅଫିସରଙ୍କ ସହିତ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଯୋଜନାରେ ଚଳିତ ବର୍ଷ ରାଜ୍ୟର ୫ ହଜାର ହିତାଧିକାରୀ ଏବଂ ଆସନ୍ତା ୪ ବର୍ଷ ମଧ୍ୟରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାର




- **ନବରଙ୍ଗପୁର ନୂଆ ସରକାରୀ ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର**
- **୪୪୬ କୋଟିର ୧୭୭ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

ଲକ୍ଷ୍ୟ ରହିଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ୬୦ ରୁ ୭୫ ବର୍ଷ ବୟସ ସୀମା ମଧ୍ୟରେ ଥିବା ବରିଷ୍ଠ ନାଗରିକ ଓ ୭୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ବିଧବା ମା' ମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉଛି। ଯୋଜନାର ହିତାଧିକାରୀମାନଙ୍କୁ ଏସି ବସରେ ଯାତାୟତ ସହ ପୁରୀ ବୃନ୍ଦାବତୀ ନିବାସରେ ରହଣି ଓ ମହାପ୍ରସାଦ ସେବନର (ପୃ-୮)

# ବାଂଲାଦେଶରେ ତାରିକ୍ ସରକାର

ନୂଆଦିଲ୍ଲୀ, ୧୨।୨ (ନି.ପ୍ର): ବାଂଲାଦେଶର ସାଧାରଣ ନିର୍ବାଚନରେ ତାରିକ ରହମନଙ୍କ ଦଳ ବିଏନପି ଐତିହାସିକ ବିଜୟ ହାସଲ କରିବା ଏକ ପ୍ରକାରରେ ନିଶ୍ଚିତ ହୋଇଛି। ଐତିହାସିକ ବିଜୟ ସହ ଦୀର୍ଘ ୨୦ ବର୍ଷପରେ ବିଏନପି ବାଂଲାଦେଶରେ ସରକାର ଗଠନ କରିବାକୁ ଯାଉଛି। ସେହିପରି ୨୦୦୮ରୁ ୨୦୨୫ ଯାଏ ଲଣ୍ଡନରେ ନିର୍ବାସନ ଦଣ୍ଡ ଭୋଗିଥିବା ତାରିକ ରହମନ ବାଂଲାଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ହେବେ। ଏନପି ବାଂଲାଦେଶର ୩୦୦ ଲୋକସଭା ଆସନରୁ ୨୦୯ଟିରେ ଜିତିବାକୁ ଯାଉଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ କରିବା ପରେ ମୋଦିଙ୍କ ଶୁଭେଚ୍ଛା ମେସେଜ ସାମ୍ନାକୁ ଆସିଛି। ବାଂଲାଦେଶରେ ସରକାର ଗଠନ ପାଇଁ ୧୫୧ ସାଂସଦଙ୍କ ସମର୍ଥନ ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ବିଜୟ ପାଇଁ ବିଏନପିକୁ ଶୁଭେଚ୍ଛା ଜଣାଇଛନ୍ତି। କୂଟନୀତିକ ତିକ୍ତତା ସତ୍ତ୍ୱେ ଭାରତ ପୂର୍ବଭଳି ଗୋଟିଏ ଗଣତାନ୍ତ୍ରିକ ବାଂଲାଦେଶକୁ ସମର୍ଥନ କରିବା ଜାରି ରଖିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିଏନପିକୁ ବିଜୟ ଟିକା ପିନ୍ଧାଇଥିବା ତାରିକଙ୍କୁ ଆବେଗ ଭରା ଶୁଭେଚ୍ଛା ଜଣାଇଛନ୍ତି ମୋଦି। ସେ କହିଛନ୍ତି, "ବାଂଲାଦେଶର ସଂସଦୀୟ ନିର୍ବାଚନରେ ବିଏନପିକୁ ନିର୍ଣ୍ଣାୟକ ଜିତ ଦେଇଥିବା ତାରକ ରହମନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

## ଡାହୁକ



ଯେତେ ହୋଇଲେବି କାକୁତିମିନତୀ
ମିଳୁନେଇଁ ମୋଟା ବଟି
ସଦା ମଧ୍ୟବିତ୍ତ ହୁଏ ଅଣଦେଖା
କେନ୍ଦ୍ର ତଦ୍ଧାଇଛି ପାଟି
ସବୁ ବର୍ଷ ପରି ଏ ବରଷ ମଧ୍ୟ
ବଜେଟକୁ କରି ଆଶା
ଫସର ଫାଟିଲା ମଧ୍ୟବିତ୍ତ ପାଇଁ
ଲେଉଟିଲା ପୂର୍ବ ଦଶା

-ବିଧୂ

# ରେରାକୁ ସମାପ୍ତ କରାଯାଉ : ସିଜେଆଇ

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ରିୟଲ ଇଷ୍ଟେଟ ନିୟାମକ ପ୍ରାଧିକରଣ (ରେରା)କୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ରେରାର ଗଠନ ଉପରେ ପୁନର୍ବିଚାର କରାଯିବାର ଏହା ହେଉଛି ଉପଯୁକ୍ତ ସମୟ । କାରଣ ଏହି ସଂସ୍ଥା ଦାଗୀ ବିଲଡରଙ୍କୁ ସୁବିଧା ଦେବା ବ୍ୟତୀତ ଆଉ କିଛି କରୁ ନାହିଁ । ସିଜେଆଇ ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲା ବାଗଚୀଙ୍କ ପୀଠ କହିଛନ୍ତି ଯେ, ଯେଉଁ ଲୋକଙ୍କ ପାଇଁ ରେରା ଗଠନ ହୋଇଥିଲା, ସେମାନେ ସଂପୂର୍ଣ୍ଣ ନିରାଶ ଏବଂ ହତାଶ ।

ପୀଠ ଜୋର ଦେଇ କହିଛନ୍ତି ଯେ, ଯଦି ଏହି ସଂସ୍ଥାକୁ ବନ୍ଦ କରି ଦିଆଯାଏ ତେବେ କୋର୍ଟଙ୍କ କୌଣସି ଆପତ୍ତି ନାହିଁ। ପୀଠ ହିମାଚଳ ପ୍ରଦେଶ ସରକାରଙ୍କୁ ରେରାର କାର୍ଯ୍ୟାଳୟକୁ ନିଜ ପସନ୍ଦର ସ୍ଥାନ ଉପରେ ସ୍ଥାନାନ୍ତର କରିବାକୁ ଅନୁମତି ପ୍ରଦାନ କରି ଏହି ଟିପ୍ପଣୀ କରିଛନ୍ତି । ହିମାଚଳ ପ୍ରଦେଶ ସରକାର ଓ ଅନ୍ୟ ଦ୍ୱାରା ଦାଖଲ ଯାଚିକା ଉପରେ ପୀଠ ନୋଟିସ୍ ଜାରି କରିଛନ୍ତି । ଏଥିରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ସେହି ଆଦେଶକୁ ଚ୍ୟାଲେଞ୍ଜ ଦିଆଯାଇଥିଲା, ଯେଉଁଥିରେ ରାଜ୍ୟର ରେରା କାର୍ଯ୍ୟାଳୟକୁ ସିମଲାରୁ ଧର୍ମଶାଳା ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶୁଣାଣି ସମୟରେ ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ଦାଗୀ ବିଲଡରଙ୍କୁ ସୁବିଧା ଦେବା ବ୍ୟତୀତ ରେରା ଆଉ କିଛି କାମ କରୁ ନାହିଁ । ଭଲ ହେବ ଏହି ସଂସ୍ଥାକୁ ବନ୍ଦ କରି ଦିଆଯାଉ । ଏଥିରେ ଆମର କୌଣସି ଆପତ୍ତି ନାହିଁ। ଏବେ ସମୟ ଆସି ଯାଇଛି ସମସ୍ତ ରାଜ୍ୟ ଏହି ପ୍ରାଧିକରଣର ଗଠନ ଉପରେ ପୁନର୍ବିଚାର କରନ୍ତୁ ।

ରାଜ୍ୟ ସରକାରଙ୍କ ପକ୍ଷରୁ ହାଜର ଆଇନଜୀବୀ କହିଛନ୍ତି, ହିମାଚଳ ପ୍ରଦେଶର ରେରା କାର୍ଯ୍ୟାଳୟକୁ ସିମଲାରୁ ଧର୍ମଶାଳା ସ୍ଥାନାନ୍ତର କରିବାକୁ ନିର୍ଣ୍ଣୟ ନେଇଥିଲେ । ଯଦ୍ୱାରା ସିମଲା ସହରର ଭିଡ ହ୍ରାସ ପାଇବ । ଏହି ନିଷ୍ପତ୍ତି ସଂପୂର୍ଣ୍ଣ ପ୍ରଶାସନିକ କାରଣ ଉପରେ ଆଧାରିତ ଥିଲା ।






## ରାୟଗଡ଼ାରେ ବିଭିନ୍ନ ସ୍ଥାନରେ ପୁଣି ଲାଗିଲା ମାଓ ପୋଷ୍ଟର

**ରାୟଗଡା,୧୩।୨:(ମନ୍ଥନ)**ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାର ଗୁଡା ଛକ ନିକଟରେ ମାଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ଏହି ପୋଷ୍ଟରଟି ସିପିଆଇ ମାଓବାଦୀ ପକ୍ଷରୁ ଲେଖାଯାଇଥିବା ନେଇ କୁହାଯାଇଛି । ତେବେ ଏଥିରେ ସ୍ପଷ୍ଟ ଭାବେ ଲେଖାଯାଇଛି ଯେ, ସବ୍ୟସାଚୀ ପଣ୍ଡା, ଆଜାଦ, ଉଦୟ ଓ ନିଖିଲ ଏମାନେ କେବେ ଆଦିବାସୀ ନଥିଲେ । ଆଦିବାସୀଙ୍କୁ ନକ୍ସଲରେ ରଖି ଅତ୍ୟାଚାର କରୁଥିଲେ । ଏହାକୁ ଜବାବ ଦେବାକୁ ରାଜ୍ୟ ସମ୍ପାଦକ ମେଘଜାନୀଓ ଡମ୍ବାଇ ମାଝୀ ଓ ମାଓ ସଂଗଠନ ପ୍ରସ୍ତୁତ ଅଛି ବୋଲି



ଲେଖାଯିବା ସହିତ ଲାଲ ସଲାମ ଲେଖାଯାଇଛି । ଆଦିତ୍ୟ ବିର୍ଲା କମ୍ପାନୀ କେବିକେ ଅଞ୍ଚଳର ଲୋକଙ୍କୁ ଶୋଷଣ କରୁଥିଲେ ମଧ୍ୟ ସରକାର ନୀରବ ରହୁଛନ୍ତି । ତେଣୁ କମ୍ପାନୀକୁ ବିରୋଧ କରୁଥିବା ନେଇ ମଧ୍ୟ ଉଲ୍ଲେଖ କରାଯାଇଛି ।ଏହା ସହିତ ରାୟଗଡା ବ୍ଲକ ବାଇସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ଧୁମାଗୁଡ଼ା ବସଷ୍ଟପ ନିକଟରେ ମଧ୍ୟ ଏହି ମାଓ ପୋଷ୍ଟର ଲାଗି ଥିବା ଦେଖିବା କୁ ମିଳିଛି ।

## କେନ୍ଦ୍ରାପଡା ମହାବିଦ୍ୟାଳୟର ୬୮ତମ ସ୍ୱନକ୍ଷତ୍ର ଦିବସ

**କେନ୍ଦ୍ରାପଡ଼ା,୧୩।୨:(ମନ୍ଥନ)**ରାଜ୍ୟର ସର୍ବବୃହତ ତଥା ସର୍ବପୁରାତନ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୮ତମ ପ୍ରତିଷ୍ଠା ଦିବସ କଲେଜ ପ୍ରେକ୍ଷାଳୟରେ ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତବର୍ଷର ମର୍ଯ୍ୟାଦାଜନକ ଦାନବନ୍ଧୁ ସାହୁ ସ୍ମୃତି ସମ୍ମାନ ଆମ ରାଜ୍ୟର ଓଡିଆ ଭାଷାତତ୍ତ୍ୱବିତ, ଗବେଷକ ତଥା ସାହିତ୍ୟିକ ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ମାନପତ୍ର, ଅର୍ଥରାଶି ଓ ଉପାୟନ ପ୍ରଦାନ ପୂର୍ବକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ କ୍ୟାମ୍ପସ ବୁଲେଟିନ 'କମ୍ପୁନିକ' କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଶିକ୍ଷାନୁରାଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଜଗତ୍କୃଷ୍ଣ ବରାଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାରେ ନିଜର ବୌଦ୍ଧିକ ଉତ୍କର୍ଷ ପାଇଁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ପ୍ରତିଭା ଡକ୍ଟର ମିଶ୍ର ସମ୍ବର୍ଦ୍ଧନାର ଉତ୍ତରରେ



ନିଜର ଭାଷା ସାହିତ୍ୟ ପ୍ରତି ନିଜ ଅଙ୍ଗୀକାର ବଦ୍ଧତା ପ୍ରକାଶ କରିବା ସହ ଏଥିନିମନ୍ତେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଗତ ପରୀକ୍ଷା ଓ ବିଗତ ବର୍ଷରେ ବିଭିନ୍ନ ବିଷୟ ଏବଂ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଗତ ଏକବର୍ଷ ମଧ୍ୟରେ ବୃତ୍ତିରୁ ଅବସର ନେଇଥିବା ଅଧ୍ୟକ୍ଷ, ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ସଭାପତିତ୍ୱ କରୁଥିବା କଲେଜ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ପୂର୍ବାଶା ପ୍ରିୟଦର୍ଶିନୀ ଓ କ୍ୟାପଟେନ ସୀମା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରଞ୍ଜିତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ଡ. ସଞ୍ଜୀବ କୁମାର ମହାନ୍ତି, ରାଜେନ୍ଦ୍ର ତ୍ରିପାଠୀ, ଗୋପାଳ ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ଉପସଭାପତି ଡ. ପ୍ରଦୀପ୍ତ କିଶୋର ଦାଶ, ସମ୍ପାଦକ ଡ. ପ୍ରମୋଦ ଦାସ, ଚିତ୍ତରଞ୍ଜନ ଦାସ, ସାହିତ୍ୟିକ ଡ. ବାସୁଦେବ ଦାସ, ଅଧ୍ୟାପକ ତପନ କୁମାର ପତି, ଡ. ଗିରୀଶ ଚନ୍ଦ୍ର ପାତ୍ର, ଡ. ପ୍ରକାଶ ମଲ୍ଲିକ, କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ରମାକାନ୍ତ ମହାନ୍ତି, ଶ୍ରୀଧର ସାମଲ, ବାରେନ ରାଉତ, ଅଜୟ ସାମଲଙ୍କ ସମେତ କଲେଜ ଅଧ୍ୟାପକ ଡ. ଦେବକାନ୍ତ ଷଡଙ୍ଗୀ, ଡ. ଦିପ୍ତୀ ରାୟ, ସତ୍ୟରଞ୍ଜନ ମିଶ୍ର, ରାକେଶ କୁମାର ପ୍ରଧାନ, ହିମାଂଶୁ ଶେଖର ମହାପାତ୍ର, ସୁବ୍ରତ କୁମାର ପାତ୍ର,ଡ. ଗୌରପ୍ରସାଦ ଷଡଙ୍ଗୀ, ଡ଼ାଃ. ପଦ୍ମାବତୀ, ଡ. ପୌର୍ଣ୍ଣମାସୀ ପଣ୍ଡା, ଅଚ୍ୟୁତାନନ୍ଦ ମହାରଣା, ବିକାଶ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ।

## ବିଦ୍ୟାଳୟ ମଧ୍ୟରେ ଆତଙ୍କ ଖେଳେଇଲା ଅଜଣା ଯୁବକ

**ମାଲକାନଗିରି,୧୩।୨:(ମନ୍ଥନ)**ଆଜି ମାଲକାନଗିରି ଜିଲ୍ଲା ସଦର ଗୁଡ଼ିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିନ ପ୍ରାୟ ତିନି ଟା ସମୟରେ ଏକ ଅଜଣା ଯୁବକ ପାଚେରୀ ଡେଇଁ ସ୍କୁଲ ମଧ୍ୟରେ ପ୍ରବେଶ କରିଥିଲେ। ତାଙ୍କ ହାତରେ ଏକ ଭୁଜାଲି କାଟ ଗୋଲେଇ ସେ ଶ୍ରେଣୀ ସ୍କୁଲ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି କରିଥିଲା। ଦୀର୍ଘ ସମୟ ଧରି ସେ ଛାତ୍ରଛାତ୍ରୀ ଓ ସ୍କୁଲ ଶିକ୍ଷକ ମାନଙ୍କ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲେ। ପ୍ରାୟ ଅଧ ଘଣ୍ଟା ଧରି ଏପରି ପରିସ୍ଥିତି ରହିବା ପରେ ଶେଷରେ ଶିକ୍ଷକ ଶ୍ରୀ ସୁନ୍ଦର ସ୍କୁଲ ର ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀଙ୍କ ସହଯୋଗରେ ତାଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ଏହି ଘଟଣାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ପୋଲିସ ଏହି ଘଟଣାର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଆଗାମୀ ଦିନରେ ଯେପରି ଏଭଳି ଘଟଣା ର ପୁନରାବୃତ୍ତି ନ ହେବା ନେଇ ଅଭିଭାବକ ମାନେ ଦାବି କରିଛନ୍ତି ।

## ବୁଗୁଡ଼ାରେ ଭାରତ ବନ୍ଦର ଆଂଶିକ ପ୍ରଭାବ

**ବୁଗୁଡ଼ା,୧୩।୨:(ମନ୍ଥନ)**କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମିଳିତ ମଞ୍ଚର ୧୨ ଘଣ୍ଟିଆ। ଧର୍ମଘଟ ଓ ହରତାଳ ଡାକରା ପରିପ୍ରେକ୍ଷୀରେ ଗୁରୁବାର ଦିନ ବୁଗୁଡାରେ ପରିବହନ ସେବା ସାଙ୍ଗକୁ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ଏବଂ ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ମେଡିକାଲ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯାଇଥିଲା । ଅନ୍ୟପକ୍ଷରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ସହିତ ଦୋକାନ



ବଜାର ସ୍ୱାଭାବିକ ଭାବେ ଖୋଲା ରହିଥିଲା । ଭାରତ ବନ୍ଦ ଆହ୍ୱାନକାରୀ କୌଣସି ସଂଗଠନ କିମ୍ବା ଏହାର ସମର୍ଥନକାରୀ କୌଣସି ରାଜନୈତିକ ଦଳ ପକ୍ଷରୁ ପିକେଟିଂ କରିବାର ଦେଖାଯାଇନଥିଲା । ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ଯୋଗୁଁ ବୁଗୁଡା ବସଷ୍ଟାଣ୍ଡ ପରିସର ଖାଁ ଖାଁ ଲାଗୁଥିଲା ବେଳେ ଦୋକାନ ବଜାରରେ ଗହଳି ଚହଳି ଦେଖିବାକୁ ମିଳିଥିଲା । ଫଳରେ ବୁଗୁଡାରେ ଭାରତ ବନ୍ଦର ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଥିଲା ।

## ଖଣ୍ଡପଡ଼ାରେ ଶ୍ରମିକ ସଙ୍ଗଠନର ବନ୍ଦକୁ କଂଗ୍ରେସର ସମର୍ଥନ

**ଖଣ୍ଡପଡ଼ା, ୧୩।୨:(ମନ୍ଥନ)**ଶ୍ରମିକ ସଂଗଠନ ପକ୍ଷରୁ ଆଜି ଧର୍ମଘଟ ଡାକରା ଦିଆଯାଇଥିବା ବେଳେ ଖଣ୍ଡପଡ଼ାରେ ମଧ୍ୟ ଏହାର ପ୍ରଭାବ ଦେଖାଦେଇଛି । ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଆଜି ପୂର୍ବାହ୍ନରେ ସିଟୁ କର୍ମକର୍ତ୍ତା ତଥା ଆଶା କର୍ମୀ ମାନେ ସହରାଞ୍ଚଳ ଅଧୀନ ତହସିଲ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ସହିତ ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡିକରେ ପିକେଟିଂ କରିବା ସହିତ ବନ୍ଦରେ ସାମିଲ ନେଇ ସହଯୋଗ ମାଗିଥିଲେ । ଉଲ୍ଲେଖଯୋଗ୍ୟ ଯେ ଶ୍ରମିକ ବିରୋଧୀ ୪ ଟି ଶ୍ରମକୋର୍ଡ ଓ ଆଇନର ପ୍ରତ୍ୟାହାର, ଶ୍ରମ ଶକ୍ତି ନୀତି ୨୦୨୫ର ପ୍ରତ୍ୟାହାର, ବିଦ୍ୟୁତ୍ ସଂଶୋଧିତ ବିଲ୍ ବାତିଲ କରିବା ଓ ଅଙ୍ଗନୱାଡି ଆଶା କର୍ମୀ ଓ ପାଚିକା ମାନଙ୍କୁ ଶ୍ରମିକର ମାନ୍ୟତା ସହିତ ଧାନ ମଣ୍ଡିରେ କଟନିଛଟନି ଓ ମନରେଗାକୁ ପ୍ରସଙ୍ଗ କରି ବନ୍ଦ ଡାକରା ଦେଇଥିଲେ କଂଗ୍ରେସ ସହିତ ବିଭିନ୍ନ ସଂଗଠନ । କାର୍ଯ୍ୟକ୍ରମରେ ସିଟୁର ଜିଲ୍ଲା ସଭାନେତ୍ରୀ ସଞ୍ଜୁକ୍ତା ସେଠୀ, ଓଡିଶା ଆଶା କର୍ମୀ ସଂଘ ନୟାଗଡ ଜିଲ୍ଲା ସଭାପତି ଋପଧାରୀ ରାଉତ, ବ୍ଲକ ସଭାପତି ରୂପମଞ୍ଜରୀ ସାହୁ , କଂଗ୍ରେସ ନେତା ପ୍ରଦୀପ ପ୍ରଧାନ, ସନ୍ତୋଷିନି ସାହୁ, ପାଚିକା ସଂଘ ସଭାପତି ବାସନ୍ତୀ ବେହେରା, ସମ୍ପାଦିକା ରୀନା ନାୟକ ପ୍ରମୁଖଙ୍କ ସହ ବହୁ ମହିଳା ସାମିଲ ହୋଇଥିଲେ।

## ଟାଇଁସର ଲୋୟୋଲା ସ୍କୁଲ ରେ ପେରେଣ୍ଟ୍ସ ନାଇଟ ପାଳିତ

**କୁଚିଣ୍ଡା,୧୩।୨:(ମନ୍ଥନ)**ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ଟାଇଁସର ଲୋୟୋଲା ଇଂରାଜୀ ବିଦ୍ୟାଳୟ ଠାରେ ପେରେଣ୍ଟ୍ସ ନାଇଟ



୨୦୨୫-୨୬ ପାଳିତ ହୋଇଯାଇଛି । ବିଦ୍ୟାଳୟ ର ଅଧକ୍ଷ ଫାଦର ସାୱ୍ରୀ ମୁଥୁ ଏସ୍ ଜେ ଙ୍କ ସଭାପତିତ୍ୱ ରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁସୁମି ଥାନା ପୋଲିସ୍ ଇନ୍‌ଚାର୍ଜ ଅଞ୍ଜନ କୁମାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫାଦର ହେନ୍ଦ୍ରି ଆଲବର୍ଟ, କୁଚିଣ୍ଡା କୁଇନ ଅଫ ଦ ମିଶନ ସ୍କୁଲ ଅଧକ୍ଷା ବିନୋଦିନୀ ମିଞ୍ଜ,ରାନି ଜେକପ୍,ସିଷ୍ଟର କିଶୋରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରି ନିଜର ଲକ୍ଷ୍ୟ ପଥରେ ଆଗେଇବା ପାଇଁ ପରାମର୍ଶ ଦେଇଥିଲେ । ଆଗରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ କିରନ ବାର୍ଲା ପରିଚାଳନା କରିଥିବାବେଳେ ଶେଷରେ ସିଷ୍ଟର ଆଲିନ ତିର୍କି ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅଭିଭାବକ ତଥା ଅଞ୍ଚଳର ଅନେକ ଜନସାଧାରଣଙ୍କ ସମାଗମ ଦେଖିବାକୁ ମିଳିଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ବଣ ମଲ୍ଲି ନହୋଇ ବଗିଚାର ମଲ୍ଲି ହେବାକୁ ପରାମର୍ଶ

**କୁଚିଣ୍ଡା,୧୩।୨:(ମନ୍ଥନ)**ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ପ୍ରଥମ ପିଏମ ଶ୍ରୀ ଉତ୍ସବ ସରକାରୀ ଉଚ୍ଚ ବିଦ୍ୟାଳୟ କୁଚିଣ୍ଡା ରେ ଅତିଥି ମାନଙ୍କ ଆଗମନ ପରେ ମଞ୍ଚ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଅତିଥି ପରିଚୟ ପରେ ସଭାପତି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରଞ୍ଜିତ ବରିହା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଏଡିଇଓ ସମ୍ବଲପୁର ସତ୍ୟବ୍ରତ ସାହୁ ଯୋଗଦେଇଥିବା ବେଳେ,ମୁଖ୍ୟ ବକ୍ତା ଭାବେ କେନ୍ଦ୍ରିୟ ବିଦ୍ୟାଳୟ ଅଧକ୍ଷ ଜୟନ୍ତ କୁଅାଁ, ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ ସି, ଏମପି ନୋମିନି ରୁଦ୍ରପ୍ରତାପ ଦେଓ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରି ଲକ୍ଷ୍ୟ ପଥରେ ଆଗେଇବା ପାଇଁ ପରାମର୍ଶ ଦେଇଥିଲେ ଏହା ସହିତ ବଣ ମଲ୍ଲି ନହୋଇ ବଗିଚାର ମଲ୍ଲି



ହେବାକୁ ତାଙ୍କ ବକ୍ତବ୍ୟରେ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମ କୁ ଶିକ୍ଷକ ସୁଶିଲ ମହାକୁଳ ପରିଚାଳନା କରିଥିବାବେଳେ, ଶେଷରେ ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ ସରୋଜ ମାଝୀ,କୈଳାସ ଚନ୍ଦ୍ର ପଟେଲ, ରାକେଶ ପଟେଲ,ଗୀତା ନାୟକ, ତପସ୍ୱିନୀ ଟେରେଇ,ଝୁମିତା ବାଘ, ଭାନୁମତୀ ଭୀମ,ରାଜେଶ୍ୱରୀ ନାଏକ, ଅନାଦି କୁମାର, ପୁରୁଷୋତ୍ତମ ପାତ୍ର, ଅଭିଷେକ ଦେଓ,ସନାତନ ଓରାମ ପ୍ରମୁଖ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ବିଟ ହାଉସରେ ତାଲା, ଉଜୁଡୁଛି ସଂରକ୍ଷିତ ଜଙ୍ଗଲ

**ଖଣ୍ଡପଡ଼ା, ୧୩।୨:(ମନ୍ଥନ)**ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ଗୋହିରିଆପଡ଼ା ବିଟ ହାଉସରେ ଅଧିକାଂଶ ସମୟ ତାଲାଝୁଲୁଥିବା ବେଳେ ଅଞ୍ଚଳରେ ଥିବା ସଂରକ୍ଷିତ ଜଙ୍ଗଲ ଓ ଜମି ଉଜୁଡିବାକୁ ବସିଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନାଅନୁଯାୟୀ ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ଗୋହିରିଆପଡ଼ା ବିଟ ଅଧୀନରେ ଗୋସିଙ୍ଗ ଜଙ୍ଗଲ ଓ ଅନ୍ୟାନ୍ୟ ସଂରକ୍ଷିତଜଙ୍ଗଲ ଥିବାବେଳେ ଏବେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଥିବା ସୂଚନା ମିଳିଛି । ଫଳରେ ମୂଲ୍ୟବାନ ଗଛ ସହବନ୍ୟଜନ୍ତୁଙ୍କ ଜୀବନ ଏବେ ବିପନ୍ନ ହୋଇଛି । ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଗତ ପ୍ରାୟ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ବିଟ ହାଉସରେ ଏହି ଅଚଳାବସ୍ଥା ସୃଷ୍ଟି ହୋଇଥିବା ବେଳେ ଏଠାରେ ନିୟମିତ ଫରେଷ୍ଟ ଗାର୍ଡ ନିଯୁକ୍ତି ହୋଇନାହାନ୍ତି ।



ଅନ୍ୟପକ୍ଷରେ କିଛି ମାସ ତଳେ ଏଠାରେ ନୟାଗଡ ବନଖଣ୍ଡ ଅଧିକାରୀଙ୍କପକ୍ଷରୁ ନିଯୁକ୍ତ ଗାର୍ଡ ଦୁଇଟି ବିଟ ହାଉସ ଋର୍ଜରେ ଥିବା ଏବଂ ଗୋହିରିଆପଡା ଆସୁନଥିବା ସ୍ଥାନୀୟ ବାସିନ୍ଦାକୁହନ୍ତି । ତେବେ କର୍ମଚାରୀଙ୍କ ଅନୁପସ୍ଥିତି ଓ ପାଟ୍ରୋଲିଂ ଅଭାବରୁ କେଉଁଠି ଅବାଧ ଗଛକଟା ହେଲାଣି ତ କେଉଁଠିଜଙ୍ଗଲ ଜମିରୁ ମାଟି ଲୁଟ ହେଉଥିବା ସ୍ଥାନୀୟ ପଞ୍ଚାୟତ ବାସିନ୍ଦା ଅଭିଯୋଗ କରିଛନ୍ତି । ଫଳରେ ଶାଳ, ଶାଗୁଆନ ଭଳିମୂଲ୍ୟବାନ ବୃକ୍ଷ ସହ ବିଭିନ୍ନ ପ୍ରକାର ବନ୍ୟଜନ୍ତୁରେ ପରିପୂର୍ଣ୍ଣ ଗୋସିଙ୍ଗ ଓ ଅନ୍ୟ ସଂରକ୍ଷିତ ଜଙ୍ଗଲ ସୁରକ୍ଷାନେଇ ପ୍ରଶ୍ନ ଉଠାଇଛନ୍ତି ପଞ୍ଚାୟତ ବାସିନ୍ଦା । ତେବେ ମାସ ମାସ ଧରି ଏଭଳି ସ୍ଥିତି ଥିବାବେଳେ ଜଙ୍ଗଲ ସୁରକ୍ଷାକାଗଜପତ୍ରରେ ଋଳିଥିବା ଅଭିଯୋଗ କରିଛି ଭାରତୀୟ ବିକାଶ ପରିଷଦ । ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ରାଣୀଛେଲି ଏବଂ ଗୋହିରିଆପଡ଼ା ଗ୍ରାମବାସୀ ଦାବି କରିଛନ୍ତି ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଚିତ୍ରକୋଣ୍ଡା ବ୍ଲକ ବିଜେପିର ପୂର୍ବତନ ମଣ୍ଡଳ ସଭାପତି ଆହତ

**ମାଲକାନଗିରି,୧୩।୨:(ମନ୍ଥନ)** ସୂଚନା ମୁତାବକ, ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ପୂର୍ବତନ ସରପଞ୍ଚଙ୍କ ମାଆଙ୍କ ଦେହାନ୍ତ ହୋଇଥିଲା । ତେବେ ହେମନ୍ତଙ୍କ ସହ ତାଙ୍କ ସାଙ୍ଗ ମଶାଣିକୁ ଯାଇଥିଲେ, ମଶାଣିରୁ ଫେରିବା ସମୟରେ ଚିତ୍ରକୋଣ୍ଡାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିଲେ । ସେହି ସମୟରେ କିଛି ଅଜଣା ବ୍ୟକ୍ତିଙ୍କ ସହ କଥା କଟାକଟି ହୋଇଥିଲା । ଏହାର କିଛି ସମୟ ପରେ ସେହି ଦୁଇ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚି ହଠାତ ଏକ ଧାରୁଆ। ଅସ୍ତ୍ରରେ ହେମନ୍ତଙ୍କ ଉପରେ ଆକ୍ରମଣ କରିଥିଲେ । ଏଥିରେ ହେମନ୍ତ ଆହତ ହୋଇଥିବା ସହ ତାଙ୍କ ସାଙ୍ଗ ଏହାକୁ ରୋକିବାକୁ ଯାଇ ସେ ମଧ ଆହତ ହୋଇଛନ୍ତି । ତେବେ ଏ ସମ୍ବନ୍ଧରେ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି । ଆହତ ଦୁଇ ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

## ଅନୁଗୋଳ ଜିଲ୍ଲାସ୍ତରୀୟ ପାଇଲଟ୍ 'ରାଗି ଲଡୁ' କାର୍ଯ୍ୟକ୍ରମର ଶୁଭାରମ୍ଭ

**ଅନୁଗୋଳ,୧୩।୨:(ମନ୍ଥନ)**ଶିଶୁମାନଙ୍କ ପୁଷ୍ଟିସାଧନ ନିମନ୍ତେ ଅନୁଗୋଳ ଜିଲ୍ଲାସ୍ତରୀୟ ପାଇଲଟ୍ 'ରାଗି ଲଡୁ' ବଣ୍ଟନ କାର୍ଯ୍ୟକ୍ରମ ଆଜି ଛେଣ୍ଡିପଦାଠାରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା ଯୋଗଦେଇ ଶିଶୁମାନଙ୍କୁ ଅପପୁଷ୍ଟିରୁ ରକ୍ଷା କରିବା ଏବଂ ସ୍ଥାନୀୟ ଋଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ମାଣ୍ଡିଆ। ବା ରାଗି ଭଳି





ପାରମ୍ପରିକ ଶସ୍ୟର ବ୍ୟବହାର କରିବାକୁ କହିଥିଲେ । ଏହି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ୪୬୫ଟି ଅଙ୍ଗନବାଡ଼ିର ପ୍ରାୟ ୧୦,୫୭୩ ଜଣ ଶିଶୁଙ୍କୁ ସ୍ୱାସ୍ଥ୍ୟକର ମାଣ୍ଡିଆ। ଲଡୁ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୂପମା ପାଣିଙ୍କ ସମେତ ମିଶନ ଶକ୍ତିର ମହିଳା ସଦସ୍ୟା, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡା ଜିଲ୍ଲାରେ ଭାରତ ବନ୍ଦ ସମ୍ପୂର୍ଣ୍ଣ ସଫଳ

**କେନ୍ଦ୍ରାପଡ଼ା,୧୩।୨:(ମନ୍ଥନ)**ମନରେଗା ବଞ୍ଚାଅ - ଭି. ବି. ଜି.ରାମ୍.ଜି ଆଇନକୁ ପ୍ରତ୍ୟାହାର କର, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ରଦ୍ଦ କର, ଜନ ବିରୋଧୀ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର କର, କୃଷକ ବିରୋଧୀ ବିହନ ବିଲ୍ -୨୦୨୫ ବାତିଲ କର, ଧାନ ମଣ୍ଡିରୁ ସରକାରୀ ମୂଲ୍ୟରେ ସମସ୍ତ ଧାନକ୍ରୟ କର, କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ କର ପ୍ରଭୃତି ୨୧ଦଫା ଦାବିରେ ଗୁରୁବାର ଦେଶବ୍ୟାପୀ ସାଧାରଣ ଧର୍ମଘଟ କେନ୍ଦ୍ରାପଡା ଜିଲ୍ଲା ତଥା ସହରରେ ସମ୍ପୂର୍ଣ୍ଣ ସଫଳ ହୋଇଛି। କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନମାନଙ୍କ ମିଳିତ ମଞ୍ଚ,ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ ସ୍ୱାଧୀନ ଫେଡରେସନ ସମୂହ ଡ଼ାକରାରେ କେନ୍ଦ୍ରାପଡା ଜିଲ୍ଲାରେ କଂଗ୍ରେସ ସମେତ ସମସ୍ତ ବାମଦଳ ବନ୍ଦରେ ସିଧାସଳଖ ସାମିଲ ହୋଇଥିଲେ। ବିଜେଡି ପୂର୍ଣ୍ଣ ସମର୍ଥନ ଜଣାଇ ବିଭିନ୍ନ ସ୍ଥାନରେ ସାମିଲ ହୋଇଥିଲା। କେନ୍ଦ୍ରାପଡା ସହରର ତିନିମୁହାଣୀ ଛକରେ ସକାଳ ଛଅ ଘଟିକାରୁ ପିକେଟିଂ କରାଯାଇ କଟକ ଚାନ୍ଦବାଲି ରାସ୍ତାକୁ ବନ୍ଦ କରି ଦିଆଯାଇଥିଲା। ପରେ ଶୋଭାଯାତ୍ରାରେ ଯାଇ ବିଭିନ୍ନ ଅଫିସ ଦପ୍ତର, ବ୍ୟାଙ୍କ, ବୀମା, ପୋଷ୍ଟାଲ, ଦୋକାନ ବଜାର, ସ୍କୁଲ କଲେଜ ବନ୍ଦ କରାଯାଇଥିଲା। ଅନ୍ୟ ପକ୍ଷରେ ଏହି ବନ୍ଦକୁ ସମସ୍ତ ବ୍ୟାଙ୍କ, ବୀମା ଓ ପୋଷ୍ଟାଲ କର୍ମଚାରୀ ସଙ୍ଘ ପକ୍ଷରୁ ସମର୍ଥନ କରି ବନ୍ଦରେ ସାମିଲ ହୋଇଥିଲେ। ଆଶା, ପାଚିକା,



ଅଙ୍ଗନବାଡି କର୍ମୀ, ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ପକ୍ଷରୁ ମଧ ବନ୍ଦକୁ ସମର୍ଥନ କରାଯାଇଥିଲା। ବନ୍ଦ ପରିପ୍ରେକ୍ଷୀରେ ଆହୁତ ସାଧାରଣ ସଭାରେ ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ତଥା ସଂଯୁକ୍ତ କିଷାନ ମୋର୍ଚ୍ଚା ଜିଲ୍ଲା ଆବାହକ ଗାୟଧର ଧଳ ସଭା ପରିଚାଳନା କରିଥିଲେ। ଏହି ସଭାରେ ଆଇଏନଟିୟୁସି ସଭାପତି ମୁକ୍ତାର ଖାଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସନ୍ତୋଷ ବେହେରା, କଂଗ୍ରେସ ନେତା ପ୍ରଫୁଲ ଦାସ, ସିପିଆଇ ନେତା ରମଣୀରଞ୍ଜନ ରାଉତରାୟ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡ଼ ସିପ୍ରା ମଲ୍ଲିକ, ସିଟୁ ନେତା ଜଗତ ଜୀବନ ଦାସ, ମାଧବ ଦାସ, ଏଆଇଟିୟୁସି ନେତା ବାବାଜୀ ଧଳ, ଆଇଏନଟିୟୁସି ନେତା ଫକୀର ଖଟୁଆ, ବିଧୁଭୂଷଣ ମହାପାତ୍ର, ୟୁଟିୟୁସି ପକ୍ଷରୁ ଏଲିନା ସାମନ୍ତରାୟ, ହୀରାମଣି ରାଉତ, ଯୁବ ବିଜେଡି ନେତା ରାଜେଶ ପଣ୍ଡା, ଏଚଏମ୍‌ଏସ ନେତା ତ୍ରିଲୋଚନ ଦାସ, କିଷାନ କଂଗ୍ରେସ ନେତା ମହେନ୍ଦ୍ର ପରିଡା, ନବନିର୍ମାଣ କୃଷକ ସଙ୍ଗଠନ ନେତା ହୃଷିକେଶ ନାୟକ, ଅଖିଳ ଭାରତକୃଷକ ସଭା ନେତା ଆଦିକନ୍ଦ ରାଉଳ, ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ନେତା ଅଜୟ ସାମଲ, ଶିକ୍ଷକ ନେତା ତ୍ରିଲୋକ୍ୟନାଥ ସ୍ୱାଇଁ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ସୁଶୀଲ ସାମଲ, ବ୍ୟାଙ୍କ କର୍ମଚାରୀ ନେତା ଆଶୁତୋଷ ପ୍ରସାଦ, ପାଚିକା ନେତ୍ରୀ କୁମୁଦିନି ସେନାପତି, ସଂଜୁଲତା ଦାସ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରର ଜନ ବିରୋଧୀ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା କରିବା ସହିତ ସାରା ଜିଲ୍ଲାରେ ଏହି ଧର୍ମଘଟକୁ ଦଳ ମତ ନିର୍ବିଶେଷରେ ସବୁମତେ ସଫଳ କରି ଥିବାରୁ ଜନଗଣଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ବିଭ୍ରାଂଶୁ ଦାସ, ଦିଲ୍ଲୀପ ପ୍ରଧାନ, ରାଜୀବ ମିଶ୍ର, ଲୋଚନ ମିଶ୍ର, ଜ୍ୟୋତିରଞ୍ଜନ ପରିଡା, ନିରାକାର ସାହୁ, ଅଶୋକ ନାଥ, କାମିନୀ କର, ଆରତୀ ପରିଡା, ସରସ୍ୱତୀ ଦାସ, ରେଣୁବାଳା ପ୍ରଧାନ, ନିର୍ମଳା ସିଂ, କୋରେସା ବିବି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

## କାନାର ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ ଆୟୋଜନ

**ଫୁଲନଖରା,୧୩।୨:(ମନ୍ଥନ)**ପ୍ରତାପନଗରୀ ସ୍ଥିତ ମା ଧାକୁଲେଇ ପୀଠସ୍ଥଳୀର ସମ୍ମିଳନୀ ଗୃହରେ କାନାର ବ୍ୟାଙ୍କ ଆନୁକୁଲ୍ୟରେ ଆର୍ଥିକ ସାକ୍ଷରତା ସପ୍ତାହ ଅତ୍ୟନ୍ତ ସଫଳତାର ସହ ପାଳିତ ହୋଇଯାଇଛି । ମଣ୍ଡଳ ପରିଚାଳକ, ଆଞ୍ଚଳିକ କାର୍ଯ୍ୟାଳୟ ଶ୍ରୀଯୁକ୍ତ ତାପସ ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ସାଧାରଣ ନାଗରିକ, ବିଶେଷକରି ମହିଳାମାନଙ୍କ ମଧ୍ୟରେ ଆର୍ଥିକ ଜ୍ଞାନ ବୃଦ୍ଧି କରାଇବା । ମୁଖ୍ୟ ଅତିଥି ଭାବେ ସହକାରୀ ସାଧାରଣ ପ୍ରବନ୍ଧକ ଆଞ୍ଚଳିକ କାର୍ଯ୍ୟାଳୟ ଶ୍ରୀମତୀ ଅକିଳା ଟି ଯୋଗଦେଇ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ବିସ୍ତୃତ ମତ ପ୍ରକାଶ କହିଛନ୍ତି , ଆଜିର ଡିଜିଟାଲ ଯୁଗରେ ଲୋକମାନଙ୍କ ପାଇଁ ସଠିକ ଆର୍ଥିକ ନିଷ୍ପତ୍ତି ନେବା ଅତ୍ୟନ୍ତ ଜରୁରୀ । ବ୍ୟାଙ୍କ ଖାତାର ସଠିକ ବ୍ୟବହାର, ନିୟମିତ ସଞ୍ଚୟ, ଯୋଗ୍ୟ ବିନିଯୋଗ ଓ ବୀମା ସୁବିଧା ବ୍ୟବହାର କରିବା ଦ୍ୱାରା ପରିବାରର ଆର୍ଥିକ ସୁରକ୍ଷା ନିଶ୍ଚିତ ହୁଏ । ସମ୍ମାନିତ ଅତିଥିମାନେ ନଖରା ଶାଖା ପ୍ରବନ୍ଧକ ମିନାକ୍ଷୀ ଘୋଷ, ଗୋପାଳପୁର ଶାଖା ପ୍ରବନ୍ଧକ ପୃଥିବୀ ରଞ୍ଜନ ସାସମଲ,



ପ୍ରତାପନଗରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ ଓ ସମ୍ପାଦକ ପ୍ରମୋଦ କୁମାର ବେହେରା ମଧ ଆର୍ଥିକ ଶୃଙ୍ଖଳାବଦ୍ଧତା ଓ ସଚେତନତା ଉପରେ ଜୋର ଦେଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇ ସଞ୍ଚୟ ଯୋଜନା, ଫିକ୍ସଡ୍ ଡିପୋଜିଟ, ରିକରିଂ ଡିପୋଜିଟ, ମୁଦ୍ରା ଋଣ, ସ୍ୱୟଂସହାୟକ ଗୋଷ୍ଠୀ ଋଣ, ଜୀବନ ଓ ଫସଲ ବୀମା, ପେନସନ ଯୋଜନା ଏବଂ ଡିଜିଟାଲ ଆଦାନପ୍ରଦାନ ସମ୍ପର୍କରେ ସଚେତନତା ଲାଭ କରିଥିଲେ । ବ୍ୟାଙ୍କ ପକ୍ଷରୁ ଆର୍ଥିକ ଠକେଇରୁ କିପରି ସୁରକ୍ଷିତ ରହିବା, ଓ ଟି ପି କିମ୍ବା ପିନ କାହା ସହିତ ଅଂଶୀଦାର କରିବା ନୁହେଁ, ସନ୍ଦେହଜନକ ଫୋନ କଲ୍ରୁ ସାବଧାନ ରହିବା ଇତ୍ୟାଦି ବିଷୟରେ ମଧ ମୂଲ୍ୟବାନ ପରାମର୍ଶ ଦିଆଯାଇଥିଲା । ଅଧ୍ୟକ୍ଷ ଶ୍ରୀ ବେହେରା ତାଙ୍କ ଉଦ୍ବୋଧନରେ ପ୍ରକାଶକରିଛନ୍ତି ଯେ, ଆର୍ଥିକ ସାକ୍ଷରତା କେବଳ ଧନ ସଞ୍ଚୟରେ ସୀମିତ ନୁହେଁ; ଏହା ଏକ ଦୀର୍ଘମିୟାଦୀ ଯୋଜନା ଓ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ଜୀବନ ଗଠନର ଆଧାରଯ ଗ୍ରାମ ଓ ସହର ଉଭୟ ଅଞ୍ଚଳରେ ଏପରି କାର୍ଯ୍ୟକ୍ରମ ଆୟୋଜନ ହେବା ଦ୍ୱାରା ନାଗରିକମାନେ ଆର୍ଥିକ ଭାବେ ସଶକ୍ତ ହେବେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ପ୍ରକାଶ ପାଇଥିବା ବେଳେ, ଉପସ୍ଥିତ ନାଗରିକମାନେ ଏହାକୁ ଅତ୍ୟନ୍ତ ଉପକାରୀ ଓ ସମୟୋପଯୁକ୍ତ ବୋଲି ମତ ପ୍ରକାଶ କରିଥିଲେ।



# ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ କେନ୍ଦ୍ରମନ୍ତ୍ରୀ ଓ ରାଷ୍ଟ୍ର ମନ୍ତ୍ରୀ ଙ୍କୁ ଚିଠି ଲେଖିଲେ ସାଂସଦ ରୁଦ୍ର ନାରାୟଣ ପାଣି

ଅନୁଗୁଳ, ୧୩।୨:(ମନ୍ଥନ) ଢେଙ୍କାନାଳ ବନଖଣ୍ଡ ଅଞ୍ଚଳରେ ହାତୀ ଆକ୍ରମଣ ରେ ୩ ଜଣଙ୍କର ମୃତ୍ୟୁ ଘଟିଛି ଏହାକୁ ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଉଦବେଗ ପ୍ରକାଶ କରିବା ସହ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ରାଷ୍ଟ୍ର ମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିବା ସହ ଏ ଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି । ଉଭୟ ବିଭାଗୀୟ ମନ୍ତ୍ରୀ ଙ୍କୁ ଚିଠି ରେ ଉଲେଖ କରି ଭାରାକ୍ରାନ୍ତ ହୃଦୟରେ ମୁଁ ଏହି ଚିଠିଟି ଲେଖୁଛି । ହାତୀ ଦ୍ୱାରା ମଣିଷ ମୃତ୍ୟୁର ଦୁଃଖଦ ଘଟଣା ବିଷୟରେ ମୁଁ ଆପଣଙ୍କ ସହିତ ଅନେକ ଥର କଥା ହୋଇଛି । ଆପଣଙ୍କ ସହକର୍ମୀ, କେନ୍ଦ୍ର ମନ୍ତ୍ରୀ, ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଥରେ ଏହି ଦୁଃଖଦ ବିଷୟଟି ମୋ ନିକଟରେ ଉଲ୍ଲେଖ କରିଥିଲେ । ଗତକାଲି, ୧୦.୦୨.୨୦୨୬



ରେ, ମଙ୍ଗଳବାର ଦିନ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ ସଦର , କାଇମାଟି ପଞ୍ଚାୟତ ଏବଂ ଓଡ଼ିଶାର ଢେଙ୍କାନାଳ ବନଖଣ୍ଡ, ଢେଙ୍କାନାଳ ଲୋକ ସଭା ନିର୍ବାଚନ ମଣ୍ଡଳୀର ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ଅଛଣ୍ଡା ଏବଂ ଲୋଚପାଲି ଗ୍ରାମର ତିନି ଜଣ ଅନୁସୂଚିତ ଜନଜାତି ମହିଳାଙ୍କୁ ଏକ ହାତୀ ଦଳି ମାରି ଦେଇଥିଲା । ସେମାନେ ଜଙ୍ଗଲରୁ କାଠ ସଂଗ୍ରହ କରିବାକୁ ବାହାରକୁ ଯାଇଥିଲେ । ଅନ୍ୟ ତିନି ଜଣ ମହିଳା ମଧ୍ୟ ଗୁରୁତର ଆହତ ହୋଇଥିଲେ । ପୂର୍ବରୁ ଢେଙ୍କାନାଳ ବନାଞ୍ଚଳର ହିନ୍ଦୋଳ ରେଞ୍ଜର ବାଘଧାରିଆ ଗ୍ରାମରେ ଗୋଟିଏ ସକାଳେ ହାତୀ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । ମୁଁ ଲୋକସଭାରେ ଏହି ପ୍ରସଙ୍ଗ ଉଠାଇଥିଲି, ଏବଂ ଆପଣ ପ୍ରତିକ୍ରିୟା ଦେଇଥିଲେ । ହାତୀମାନେ ଗୋଟିଏ ସମୟରେ ଗୋଟିଏ କିମ୍ବା ଦୁଇଟି ଲୋକଙ୍କୁ ହତ୍ୟା କରିବା ଏକ ସାଧାରଣ ଘଟଣା, କିନ୍ତୁ ଏକାଥରେ ତିନି ଜଣଙ୍କୁ ହତ୍ୟା କରିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଏହି ପ୍ରକାରର ଘଟଣା ହୁଏତ ଓଡ଼ିଶାରେ ସବୁଠାରୁ ଅଧିକ ଦେଖାଯାଏ, ବିଶେଷକରି ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲାରେ ୨୦୨୩ ମସିହାରେ, ଅନୁଗୁଳ ଜିଲ୍ଲାରେ ଗୋଟିଏ ସକାଳେ ହାତୀ ଆକ୍ରମଣରେ ଚାରି ଜଣ ଲୋକ ପ୍ରାଣ ହରାଇଥିଲେ । ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଆପଣ ଏହି ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ରାଜ୍ୟ ସହିତ ମିଶି ହାତୀ ଦ୍ୱାରା ଜୀବନ ଏବଂ ସମ୍ପତ୍ତିର କ୍ଷତି ରୋକିବା ପାଇଁ ପ୍ରଭାବଶାଳୀ, ବୈଜ୍ଞାନିକ ପଦକ୍ଷେପ ନିଅନ୍ତୁ ବୋଲି ସାଂସଦ ଶ୍ରୀ ପାଣି ଅନୁରୋଧ କରିଛନ୍ତି ।

# ଛତ୍ରପତି ଶିବାଜୀ ଜୟନ୍ତୀ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୩।୨:(ମନ୍ଥନ)ଛତ୍ରପତି ଶିବାଜୀ ମହାରାଜ ରଥଯାତ୍ରା ଓ ଶିବାଜୀ ଜୟନ୍ତୀ ମହୋତ୍ସବ ଚଳିତ ବର୍ଷ ଓଡିଶା ରାଜ୍ୟ ପୁରୀ ରେ ଆୟୋଜିତ ହେବାକୁ ସ୍ଥିର ହୋଇଛି। ପୁରୀ ରେ ଚଳିତ ମାସ ୧୮ ଓ ୧୯ ତାରିଖରେ ଏହାକୁ ଭବ୍ୟ ଓ ଶୃଙ୍ଖଳା ର ସହ ଆୟୋଜନ କରାଯିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ



ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ ଅଧ୍ୟକ୍ଷତା କରିବା ସହ ଏହି ମହୋତ୍ସବକୁ ସୁନ୍ଦର ଭାବେ ଆୟୋଜନ ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆୟୋଜକ ମାନଙ୍କ କାର୍ଯ୍ୟସୂଚୀ, ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ । ଶିବାଜୀ ଜୟନ୍ତୀ ମହୋତ୍ସବର ରାଜ୍ୟ ସଂଯୋଜକ ସରୋଜ କୁମାର ଭୂୟାଁ ବିଷଦ ସୂଚନା ଦେଇ ଏହି କାର୍ଯ୍ୟକ୍ରମ ପ୍ରତି ବର୍ଷ ଭିନ୍ନ ଭିନ୍ନ ରାଜ୍ୟ ରେ ହୋଇଥାଏ ଓ ଚଳିତ ବର୍ଷ ଓଡିଶା ଭାଗରେ ପଡିଛି । ତେଣୁ ଏହାକୁ ସମସ୍ତଙ୍କ ଉଦ୍ୟମ ରେ ସଫଳ କରାଯିବ ବୋଲି ସେ କହିଥିଲେ । ଅନ୍ୟତମ ସଂଯୋଜକ ରମେଶ ହିରବେ ସମାରୋହରେ ସାମିଲ ଅତିଥି ଓ ବ୍ୟକ୍ତି ମାନେ ଚଳିତ ମାସ ୧୮ ତାରିଖରେ ପୁରୀ ରେ ପହଞ୍ଚିବେ ଓ ୧୯ ତାରିଖରେ ରେ ଏକ ସୁଦୃଶ୍ୟ ଶୋଭାଯାତ୍ରାରେ ଛତ୍ରପତି ମହାରାଜା ଙ୍କ ରଥ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇ,ଅରୁଣ ସ୍ତମ୍ଭ ନିକଟରେ ପୂଜାର୍ଚ୍ଚନା କରି ଅପରାହ୍ନ ରେ ଟାଉନ ହଲ ଠାରେ ପହଞ୍ଚିବ । ସମସ୍ତ ଅତିଥି ଓ ଶ୍ରଦ୍ଧାଳୁ ଟାଉନ ହଲ ଠାରେ ଏକତ୍ର ହେବେ। ଟାଉନ ହଲ ଠାରେ ମହୋତ୍ସବ ବୈଠକ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ । ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା ରକ୍ଷା, ପାନୀୟ ଜଳ, ଅଗ୍ନି ଶମ ସେବା ବ୍ୟବସ୍ଥା ,ମନ୍ଦିର ନିକଟରେ ପୂଜାର୍ଚ୍ଚନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ରାଜ୍ୟ କାର୍ଯ୍ୟ କାରୀ ସଭାପତି ନିବେଦିତା ନାୟକ କାର୍ଯ୍ୟକ୍ରମ ର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ବୈଠକରେ ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ,ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ କୁମାର ବେହେରା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା ଅଶୋକ କୁମାର ମିଶ୍ର ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଗଞ୍ଜାମରେ ବନ୍ଦ ସଫଳ ----ସିପିଆଇଏମର ବିକ୍ଷୋଭ

ଗଞ୍ଜାମ, ୧୩।୨:(ମନ୍ଥନ)ଭାରତ ବନ୍ଦ ଡାକରା ଗଞ୍ଜାମ ସହରରେ ସଫଳ ହୋଇଥିବା ଜଣା ପଡିଛି । ଏହି ଭାରତ ବନ୍ଦ ର ପ୍ରଭାବ ପଡିଛି ସହରରେ । ସିପିଆଇଏମ ନେତା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏଙ୍କ ନେତୃତ୍ୱରେ ଶତାଧିକ ବାମପନ୍ଥୀ ନେତା ଓ କର୍ମୀ ଜୟଶ୍ରୀ ଛକରୁ ଏକ ବିରାଟ ଶାନ୍ତି ପୂର୍ଣ୍ଣ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ । ବାମପନ୍ଥୀଙ୍କ ଏହି ରାଲି ସମୟରେ ବଜାରର ବିଭିନ୍ନ ବ୍ୟବସାୟୀ ମାନେ ନିଜେ ନିଜେ ଦୋକାନ ବଜାର ବନ୍ଦ କରୁଥିବା ଦେଖିବାକୁ ମିଳିଥିଲା । ବ୍ଲକର ସମସ୍ତ ଚାରିଟା ଲକ୍ଷ୍ମୀ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଲକ୍ଷ୍ମୀ ବସ ଚଳାଚଳ ବନ୍ଦ ଥିବାରୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହିଭଳି ଗାଡି ବନ୍ଦ ଯୋଗୁଁ ବିଭିନ୍ନ ଅଞ୍ଚଳରୁ




ଆସୁଥିବା ପନିପରିବା ବେପାରୀ ମଧ୍ୟ ମାର୍କେଟକୁ ଆସିନଥିବା ଦେଖିବାକୁ ମିଳିଥିଲା । ସହର ଖାଁ ଖାଁ ଲାଗିଥିଲା । ଏଥିରେ ସିପିଆଇଏମ, ସିଆଇଟିୟୁ, ସିପିଆଇ, ଏଆଇଟିୟୁସି, ଜୟଶ୍ରୀ କେମିକାଲସ ଶ୍ରମିକ ସଂଗଠନ ସାମିଲ ହୋଇଥିଲେ । ବିକ୍ଷୋଭ ବେଳେ ଶ୍ରମିକ ସଂଗଠନ ନେତା ଦିଲ୍ଲୀପ ଛୋଟରାଏ,ଖଣ୍ଡଦେଉଳି ସରପଞ୍ଚ ବୈରାଗୀ ବେହେରା,ରାମଚନ୍ଦ୍ର ନାୟକ, ଖଲି ସ୍ୱାଇଁ, ଅଜୟ ଗୌଡ଼, ପଦ୍ମଲାଭ ପ୍ରଧାନ,ସୁଜିତ ବେହେରା, କୃଷ୍ଣ ଗୌଡ଼ ଗଙ୍ଗାଧର ରେଡି,ମନୋଜ ସାହୁ, ଧର୍ମରାଜ ସ୍ୱାଇଁ, ସତୀଶ ସ୍ୱାଇଁ,ସିମାଞ୍ଚଳ ପଲାଇ, ପ୍ରଶାନ୍ତ ଛଟେଇ, ଏନ. ଗଙ୍ଗାଧର ରେଡି, ଆର. ଦିବାକାର ରେଡି, ଆର. କୃଷ୍ଣଚନ୍ଦ୍ର ରେଡି, ଶିବରାମ ରେଡି,ଏ ଆଇ ଟି ୟୁ ସି ର ସିମାଞ୍ଚଳ ପଲାଇ, ପୂର୍ଣ୍ଣ ପଲାଇ, ପ୍ରତାପ ବିଶ୍ୱାଳ, ଶରତ ପରିଡା, ସୁଶାନ୍ତ ବାରିକି ଙ୍କ ସମେତ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ ।

# ନରସିଂହ ଓ କଂଗ୍ରେସ ବଲାଙ୍ଗିର ପାଇଁ ବିକାଶ ଆଣିଛନ୍ତି - ସମରେନ୍ଦ୍ର

ବଲାଙ୍ଗିର, ୧୩।୨:(ମନ୍ଥନ) ୨୦୧୪ ମସିହା ପୂର୍ବବର୍ତ୍ତୀ ବଲାଙ୍ଗିର ଓ ୨୦୧୪ ରୁ ୨୦୨୪ ଦଶ ବର୍ଷର ବଲାଙ୍ଗିର ର ଅବସ୍ଥା କେବଳ ଆମ ଅଂଚଳର ଲୋକ ନୁହନ୍ତି, ସାରା ରାଜ୍ୟ ଦେଖିଛି । ନରସିଂହ ମିଶ୍ରଙ୍କ ନେତୃତ୍ୱରେ ବଲାଙ୍ଗିର ନିର୍ବାଚନ ମଣ୍ଡଳି ଅଭୁତପୂର୍ବ ବିକାଶ ଜିଲ୍ଲାର ଅନ୍ୟ ନିର୍ବାଚନ ମଣ୍ଡଳି ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲା ମାନଙ୍କରେ ମଧ୍ୟ ଚର୍ଚ୍ଚାର ବିଷୟ ଥିଲା । ତେଣୁ ଆମମାନଙ୍କ ପାଇଁ ରାଜନୀତି କରିବା କେବଳ ପଦ ପଦବୀ କିମ୍ବା ନିର୍ବାଚନ ରେ ଟିକେଟ ହାତେଇବା ନୁହେଁ, ଆମ ରାଜନୀତି ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ ଓ ଅଂଚଳର ଅର୍ଥନୈତିକ ବିକାଶ ର ବାଟ ଦେଖାଇବା ପାଇଁ ହୋଇଥାଏ । ମୁଁ ଦୃଢତା ସହ କହିବି ନରସିଂହ ମିଶ୍ର ଓ କଂଗ୍ରେସ ଦଳର ରାଜନୀତି ବଲାଙ୍ଗିର ପାଇଁ ଅନେକ ବିକାଶ ଆଣିଛି ବୋଲି ସ୍ଥାନୀୟ ଏକ ହୋଟେଲ ରେ ଆୟୋଜିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ କହିଛନ୍ତି । ଏ ଅବସରରେ ସମରେନ୍ଦ୍ର ଏହା ମଧ୍ୟ କହିଛନ୍ତି ଯେ ଯଦି ରାଜ୍ୟରେ ଆମେ କଂଗ୍ରେସ ସରକାର ଆଣିବାକୁ ଚାହୁଁଛୁ ତେବେ ତୃଣମୂଳ ସ୍ତରରୁ ପଂଚାୟତ ନିର୍ବାଚନରେ ଆମକୁ ଜିତିବାକୁ ପଡିବ । ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପଂଚାୟତ ରେ ଆମେ ଆହୁରି ଶକ୍ତିଶାଳି ହେବାକୁ ପଡିବ । ନିର୍ବାଚନରେ ଟିକେଟ ଯେ ବି ପାଉ ତାକୁ ସମସ୍ତ ପ୍ରକାର ପଂଚାୟତର ପ୍ରତିନିଧି ଓ କଂଗ୍ରେସ କର୍ମୀମାନେ ଉପସ୍ଥିତ ହୋଇ ଆଗାମୀ ଦିନର କାର୍ଯ୍ୟକ୍ରମ କୁ ନେଇ ମତାମତ ପ୍ରଦାନ




ସହଯୋଗର ହାତ ବଢାଇବାକୁ ପଡିବ ବୋଲି ସେ କହିଥିଲେ । ବନ୍ଧୁମିଳନ ଉତ୍ସବରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଙ୍କ ଯୋଗଦାନ ଉପସ୍ଥିତ ସମସ୍ତ କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ଅନେକ ଉତ୍ସାହ ପ୍ରଦାନ କରିଥିଲା । ଏ ଅବସରରେ ନରସିଂହ କହିଥିଲେ ସମଗ୍ର କଂଗ୍ରେସ ପରିବାର ଏକଜୁଟ ହୋଇ ଲୋକଙ୍କ ପାଇଁ କାମ କରନ୍ତୁ । ଲୋକଙ୍କ ପାଇଁ କାମ କରିବା ହିଁ ପ୍ରକୃତ ରାଜନୀତି ଅଟେ ଏବଂ ଏହା ମାଧ୍ୟମରେ ଆମେ ନିଜ ମଧ୍ୟରେ ଏକତା ବୃଦ୍ଧି କରିବା ସହ କଂଗ୍ରେସ ଦଳକୁ ଆହୁରି ଶକ୍ତିଶାଳି କରିପାରିବା ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକ, ବଲାଙ୍ଗିର ସଦର ବ୍ଲକ, ପୁଇଁନ୍ତଲା, ଲୋଇସିଂହା ଓ ଆଗଲପୁର ବ୍ଲକ ରୁ ସମସ୍ତ କରିଥିଲେ । ଏ ଅବସରରେ ଦେଓଗାଁ ବ୍ଲକ ସଭାପତି ରାମଜୀ ଚୌଧୁରୀ, ବଲାଙ୍ଗିର ନଗର ସଭାପତି ବୁଲୁ ଦାନି, ଜିଲ୍ଲା କଂଗ୍ରେସ ସଂପାଦକ ଟିକିରି ନାଗ, ଜ୍ୟୋତିଷ ମୁଗ୍ରୀ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆଜିର ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା ଉମାଶଙ୍କର ପଣ୍ଡା ପରିଚାଳନା କରିଥିବା ବେଳେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା, ଅଶୋକ ନନ୍ଦ, ବରିଷ୍ଠ କଂଗ୍ରେସ ନେତା ପୁରନ୍ଦର ଦାଶ, ରାଜ କିଶୋର ବାବୁ, ଲୋଇସିଂହା ବିଧାନସଭା ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ କୁମ୍ଭାର ପ୍ରମୁଖ ମଂଚାସିନ ଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଭିନ୍ନ ଅଂଚଳରୁ ଆସି ନିଜ ମତାମତ ପ୍ରଦାନ କରିଥିଲେ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ଫୁଲନଖରା ଅଞ୍ଚଳରେ ଶୋକର ଛାୟା

ଫୁଲନଖରା, ୧୩।୨:(ମନ୍ଥନ)କଂଗ୍ରେସର ବରିଷ୍ଠ ନେତା, ପୂର୍ବତନ ପିସିସି ସଭାପତି ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ୧୩ ତାରିଖରେ ବିୟୋଗ ଘଟିଥିବା ଖବର ସମଗ୍ର ରାଜ୍ୟରେ ଶୋକର ଛାୟା ପ୍ରସାରିତ କରିଛି । ତାଙ୍କ ଅକାଳ ପରିଣତି ରାଜନୈତିକ ମଞ୍ଚ ସହ ସମଗ୍ର ସମାଜକୁ ଗଭୀର ମର୍ମାହତ କରିଛ । ଜଣେ ସ୍ୱଚ୍ଛ ଛବିର ଜନନେତା ଭାବେ ପରିଚିତ ଶ୍ରୀ ଲେଙ୍କା ଦୀର୍ଘଦିନ ଧରି ଲୋକସେବାରେ ନିୟୋଜିତ ରହି ଓଡ଼ିଶାର ରାଜନୀତିକ ଇତିହାସରେ ନିଜସ୍ୱ ଛାପ ରେଖିଯାଇଛନ୍ତି। ଫୁଲନ ଖରା ଅଞ୍ଚଳର ବିଭିନ୍ନ ସଂଗଠନ ଓ ସମାଜସେବୀ ବ୍ୟକ୍ତିବର୍ଗ ଏହି ଦୁଃଖଦ ଖବରରେ ଗଭୀର ଶୋକ ପ୍ରକାଶ କରିଛନ୍ତିୟ ସର୍ବଶ୍ରୀ ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶ, ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ସଭାପତି ଓ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ବରିଷ୍ଠ ନାଗରିକ ଓ ଆଇନଜୀବୀ ଉମାକାନ୍ତ ନନ୍ଦ, ପ୍ରସିଦ୍ଧ ଗାୟକ ସୁରେନ୍ଦ୍ରନାଥ ଛୋଟରାୟ, ଲକ୍ଷେଶ୍ୱର ଟ୍ରଷ୍ଟ ବୋର୍ଡ଼ର ଗୁଣନିଧି ପଟ୍ଟନାୟକ ଓ ବଂଶିଧର ଭୋଳ, ପୂର୍ବତନ ସରପଞ୍ଚ ନଳିନୀ ସ୍ୱାଇଁ, ଶିକ୍ଷକ ନେତା ଯୁଧିଷ୍ଠିର ଖଟୁଆ, ଶିକ୍ଷାବିତ ପ୍ରଦ୍ୟୁମ୍ନ ପତି, କେଦାରନାଥ ଜେନା, ଫଗୁମଣି ସାହୁ, ବିଜେପି



ନେତା ସ୍ୱାଧିନଚେତା ମହାନ୍ତି ଓ ଯୁବ ସଂଗଠକ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଶ୍ରୀ ଲେଙ୍କାଙ୍କ ବିୟୋଗରେ ମର୍ମାହତ ହୋଇ ଗଭୀର ଦୁଃଖ ବ୍ୟକ୍ତ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ତାଙ୍କମାନେ କହିଛନ୍ତି ଯେ, ଶ୍ରୀ ଲେଙ୍କା ଜଣେ ଦୃଢ଼ ସଂକଳ୍ପଶୀଳ, ନୀତିବାନ ଓ ଜନହିତେଷୀ ନେତା ଥିଲେ । ସେ ସଦା ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଆଗୁଆ ହୋଇ କାମ କରୁଥିଲେ । ତାଙ୍କ ବିୟୋଗରେ ରାଜ୍ୟ ରାଜନୀତି ଏକ ଅପୂରଣୀୟ କ୍ଷତି ସହିଛି । ସମସ୍ତେ ଭଗବାନଙ୍କ ନିକଟରେ ତାଙ୍କ ଆତ୍ମାର ଶାନ୍ତି କାମନା କରିବା ସହ ଶୋକାକୁଳ ପରିବାରବର୍ଗଙ୍କୁ ଏହି ଦୁଃଖ ସହିବା ପାଇଁ ଶକ୍ତି ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି ।

# ଓଡିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପାରାଦୀପ ଗସ୍ତ

ପାରାଦୀପ, ୧୩।୨:(ମନ୍ଥନ)ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଆଇଏଏସ୍, ଶୁକ୍ରବାର ଦିନ ଏକ ଦିନିକିଆ ଗସ୍ତ ରେ ଆସି ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର କାର୍ଯ୍ୟ ଏବଂ ଦୀର୍ଘକାଳୀନ ସମ୍ପ୍ରସାରଣ ଯୋଜନା ସମୀକ୍ଷା କରିଥିଲେ । ଏହି ଅବସରରେ ବନ୍ଦର ନିଷିଦ୍ଧାଞ୍ଚଳ ରେ ଥିବା ୱେଟ ବେସିନ ଠାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ତାଙ୍କୁ ସ୍ୱାଗତ କରିଥିଲେ ଏବଂ ସିଆଇଏସଏଫ ୟୁନିଟ୍ ଦ୍ୱାରା ତାଙ୍କୁ ଏକ ଉତ୍ସବୀୟ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା ।ସେ ବର୍ଥ ପ୍ରସ୍ତୁତି,



ଜାହାଜ ଟ୍ରାଫିକ୍ ପରିଚାଳନା ପ୍ରଣାଳୀ ଏବଂ ସାମୁଦ୍ରିକ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଏକ ଲଞ୍ଚରେ ଯାତ୍ରା କରିଥିଲେ । ଆଲୋଚନା ସମୟରେ, ମୁଖ୍ୟ ଶାସନ ସଚିବ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ଲକ୍ଷ୍ୟ ରଖି ଓଡ଼ିଶାର ମହତ୍ୱାକାଂକ୍ଷୀ ଅର୍ଥନୈତିକ ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ । ସେ ରପ୍ତାନି, ଜାହାଜ ନିର୍ମାଣ ଏବଂ ବନ୍ଦର-ନେତୃତ୍ୱାଧୀନ ବିକାଶ ଓ ଅଭିବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଓଡ଼ିଶାର ଉପକୂଳକୁ ଏକ ରଣନୈତିକ ଲାଭ ଭାବରେ ଉଲ୍ଲେଖ କରିଥିଲେ । ସେ ପାରାଦୀପ ବନ୍ଦର ୨.୦ ଦୃଷ୍ଟିକୋଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ୫୦୦ ଏମଟିପିଏ ଅତିକ୍ରମ କରିବା, ପଶ୍ଚିମ ଡକ୍ ଗଭୀର କରିବା ଏବଂ ଏକ ଉତ୍ସର୍ଗୀକୃତ ସବୁଜ ହାଇଡ୍ରୋଜେନ୍ ବର୍ଥ ବିକାଶ ଅନ୍ତର୍ଭୁକ୍ତ । ସେହିପରି ପ୍ରକୃତିର ବିରଳ ଅବଦାନ ବଙ୍ଗୋପସାଗର ଉପକୂଳର ପାରାଦୀପ ଠାରୁ ୭ କିଲୋମିଟର ସମୁଦ୍ର କୂଳ ବେଳାଭୂମିରେ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମୀକ୍ଷା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୩ କିଲୋମିଟର ପାଇଁ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ସମସ୍ତ ପ୍ରୟାସ ଜାରି ରହିଛି । ଏହା ସହିତ ବିଭିନ୍ନ କୋଣରୁ ପାରାଦୀପର ମ୍ୟୁନିସିପାଲିଟି ହେଉ କିମ୍ବା ବନ୍ଦରନଗରୀର ବିକାଶ ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କ ସହିତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କ ସହ ବିସ୍ତୃତ ଆଲୋଚନା କରାଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି । ପାରାଦୀପ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ ହେବାପରେ ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନା କରିବା ସହିତ ଗୋଆ ବିଚ୍ ଭଳି ପାରାଦୀପ ବେଳାଭୂମିକୁ ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ଆଗମନ ହେବ । ଯାହା ଫଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ଲୋକେ ସ୍ୱାବଲମ୍ବୀ ହେବା ସହିତ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଦେଶ ବିଦେଶରେ ସୁନାମ ଅର୍ଜନ କରିବ । ରାଜ୍ୟ ସରକାର ଯେଉଁଭଳି ପୁରୀ, ପାରାଦୀପ ଓ ଭୁବନେଶ୍ୱରକୁ ଇକୋନୋମିକାଲ କରିଡର ନିର୍ମାଣ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ଏହା ପାରାଦୀପ ବିକାଶରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି । ଏହି ଅବସରରେ ଜଗତସିଂପୁରର ଜିଲ୍ଲାପାଳ ଜେ.ସୋନାଲ, ଆଇଏଏସ୍, ଏବଂ ଜଗତସିଂପୁରର ପୋଲିସ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଆଇପିଏସ ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଙ୍କ ସହିତ ଆଲୋଚନାରେ ଯୋଗ ଦେଇଥିଲେ ।

## ପିଏମଶ୍ରୀ ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଡେଲାଙ୍ଗ, ୧୩।୨:(ମନ୍ଥନ)ପିଏମ୍ଶ୍ରୀ ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାମିନି ପ୍ରଭା ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଠପଢାରେ ଉନ୍ନତି ସହିତ କ୍ରୀଡା କ୍ଷେତ୍ରରେ ଛାତ୍ରଛାତ୍ରଙ୍କ ଅଭିବୃଦ୍ଧି ନିମନ୍ତେ ଶିକ୍ଷକମାନେ ଗୁରୁତ୍ୱଦେବାକୁ ମତବ୍ୟକ୍ତ କରିଥିଲେ । ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଶିକ୍ଷାବିତ ସନ୍ତୋଷ ମହାନ୍ତି, ମହିଳା ସଭାନେତ୍ରୀ ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ସିଆରସିସି ପବିତ୍ର ପଣ୍ଡା, ପଞ୍ଚଶିକ୍ଷା ସେତୁ ଯୋଜନା ଜିଲା ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ, ଏବିଇଓ ଲକ୍ଷ୍ମଣ ପ୍ରଧାନ, ସଂଯୁକ୍ତା ମିଶ୍ର, ପରିଚାଳନା କମିଟି ସଭାପତି ସନ୍ତୋଷ ବିଶ୍ୱାଳ, ପ୍ରାକ୍ତନ ବାୟୁସେନା ଅଧିକାରୀ ରମେଶ ମହାପାତ୍ର, ଶିକ୍ଷକ ଉମେଶ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳଭବିଷ୍ୟତ କାମନା କରିଥିଲେ ।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଜଣେ ଯୋଗ୍ୟ ମଣିଷ ତିଆରି କାରଖାନା ଥିଲେ - ସୁବ୍ରତ

ପାରାଦୀପ, ୧୩।୨:(ମନ୍ଥନ)ରାଷ୍ଟ୍ର ସେବା ପାଇଁ ସମର୍ପିତ ଥିବା ଜନସଂଘ ସହ ସମ୍ପାଦକ ତଥା ଭାରତୀୟ ଜନସଂଘ ପ୍ରଥମ ସଂଗଠନ ସମ୍ପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଙ୍କ ୫୮ତମ ପୂଣ୍ୟତିଥିକୁ ଦେଶ ତଥା ରାଜ୍ୟରେ ଫେବୃଆରୀ ୧୧ ତାରିଖ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଙ୍କ ନେତୃତ୍ୱରେ ପାରାଦୀପ ନୂଆବଜାର ନିକଟସ୍ଥ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ଉପାଧ୍ୟାୟଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ 'ଭାରତ ମାତା କି ଜୟ' ଏବଂ




ଅନ୍ୟାନ୍ୟ ଦେଶାତ୍ମବୋଧକ ସ୍ଲୋଗାନ ଦିଆଯାଇଥିଲା ଆଜିର ଦିନକୁ ଭାରତୀୟ ଜନତା ପାର୍ଟି ତରଫରୁ ସମଗ୍ର ଦେଶରେ ସମର୍ପଣ ଦିବସ ଭାବେ ପାଳନ କରାଯାଉଛି ବୋଲି ଶ୍ରୀ ପ୍ରଧାନ କହିବାସହ ମହାନ ଚିନ୍ତନାୟକ ତଥା ଏକାତ୍ମମାନବ ବାଦର ପ୍ରଣେତା ପଣ୍ଡିତ ଦୀଦୟାଲ ଉପାଧ୍ୟାୟ ଜୀ ଙ୍କ ପୁଣ୍ୟତିଥି ଅବସରରେ ସମର୍ପଣ ଦିବସ - ୨୦୨୬ କାର୍ଯ୍ୟକ୍ରମ ରେ ଶ୍ରୀ ପ୍ରଧାନ ଉତ୍ତରପ୍ରଦେଶ ମଥୁରା ର ନଗହିଚନ୍ଦ୍ରଭାନ ଗ୍ରାମ ରେ ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖ ରେ ଜନ୍ମ ଗ୍ରହଣ କରିଥିଲେ ପଣ୍ଡିତ ଦୀନଦୟାଲ ଜୀ । ନିଜେ ସାରା ଜୀବନକୁ ରାଷ୍ଟ୍ର ସେବା ପାଇଁ ସମର୍ପିତ କରିଦେଇଥିଲେ । ଆର୍ଥିକ ଅନାଗ୍ରସର ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ପାଇଁ ସେ କାର୍ଯ୍ୟ କରୁଥିଲେ ଗରିବ କଲ୍ୟାଣ ମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲ ଜୀ ଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର ବୋଲି ଶ୍ରୀ ପ୍ରଧାନ ନିଜ ବିବୃତିରେ କହିଥିଲେ । କାଶ୍ମୀରରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଯେତେବେଳେ ବଳିଦାନ ହେଲା ସେ ସମୟରେ ଦୀନଦୟାଲ ଜୀ ଦଳର ମଙ୍ଗ ଧରିଥିଲେ । ଦୀନଦୟାଲ ଉପାଧ୍ୟାୟ ଜୀ ଙ୍କ ୧୯୬୮ ମସିହା ଫେବ୍ରୁୟାରୀ ୧୧ ତାରିଖ ରେ ମୋଗଲସରାଇ ରେଳଷ୍ଟେସନ ରେ ହତ୍ୟା କରାଯାଇଥିଲା । ଦୀନଦୟାଲ ଜୀ ରାଷ୍ଟ୍ରୀୟ ଚିନ୍ତାଧାରାରେ ଦେଶ, ଜାତୀୟତାବାଦ, ଦେଶଭକ୍ତି ଏବଂ ଶୃଙ୍ଖଳିତ ଅମ୍ଭୀୟତା ଦୃଢତାର ପ୍ରତୀକ ଥିଲେ । ମୋଗଲ ଷ୍ଟେସନ ତାଙ୍କରି ନାମରେ ନାମିତ ହୋଇଛି ବୋଲି ଶ୍ରୀ ପ୍ରଧାନ କହିବାସହ ସେ ଜଣେ ଯୋଗ୍ୟ ମଣିଷ ତିଆରି କାରଖାନା ଥିଲେ ବୋଲି ଦୃଢୋକ୍ତିର ସହ କହିଥିଲେ । ଏକାତ୍ମବାଦ ର ବିଚାରଧାରା କୁ ସ୍ମରଣ କରିବାପାଇଁ ଏହି ସମର୍ପିତ ଦିବସ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ପଣ୍ଡିତ ଦୀନଦୟାଲ ଜୀ ଜଣେ ଅଦ୍ୱୈତ ସଂଗଠକ ଥିଲେ ବୋଲି କହିବାସହ ତାଙ୍କ ନୀତିଆଦର୍ଶ ଓ ବିଚାରଧାରା ରେ ଅନୁପ୍ରାଣିତ ହୋଇ ଏଇ ମହାନ ଦିବସରେ ଆମେ ସମସ୍ତେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେବା ବୋଲି କହିଥିଲେ । ବିଜେପି ନେତା ବଜରଙ୍ଗ ସ୍ୱାଇଁ, ଦିଲ୍ଲୀପ କିଶୋର ବେହେରା,ଦିଲ୍ଲୀପ ବଳିୟାରସିଂହ,ମନୋରଞ୍ଜନ ସାହୁ, ଚିତ୍ରସେନ ମହାରଣା, କଳ୍ପନା ଦାଶ,ମିନାକ୍ଷୀ ବେହେରା, ବିଷ୍ଣୁପ୍ରିୟା ଶତପଥୀ, ମାମୁନି ଜେନା, କେନାକଲାଟା ସାହୁରେ ଯୋଗଦାନ କରିଥିଲେ । ଜାତୀୟ ସେବା ପାଇଁ ଦିନିକିଆ ଏବଂ କନକଲତା ସାହୁ ପ୍ରମୁଖ ଉପସ୍ଥିତ ରହି ମାନବବାଦ ଉପରେ ପଣ୍ଡିତ ଦିନଦୟାଲ ଙ୍କ ଆଦର୍ଶ ଓ ଅନ୍ୟାନ୍ୟ ବିଚାରଧାରା ଉପରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡରୁ ବିଜେପି ଦଳର ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ ।

# ଚୋରା ମଦ ସମେତ ବ୍ରାଉନସୁଗାର ଓ ଗଞ୍ଜେଇ ଜବତ, ୫ଗିରଫ

କେନ୍ଦ୍ରାପଡ଼ା, ୧୩।୨:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ, ରାଜନଗର ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମଲଡିଆ ଗ୍ରାମର ଗଗନ ସ୍ୱାଇଁ(୪୧)ଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ନରହରି ଗ୍ରାମର ରଜନୀକାନ୍ତ ଦାସ(୩୫)ଙ୍କ ଠାରୁ ୨୫ ଲିଟର ଦେଶୀ ରନ୍ଧା ମଦ, ଗଞ୍ଜା ଗ୍ରାମର ବାସୁଦେବ ନାୟକ(୪୨)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ମଧୁସୁଦନପୁର ଗ୍ରାମର ଜାହିଦ ଖାନ(୩୨)ଙ୍କ ଠାରୁ ୫୦ ଗ୍ରାମର ବ୍ରାଉନ ସୁଗାର, ରାଜନଗର ଗ୍ରାମର ବଳରାମ ସେଠୀ(୪୧)ଙ୍କ ଠାରୁ ୨.୫୬୦ କିଗ୍ରା ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୮୮ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ, ୨.୫୬୦ କିଗ୍ରା ଚୋରା ଗଞ୍ଜେଇ ଓ ୫୦ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପନିରୀକ୍ଷକ ସୁନୀଲ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ସଡକ ସୁରକ୍ଷା କମିଟି ବୈଠକ

ଅନୁଗୋଳ, ୧୩।୨:(ମନ୍ଥନ)ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଜାନୁଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଜାନୁଆରୀ ମାସରେ ଜିଲ୍ଲାରେ ମୋଟ ୪୩ଟି ଦୁର୍ଘଟଣା ଘଟିଥିବାବେଳେ ୧୭ ଜଣଙ୍କର ମୃତ୍ୟୁ ଘଟିଛି ଓ ୨୬ ଜଣ ଆହତ ହୋଇଛନ୍ତି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଲଣ ଯୋଗୁଁ ୧୦୬୨ ଜଣ, ଦ୍ରୁତ ଗାଡି ଚାଳନ କରିବା ଯୋଗୁଁ ୯୬୮ ଜଣ , ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ୪୫ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୩ ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ୪୬୮ ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାହୁଲ ଜୈନ , ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର , ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା , ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସମ୍ବିତ କୁମାରଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଶନିବାର, ୧୪ ଫେବୃଆରୀ ,୨୦୨୬ ଭୁବନେଶ୍ୱର
SATURDAY, 14 FEBRUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମହାରାଷ୍ଟ୍ରରେ ଟ୍ରିପୁଲ ଇଂଜିନ

ମହାରାଷ୍ଟ୍ରରେ ୨୦୨୪ ଲୋକସଭା ନିର୍ବାଚନରେ ବିପର୍ଯ୍ୟାୟ ପରେ ବିଜେପି ନେତୃତ୍ୱାଧୀନ ମହାୟୁତି ରାଜ୍ୟରେ ନିକଟରେ ଅନୁଷ୍ଠିତ ତ୍ରିସ୍ତରୀୟ ପଂଚାୟତିରାଜ ନିର୍ବାଚନରେ ବାଜିମାତ କରିବା ପରେ ଏବେ ରାଜ୍ୟରେ ସମସ୍ତ ତ୍ରିସ୍ତରୀୟ ସରକାରରେ ଅତ୍ୟନ୍ତ ପ୍ରଭାବଶାଳୀ ହେବା ସହ ମରାଠୀ ଭୂଖଣ୍ଡରେ ସବୁଠାରୁ ଶକ୍ତିଶାଳୀ ରାଜନୈତିକ ମେଂଟରେ ପରିଣତ ହୋଇଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଶିବସେନାର ବିଭାଜନ ପରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଦୀନ ମହାବିକାଶ ଅଘାଡି ମେଂଟ ସରକାରର ପତନ ଘଟିବା ପରେ ବିଭାଜିତ ଗଠନ କରିଥିଲା। ପରବର୍ତ୍ତୀ ସମୟରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ର ବିଭାଜିତ ଗୋଷ୍ଠୀ ସରକାରରେ ସାମିଲ ହୋଇଥିଲା। କିନ୍ତୁ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଏବଂ ଏହାର ନେତୃତ୍ୱାଧୀନ ମହାୟୁତି ଘୋର ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିଲା। ସମ୍ଭବତଃ ମହାରାଷ୍ଟ୍ରରେ ଦଳୀୟ ବିପର୍ଯ୍ୟାୟ ଯୋଗୁଁ କେନ୍ଦ୍ରରେ ବିଜେପି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଠାରୁ ପଛରେ ପଡିଯାଇଥିଲା। କିନ୍ତୁ ୨୦୨୫ ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାୟୁତି ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କରିଥିବାବେଳେ ଅତୀତର ସମସ୍ତ ରେକର୍ଡକୁ ଭଙ୍ଗ କରିଥିଲା। ସେହିପରି ଗଲା ମାସରେ ଅନୁଷ୍ଠିତ ବୃହତ ମୁମ୍ବାଇ ମହାନଗର ନିଗମ ସମେତ ରାଜ୍ୟର ସମସ୍ତ ପୌର ମହାନଗର ନିଗମ ଓ ପୌରପାଳିକା ନିର୍ବାଚନରେ ମହାୟୁତି ବାଜିମାତ କରିଥିବାବେଳେ ବିଜେପି ରାଜ୍ୟର ସବୁଠୁ ଲୋକପ୍ରିୟ ଏବଂ ଶକ୍ତିଶାଳୀ ରାଜନୈତିକ ଦଳ ଭାବେ ନିଜକୁ ପ୍ରତିଷ୍ଠିତ କରିବାରେ ସମର୍ଥ ହୋଇଥିଲା। କହିବା ଯଥାର୍ଥ ହେବ ଯେ, ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଠାକରେ ପରିବାର ନେତୃତ୍ୱାଧୀନ ଶିବସେନା କବଜାରେ ଥିବା ମୁମ୍ବାଇ ମହାନଗର ନିଗମ ପ୍ରଥମ ଥର ପାଇଁ ବିଜେପି ହାତକୁ ଚାଲି ଯାଇଛି। ଆହୁରି ମଧ୍ୟ ନିକଟରେ ଅନୁଷ୍ଠିତ ତ୍ରୀସ୍ତରୀୟ ପଂଚାୟତ ରାଜ ନିର୍ବାଚନରେ ରାଜ୍ୟର ୭୩୧ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ମହାୟୁତି ୫୫୨ଟି ଆସନ ଅକ୍ତିଆର କରିଥିବା ବେଳେ ୧୪୬୨ଟି ପଂଚାୟତ ସମିତି ମଧ୍ୟରୁ ମେଂଟ ୧୦୦୦ରୁ ଉର୍ଦ୍ଧ୍ୱ ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ମହାବିକାଶ ଅଘାଡିକୁ ମାତ୍ର ୧୨୪ ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି। ଏକଦା ରାଜ୍ୟରେ ଦବ୍‌ଦବା ଥିବା ଶିବସେନା ଉଦ୍ଧବ, ଏନସିପି (ଶରଦ୍ ପାୱାର) ଏବଂ କଂଗ୍ରେସ ଗତ ଦୁଇବର୍ଷ ମଧ୍ୟରେ ସଂକୁଚିତ ହେବାରେ ଲାଗିଛି। ଏହା ନିଶ୍ଚିତ ଯେ, ରାଜ୍ୟରେ ବିଜେପି ନେତୃତ୍ୱରେ ଶିବସେନା (ସିନ୍ଦେ) ଏବଂ ଏନସିପି (ଅଜିତ) ଗୋଷ୍ଠୀକୁ ନେଇ ଗଠିତ ମହାୟୁତି ଏକତ୍ର ନିର୍ବାଚନ ଲଢିବା ଯୋଗୁଁ ସଫଳତା ପାଇବା ସହ ଅଧିକାରୁ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛନ୍ତି । ବିଜେପି ଗ୍ରାମାଂଚଳରେ ନିଜର ଦବ୍‌ଦବା ଜାହିର କରିଥିବାବେଳେ ଶିବସେନା କୋଙ୍କଣ ଏବଂ ଏନସିପି ୱେଷ୍ଟର୍ଣ୍ଣ ମହାରାଷ୍ଟ୍ରରେ ପ୍ରଭାବଶାଳୀ ହୋଇଛି। ଉଦାହରଣ ସ୍ୱରୁପ ୫୫୨ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ବିଜେପି ୨୨୫ଟି ଆସନ ହାସଲ କରିଥିବା ବେଳେ ଶିବସେନା(ସିନ୍ଦେ) ୧୬୨ଟି ଏନସିପି (ଅଜିତ) ୧୬୫ଟି ଆସନରେ ବିଜୟୀ ହୋଇଛି। ସେହିପରି ମହାବିକାଶ ଅଘାଡି ମେଂଟରେ କଂଗ୍ରେସ ୫୫ଟି, ଶିବସେନା (ଉଦ୍ଧବ) ୪୩ଟି ଏବଂ ଏନସିପି (ଶରଦ୍) ୨୬ଟି ଆସନ ଅକ୍ତିଆର କରିଛି। ବିଜେପି ନେତୃତ୍ୱାଧୀନ ସରକାରଙ୍କର ପ୍ରତ୍ୟକ୍ଷ ନଗଦ ଅର୍ଥ ହସ୍ତାନ୍ତର ସମେତ ବିଭିନ୍ନ ଜନହିତକର ଯୋଜନା ମହାୟୁତିର ବିଜୟ ରଥକୁ ଆଗେଇ ନେବାରେ ସହାୟକ ହୋଇଛି। ଏଥିରେ ସନ୍ଦେହ ନାହିଁ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଗତ ୩ ଦଶନ୍ଧି ଧରି ରାଜ୍ୟ ରାଜନୀତିରେ ଅତ୍ୟନ୍ତ ପ୍ରଭାବଶାଳୀ ବିବେଚିତ ହୋଇଥିବା ଠାକରେ ପରିବାର ନେତୃତ୍ୱାଧୀନ ଶିବସେନା ଏବେ କ୍ରମଶଃ ସ୍ଥିତି ହରାଇବା ଅଭିମୁଖେ ଅଗ୍ରସର ହେଉଛି।

# ବର୍ତ୍ତମାନର ସାହିତ୍ୟ କ'ଣ ସତରେ ଆଧୁନିକ ସାହିତ୍ୟ ?

**ମାୟାଧର ନାୟକ**

ଆମ ଭାରତରେ ଯେଉଁ ଧରଣର ଧାରା ସାହିତ୍ୟ କ୍ଷେତ୍ରରେ ଦେଖାଦେଉଛି, ସେ ଧାରାକୁ ଆଧୁନିକ ଓ ଉତର-ଆଧୁନିକ ବୋଲି ଡିଣ୍ଡିମ ପିଟାଯାଉଛି। ଏ ଡିଣ୍ଡିମ ପିଟୁଛନ୍ତି କେଉଁମାନେ ? ବୁଦ୍ଧିଜୀବୀ ଓ ସାହିତ୍ୟର ସମୀକ୍ଷକ ବୋଲାଉଥିବା ଦଳେ ଦାୟିତ୍ୱହୀନ ଧୂର୍ତ୍ତ ବ୍ୟକ୍ତି। ହୁଏତ ସେମାନଙ୍କ ମଧ୍ୟରୁ ଶତକଡା ୭୦ ଶିକ୍ଷା ବିଭାଗ କର୍ମଚାରୀ, ବାକି ୩୦ ଅନ୍ୟାନ୍ୟ ସରକାରୀ ଚାକିରିଆ। ଯେଉଁ ଧାରାର ସାହିତ୍ୟ ସଂପର୍କରେ ଭାରତରେ ଏତେ ତୁମ୍ବିତୋଫାନ୍ ସୃଷ୍ଟି କରାଯାଇ ଆସୁଛି, ସେ ସାହିତ୍ୟ ବି ଲେଖନ୍ତି କେଉଁମାନେ ? ହଁ, ଏଇ ଧରଣର ପ୍ରଚାରିତ ସାହିତ୍ୟର ସୃଷ୍ଟିକର୍ତ୍ତାମାନେ ମୁଖ୍ୟତଃ ସରକାରୀ କଳର ବିଭିନ୍ନ ପଦାଧିକାରୀ ବ୍ୟକ୍ତି। ଏଇ ପଦାଧିକାର ବଳରେ ସେମାନେ ନିଜ ସୃଷ୍ଟି ସପକ୍ଷରେ ଉପରୋକ୍ତ ବୁଦ୍ଧିଜୀବୀ ଓ ସମୀକ୍ଷକବର୍ଗଙ୍କ ନିକଟରୁ ଆଦାୟ କରି ନେଇଥାନ୍ତି ଅପରିମିତ ସ୍ୱୀକୃତି ଓ ସମର୍ଥନ। ଯେଉଁ ଅଳ୍ପ କେତେଜଣ ପ୍ରକୃତ ପ୍ରତିଭାସଂପନ୍ନ ସାହିତ୍ୟକାର ବିନା ସ୍ୱୀକୃତି ଓ ପୁରସ୍କାରରେ ଅମର ସାହିତ୍ୟ ସୃଷ୍ଟି କରିବାରେ ତପସ୍ୟାରତ, ସେମାନେ ଦୀର୍ଘକାଳ ରହିଯାନ୍ତି ଲୋକଲୋଚନର ଅଗୋଚରରେ। ଏଇ ଅଳ୍ପ କେତେଜଣ ସାହିତ୍ୟକାର ବିନା ଗୋଷ୍ଠୀ, ବିନା ଚର୍ଚ୍ଚା, ବିନା ଭାଟବନ୍ଦନା ମଧ୍ୟରେ ନିଜର ବିଶ୍ୱାସକୁ ନେଇ ବଂଚି ରହନ୍ତି କେବଳ। ସେମାନଙ୍କ ମୃତ୍ୟୁ ପରେ ଏ ସମାଜ କାନ୍ଦେ, ଏ ବ୍ୟବସ୍ଥା ଦାବି କରେ ଶହେ ତୋପର ସଲାମି ! ଏଇ ତ ଅବସ୍ଥା।

ବର୍ତ୍ତମାନର ସାହିତ୍ୟ ଆଧୁନିକ ସାହିତ୍ୟ ନ କହି ଏ ସାହିତ୍ୟକୁ ବରଂ ଶାସିତର ସାହିତ୍ୟ କହିଲେ ଅଧିକ ଯଥାର୍ଥ ହେବ। ଶାସିତର ସାହିତ୍ୟ ଏଇଥିପାଇଁ ଯେ ସେଥିରେ ଆଧୁନିକତାର କୌଣସି ଚିହ୍ନବର୍ଣ୍ଣ ନାହିଁ। ଜୀବନ ଆଗେଇ ଚାଲିବ, ପୃଥିବୀ କେତେ ପରିବର୍ତ୍ତନ ସାମ୍ନା କରୁଚି, ସମାଜରେ ନାନା ସଂଶୟ ଓ ସଂଘାତ ଉପୁଜୁଚି, ବ୍ୟକ୍ତିମାନସ କେତେ ଜଟିଳତାରେ ଜର୍ଜରିତ ହେଉଚି, ମଣିଷ ଜାତିର ଭବିଷ୍ୟତକୁ ନେଇ କେତେ କ'ଣ ଖେଳ ଆରମ୍ଭ ହୋଇସାରିଚି – ସବୁଠି ଆଶଙ୍କା, ଆତଙ୍କ, ଆପଦର ଆବର୍ତ୍ତ - ଅଥଚ ଚାରି କାନ୍ଥର ଚୌହଦି ମଧ୍ୟରେ ସାହିତ୍ୟ ନାମରେ ଚାଲିଚି ସୌଖୀନ୍ ସର୍ଜନା ! ବୁଦ୍ଧି ଅଛି, ବିବେକ ନାହିଁ... ମସ୍ତିଷ୍କ ଅଛି, ହୃଦୟ ନାହିଁ... ପ୍ରଚାର ଅଛି, ପ୍ରାଣ ନାହିଁ – ଏମିତି ଏକ ଅନ୍ଧମୁହାଣିରେ ଭାରତର ସାହିତ୍ୟ ଆଜି କେବଳ ଭୁଆଁ ବୁଲୁଛି। ସାହିତ୍ୟ ଲେଖୁଛନ୍ତି ବୋଲି ଧରାଯାଉଥିବା ବହୁ ଧୁରୀଣ ବ୍ୟକ୍ତି ନିଜ ନିଜକୁ ଲେଖକ ରୂପରେ ଚିହ୍ନଟ କରାଉଛନ୍ତି ସିନା, ମାତ୍ର ପ୍ରକୃତରେ ସେମାନେ କ'ଣ ଲେଖକ ପଦବାଚ୍ୟ ? ବରଂ ଲେଖକ ନ କହି ସେମାନଙ୍କୁ ଲେଖାଳି କହିଲେ ଠିକ୍ ହେବ। ସେମାନେ ଲେଖାଳି – କାହିଁକିନା ସେମାନଙ୍କର ସାହିତ୍ୟ-ଚିନ୍ତନ ମୌଳିକତାହୀନ, ସାହିତ୍ୟଦୃଷ୍ଟି ମନନଶୂନ୍ୟ। ନିଜ ମାଟି-ପାଣି-ପବନର ରୂପ-ରସ-ଗନ୍ଧ ସେମାନଙ୍କ ସାହିତ୍ୟରେ ନାସ୍ତି। ଏକ ପ୍ରକାର ଔପନିବେଶିକ ଅନୁଶାସନକୁ ଅକ୍ଷରେ ଅକ୍ଷରେ ମାନିନେଇ ସେମାନେ ଆଧୁନିକ ସାହିତ୍ୟ ଲେଖନ୍ତି ବୋଲି ପ୍ରଚାରିତ ହୋଇ ଆସୁଛନ୍ତି ମାତ୍ର। ନ ହେଲେ ମାଟି ଆଉ ମଣିଷର ମର୍ମକଥା, ସମକାଳୀନ ପ୍ରଜନ୍ମର ପ୍ରାଣପୀଡ଼ା, ନିଜ ସମୟର ଅନ୍ତଃସ୍ୱରରୁ ସେମାନଙ୍କ ସାହିତ୍ୟ ବଂଚିତ।

ବର୍ତ୍ତମାନର ସାହିତ୍ୟ କିତାବୀ କୀଟସାହିତ୍ୟ – ଓଡିଆ ଓ ଅନ୍ୟାନ୍ୟ ଭାଷାରେ ଏଇ କୋଡିଏ ତିରିଶ ବର୍ଷ ଧରି ସାହିତ୍ୟ ଆଳରେ କେବଳ ଏକ ଅପରାହ୍ଣଧର୍ମୀ ଆହରଣକାମୀ ଅଭ୍ୟାସକୁ ଅକ୍ଷର ରୂପ ଦିଆଯାଇ ଆସୁଛି। ମହାଭାରତରେ କୋକୁଆ ମାତିବା ପରି ଏବର ଏଇ ଦୋ'ନମ୍ବରୀ ସାହିତ୍ୟରେ ସେମିତି ଅବକ୍ଷୟର ଅଣଚାଶ ମାଡ଼ି ଆସିଚି। ଯେଉଁଠି ଦେଖ କେବଳ ଶୂନ୍ୟତାର ସ୍ୱର, ହତାଶାର ହାହାକାର, ବିଚିତ୍ର ବିକଳପଣର ବିଜ୍ଞପ୍ତି। ସାହିତ୍ୟରେ ଦେଖାଦେଇଛି ବିଷୟବସ୍ତୁର ସଂକଟ। ଶୈଳୀସର୍ବସ୍ୱ ଆଭିମୁଖ୍ୟ ଆଜି ସାହିତ୍ୟର ଧ୍ୟେୟ ଓ ଶ୍ରେୟ। ଆମର ଅଧିକାଂଶ ଲେଖକ କେତେଦୂର ଗାଆଁଗହଳର ଗହନ ଚିତ୍ରକୁ ରଙ୍ଗାଇ ପାରନ୍ତି ? ସେମାନେ କ'ଣ ବଂଚିବାର ସଂଗ୍ରାମ ଓ ସଂଘାତରେ ପ୍ରତି ମୁହୂର୍ତ୍ତରେ ଜୀବନ୍ତ ସହିଦ ପାଲଟୁଥିବା ସାଧାରଣ ମଣିଷର କଥା ଓ ବ୍ୟଥାକୁ ନିଜ ସାହିତ୍ୟର ସରହଦକୁ ପାଛୋଟି ଆଣିଛନ୍ତି ? ବର୍ତ୍ତମାନର ସାହିତ୍ୟରେ ବର୍ତ୍ତମାନର ଜୀବନ ନାହିଁ, ସ୍ପର୍ଶ ନାହିଁ, ସଂଘର୍ଷ ନାହିଁ – ପରିବର୍ତ୍ତନ ଓ ବିବର୍ତ୍ତନର ପ୍ରମାଣପତ୍ର ନାହିଁ। ସୁତରାଂ ସାଂପ୍ରତିକ ସାହିତ୍ୟ ସମାଜ-ଜୀବନଠାରୁ ସୁଦୂରବର୍ତ୍ତୀ ହୋଇ ଉଠିବା ଫଳରେ ହରାଇ ବସୁଛି ପ୍ରବୃଦ୍ଧିଶୀଳ ପାଠକୀୟତା। ହଁ, ଆଜି ସାହିତ୍ୟରେ ଶହଶହ ଲେଖକଙ୍କ ଥାଟପଟାଳି, ମାତ୍ର ପାଠକ ଶହେରେ ସାତଜଣ ବାହାରିବେ କି ନାହିଁ ସନ୍ଦେହ ! ଏପରିକି ଯେଉଁମାନେ ତିରିଶ ଚାଳିଶବର୍ଷ ହେଲା ଲେଖାଲେଖି କରି ଆସୁଛନ୍ତି ସେମାନେ ନିଜ ଲେଖା ଛଡା ଅନ୍ୟ ଲେଖକମାନଙ୍କୁ ପଢିଥାନ୍ତି କି ଆନ୍ତରିକତାର ସହିତ ? ବରଂ ବିଭିନ୍ନ ଭାଷାର ଲେଖକ ତା ନିଜ ଭାଷାର ବହି ନ କିଣି କିଣିଥାଏ ବିଦେଶୀ ଭାଷାର ବହି। ସେ ସାରଳାଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଗୋପାଳକୃଷ୍ଣ, ବଳଦେବ ରଥ କି ଭୀମ ଭୋଇଙ୍କୁ ପଢି ନ ଥାଏ – କିନ୍ତୁ ସଦ୍ୟ ବିଦେଶୀ ଲେଖକମାନଙ୍କ ସବୁ ଖବର ତା' ନଖଦର୍ପଣରେ ! ମୁଁ କହୁନାହିଁ ଯେ ବିଦେଶୀ ଲେଖକଙ୍କ ବହିକୁ ବର୍ଜନ କରାଯାଉ – କାହିଁକିନା ସାହିତ୍ୟରେ ଏ ପ୍ରକାର ସ୍ୱଦେଶୀ ଆନ୍ଦୋଳନର କୌଣସି ସ୍ଲୋଗାନ୍ ବେଶିଦିନ ଚାଲିପାରେନା। ମାତ୍ର ମୋର କହିବାର କଥା ହେଉଚି - ନିଜ ଭାଷା, ନିଜ ସାହିତ୍ୟ ପ୍ରତି ଆମ ତଥାକଥିତ ଲେଖକମାନଙ୍କର ଏ ଧାରାବାହିକ ହୀନମନ୍ୟତାକୁ ଆମେ ବରଦାସ୍ତ କରି ଚାଲିଥିବା ଆଉ କେତେଦିନ ?

ଏବେ ଆଉ ଏକ ଦୁଃଖଦାୟକ ଦିଗ ଉପରେ ଆଲୋକପାତ କରାଯାଉ। ଆଜି ଓଡିଆ ସାହିତ୍ୟ କ୍ଷେତ୍ରରେ ଲେଖକମାନଙ୍କ ଗହଳଚହଳ ଯେତେ ନଜରକୁ ଆସୁଛି, ସେ ଗହଳି ଭିତରେ ଆମେ କୌଣସି ବ୍ୟକ୍ତିତ୍ୱଗତ ବିଶାଳତା କି ବ୍ୟାପକତା ଲକ୍ଷ୍ୟ କରି ପାରୁଛୁ କି ? ଏଇ କିଛି ବର୍ଷ ତଳେ ଆମ ଆଖି ଆଗେ ଆଗେ ଆମେ ଦେଖୁଥିଲୁ ମହାନ୍ ସାହିତ୍ୟକର୍ମୀ ସେଇ ବିରଳ ବ୍ୟକ୍ତିତ୍ୱମାନଙ୍କୁ – ଯେଉଁମାନେ ପ୍ରତିଭାତ ହେଉଥିଲେ ଗୋଟିଏ ଗୋଟିଏ ଅନବଦ୍ୟ ନକ୍ଷତ୍ର ଭଳି। ମୁଁ ନିଜେ ଲକ୍ଷ୍ୟ କରିଚି, ସାହିତ୍ୟଦୃଷ୍ଟି ଓ ଦର୍ଶନକୁ ନେଇ ସେମାନେ ମଂଚରେ ବିତର୍କ ସୃଷ୍ଟି କରିଥାନ୍ତି ସିନା ହେଲେ ବ୍ୟକ୍ତିଗତ ସଂପର୍କରେ ସେମାନେ ବରାବର ବନ୍ଧା ଥିଲେ ପରମ ସୌହାର୍ଦ୍ଦ୍ୟର ସୂତ୍ରରେ। ଆଜିର ସାହିତ୍ୟରେ ବ୍ୟକ୍ତିତ୍ୱର ସଂକଟ ଏକ ଦୁଃଖଦ ସତ୍ୟ। ସେଇଭଳି ବିଶାଳ ବ୍ୟକ୍ତିତ୍ୱ କ'ଣ ଆଜିକାଲି ଦେଖିବାକୁ ମିଳୁଛନ୍ତି ସତରେ ? ଇତିହାସରେ ଡାଇନୋସାର୍‌ମାନଙ୍କ ଯୁଗ ସରିଯାଇଥିବା ପରି ସାହିତ୍ୟରେ ମଧ୍ୟ ସଂପ୍ରତି ବ୍ୟକ୍ତିତ୍ୱର ସ୍ୱର ନିଶ୍ଚିହ୍ନ। ପୁରସ୍କାର ନପାଇଥିବା ବହୁ ବ୍ୟକ୍ତିତ୍ୱଶାଳୀ ସାହିତ୍ୟିକଙ୍କ ସିଂହାସନ ଥିଲା ସେତେବେଳେ ପାଠକର ହୃଦୟ ! ଏ ସୌଭାଗ୍ୟ କିନ୍ତୁ ଆଜିର ବହୁ ନାମୀଦାମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ କପାଳରେ ଜୁଟିପାରିଛି କି ?

ଶାସିତର ସାହିତ୍ୟ ଏ ଆଜିର କଲମୀ ସାହିତ୍ୟ। ସାଧାରଣ ମଣିଷର ଅନୁପ୍ରବେଶ ଏ ନକଲକରା ସାହିତ୍ୟରେ କାହିଁ ? ଶାସନର ବରାଦୀ ବ୍ୟବସ୍ଥା ଭିତରେ, ପ୍ରଶାସନର ପ୍ରହେଳିକା ମଧ୍ୟରେ ସାହିତ୍ୟ ଦ୍ୱାହିରେ ସୃଷ୍ଟି ହେଉଛି ପ୍ରବଂଚନାର ପ୍ରସାରିତ ପରମ୍ପରା। ସତ୍ୟ ନୁହେଁ, ମିଥ୍ୟା ହିଁ ଆଜି ପାଲଟିଛି ସାହିତ୍ୟର ସୂଚିପତ୍ର। ବିବେକବୋଧ ନୁହେଁ, ବିଚାରବୋଧ ନୁହେଁ – ବିଶ୍ୱାସଘାତକତା ହିଁ ଆଜି ହୋଇପଡିଛି ଓଡିଆ ସାହିତ୍ୟର ମୁଖ୍ୟ ବିଷୟବସ୍ତୁ। ଆଜିର ଛଦ୍ମସାହିତ୍ୟ ପ୍ରକୃତରେ ବିଶ୍ୱାସଘାତକତା କରିଚାଲିଚି ଚାରିପଟର ଛିନ୍ନବିଛିନ୍ନ ସମାଜଜୀବନ ପ୍ରତି ଏବଂ ଆଜିର ଲେଖକ ମଧ୍ୟ ନିଜ ପ୍ରତି।

ଆଜି ସାହିତ୍ୟ ଏଇ ବିଶ୍ୱାସକୁ ଫେରାଇ ଆଣିବା ଦରକାର – ଯାହା ଏ ତଥାକଥିତ ଆଧୁନିକ ସାହିତ୍ୟର ସାମର୍ଥ୍ୟ ବାହାରେ। ଆଧୁନିକ ସାହିତ୍ୟର ମୁଖାପିନ୍ଧା ଏକ ବିଶ୍ୱାସଘାତକ ପରମ୍ପରାର ପୂର୍ଣ୍ଣଚ୍ଛେଦ ନପଡିଲେ, ପ୍ରକୃତ ସାହିତ୍ୟ ପାଇଁ ସମ୍ଭାବନା ସୃଷ୍ଟି ହେବ କିପରି ? ନିଃଶ୍ୱାସରେ ନୁହେଁ, ବିଶ୍ୱାସରେ ହିଁ ବଂଚିବାର ବୀଜମନ୍ତ୍ର ଆମେ ସାହିତ୍ୟଠାରୁ ଆଶା କରୁଛୁ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ମାନବ ସେବାରେ ଆକାଶବାଣୀ

**ଡ଼ଃ.ଅରୁନ୍ଧତୀ ଦେବୀ**

ରେଡ଼ିଓ ସେବାର ପ୍ରସାର, ପ୍ରଚାର, ପ୍ରସିଦ୍ଧି, ପ୍ରଶଂସା ଓ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଫେବୃଆରୀ ୧୩କୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି। ସମ୍ବାଦ ପରିବେଷଣ ଏବଂ ଆହରଣ ନିମନ୍ତେ ତିନୋଟି ଗଣମାଧ୍ୟମ ଅଛି। ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ବୋଲି କହୁ। ସଂପ୍ରତି ଅନ୍ୟାନ୍ୟ ଗଣ ମାଧ୍ୟମ ଅପେକ୍ଷା ଦୃଶ୍ୟ - ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତା ତଳକୁ ଅଛନ୍ତି ପତ୍ରପତ୍ରିକା ଇତ୍ୟାଦି। ତେବେ ଏକଥା ନିଶ୍ଚୟ କହିବୁ ଯେ ତୁରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମତା ନିମନ୍ତେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବୋତ୍ତମ। ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧ୍ୟରେ ରେଡ଼ିଓ ଅନ୍ୟତମ। ଏହା ମଣିଷର ସ୍ୱରକୁ ବିନା ତାରରେ ଆକାଶ ମାଧ୍ୟମରେ ବହୁ ଦୂରକୁ ପଠାଇଥାଏ। ଏହା କୌଣସି ସ୍ଥାନକୁ ପ୍ରେରଣ କରିବାରେ ମାତ୍ର ୩ ମିନିଟ ସମୟ ନିଏ। ରେଡ଼ିଓ ଉଦ୍ଭାବକ ହେଉଛନ୍ତି ମାର୍କୋନି। ସେ ତାଙ୍କ ଉଦ୍ଭାବନ ମାଧ୍ୟମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି। ରେଡ଼ିଓ ସର୍ବତ୍ର ଯଥା ସହର ଓ ମଫସଲର ଘରେ ଘରେ ବଜାରଘାଟରେ, ଜାହାଜ ବା ଉଡାଜାହାଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ କି ଆପଦବେଳେ ସହାୟତା କ୍ଷେତ୍ରରେ, ରେଳ ଚଳାଚଳ ତଥା ବ୍ୟକ୍ତିଗତ ବା ସାମୂହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ। ଏହା ଏକ ବିଦ୍ୟୁତ ମାଧ୍ୟମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଟେଲିଭିଜନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ।

ଟେଲିଭିଜନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା ସମ୍ବାଦ, ଚିତ୍ତବିନୋଦନ ବ୍ୟବସ୍ଥାରେ ନାଟକ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପାଣିପାଗ, ବାତ୍ୟା, ବନ୍ୟା, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଉ। ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଛବିକୁ ବାଦ ଦେଲେ ବାକିସବୁ ରେଡ଼ିଓରେ ପାଇଥାଉ। ଏତିକି କହିଲେ ଠିକ୍ ହେବ ଯେ ଟେଲିଭିଜନରେ ଆମେ ସବୁବେଳେ ପୂର୍ଣ୍ଣ ସ୍ୱାଦ ପାଇ ନଥାଉ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ। ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଇଠି ହେଲା ବ୍ୟତିକ୍ରମ। ମାତ୍ର ସେ ପୂର୍ଣ୍ଣ ସ୍ୱାଦ ଦିଏ ଆକାଶବାଣୀ। ଆକାଶବାଣୀ ହିଁ ଗରିବ ଲୋକର ସାଥୀ। ଘରେ ବା ପାଖରେ ଟ୍ରାଞ୍ଜିଷ୍ଟର ସେଟ୍‌ଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏକ ଏକ ନନ୍‌ଷ୍ଟପ ବା ସର୍ବକାଳୀନ ଯନ୍ତ୍ର। ରେଡ଼ିଓର ଏକ ସ୍ଥାନିକ ବ୍ୟବସ୍ଥା ଅଛି। ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରେରଣ ପାଇଁ ଉଚ୍ଚଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି। ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ବି ପ୍ରତିଷ୍ଠା ହୋଇଛି। ବିଭିନ୍ନ ଦେଶରେ ଏହାର ନାମ କାରଣ ଭିନ୍ନ ଭିନ୍ନ। ଭାରତରେ ଏହାକୁ ଅଲ୍ ଇଣ୍ଡିଆ ରେଡ଼ିଓ ବା ଆକାଶବାଣୀ ଭାରତ କହିଲାବେଳେ, ପାକିସ୍ତାନରେ ଏହାର ନାମ, ରେଡ଼ିଓ ପାକିସ୍ତାନ ଏବଂ ଗ୍ରେଟ ବ୍ରିଟେନ୍‌ରେ କୁହନ୍ତି ବିବିସି ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ କର୍ପୋରେସନ୍। ଟେଲିଭିଜନର ବହୁଳ ବ୍ୟବହାର ଫଳରେ ବର୍ତ୍ତମାନ ରେଡ଼ିଓର ଚାହିଦା ଅନେକ କମ୍ ହୋଇଯାଇଛି। ତେବେ ସମୟ ଆସୁଛି, ଯେତେବେଳେ ଟିଭି ଅପେକ୍ଷା ରେଡ଼ିଓର ଚାହିଦା ବଢ଼ିବ। ସେତେବେଳେ ରେଡ଼ିଓ ବା ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ। ମୋବାଇଲ ବା ପକେଟ ରେଡ଼ିଓଟି ଦୃଶ୍ୟ - ଶ୍ରାବ୍ୟ ପାଲଟି ଯାଇଥିବ। ଏଣୁ ଏହା ସତ୍ୟ ବୋଲି ଅନୁମତି ହୁଏ ଯେ ମାନବସେବାରେ ଏହାକୁ ସର୍ବୋତ୍ତମ ସ୍ଥାନ ମିଳିବ। ରେଡ଼ିଓ ଯେ ସୂଚନା ପ୍ରାପ୍ତିର ବଳିଷ୍ଠ ମାଧ୍ୟମ ଏହା ନିଃସନ୍ଦେହ। ରେଡ଼ିଓ ଲୋକଙ୍କୁ ବୁଝାଏ। ରେଡ଼ିଓର ଉପଯୋଗିତା ଓ ସାର୍ଥକତା ଆଜି ବି ରହିଛି। ରେଡ଼ିଓକୁ ଲୋକେ ଆଜି ବି ପସନ୍ଦ କରୁଥିବା ସ୍ପଷ୍ଟ ହେଉଛି ବୋଲି ସେ କହିଥିଲେ। ପୂର୍ବରୁ ରେଡ଼ିଓ ଥିଲା, ଆଜି ଅଛି ଏବଂ ଆଗକୁ ମଧ୍ୟ ରହିବ।

ନିର୍ଦ୍ଦେଶିକା - ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ପ୍ରଣୟ ପରମ ବେଦଃ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ**

ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ।

ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ଗ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି (କ୍ରମଶଃ)

# ଜୀବନ ପ୍ରେମ ହିଁ ଆନନ୍ଦ

**ଅପର୍ଣ୍ଣା ନାୟକ**

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ସବୁବେଳେ ମନେରଖନ୍ତୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମନେ କରିବା ଉଚିତ । ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତ ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକମାନ ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ ।

ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନରୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା।

ମେନ ସାଗର ପାନ ରୋଡ୍, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬

# ଗାଳ୍ପିକ କୃଷ୍ଣପ୍ରସାଦ

**ବାଦଲ ଭୂୟାଁ**

ବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା ଡ.କୃଷ୍ଣପ୍ରସାଦ ମିଶ୍ର। ୧୯୫୬ରେ ବନାରସ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପାଠ୍ୟକ୍ରମରେ, ଦର୍ଶନଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ। ତାହାପରେ ଆଇନ ପଢ଼ି ଅଳ୍ପ କିଛି କାଳ ଓକିଲାତି କରିଥିଲେ। ତେବେ, ଅଧ୍ୟାପନା ବୃତ୍ତି ପ୍ରତି ପ୍ରବଳ ଆଗ୍ରହ ଥିଲା। ତେଣୁ ସର୍ବଭାରତୀୟ ପ୍ରଶାସନିକ ସେବାର ଆଲାଏଡ୍ ସର୍ଭିସ୍ ପାଇଁ ମନୋନୀତ ହୋଇଥିଲେ ହେଁ, ସେଥିରେ ଯୋଗ ନଦେଇ ୧୯୫୯ରେ ଅଧ୍ୟାପକ ଜୀବନ ଆରମ୍ଭ କରିଥିଲେ। ୧୯୫୯-୬୩ ବିଜେବି ଓ ଏସ୍‌ସିଏସ୍ କଲେଜରେ ଅଧ୍ୟାପନା। ତାହାପରେ କମନ୍‌ୱେଲ୍‌ଥ ସ୍କଲରାସିପ୍ ପାଇ, କାନାଡ଼ାର ଟରୋଣ୍ଟୋ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡ଼ି କିରଥିଲେ। ୧୯୬୮ରେ ଡ.କୃଷ୍ଣପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ ଯୋଗ ଦେଇଥିଲେ। ୧୯୮୪ରେ ପ୍ରଫେସର ପଦ ମଣ୍ଡନ କରିଥିଲେ। ୧୯୮୮ରେ ଓଡ଼ିଆ ଦର୍ଶନ କଂଗ୍ରେସର ସଭାପତି ପଦ ଅଳଂକୃତ କରିଥିଲେ। ସାରା ଜୀବନ ସାହିତ୍ୟ ସେବା ଓ ଅଧ୍ୟାପନାରେ କଟିଥିଲା।

ସେ ଥିଲେ ସୁଲେଖକ ଓ ସୁବକ୍ତା। ତାଙ୍କ ସାହିତ୍ୟିକ ଜୀବନ ଓ ଅଧ୍ୟାପକ ଜୀବନ ସମାନ୍ତରାଳ ଭାବେ ଗତି କରିଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ ହେଁ ମୁଖ୍ୟତଃ ଥିଲେ ଗାଳ୍ପିକ। ସେ ଶତାଧିକ ଗଳ୍ପର ସ୍ରଷ୍ଟା। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପକୁ ପାରମ୍ପରିକ ପ୍ରବାହରୁ ଦୂରେଇ ନବ ରୂପ ଦେବାକୁ ସାଧ ମତେ ଚେଷ୍ଟା କରିଥିଲେ। ତାଙ୍କ ଗଳ୍ପ କେତେବେଳେ ଆନ୍ତର୍ଜାତିକ ଚେତନା ଭିତ୍ତିକ କେତେବେଳେ ସମାଜ ଧର୍ମୀ। ପୁଣି କେତେବେଳେ ପ୍ରଥମ ପୁରୁଷରେ ରଚିତା ତାଙ୍କ ଗଳ୍ପରୁ ଦାର୍ଶନିକ ଚେତନାର ସୁଗନ୍ଧ ମିଳେ। ସେ ଅନେକ ମିନିଗଳ୍ପ ମଧ୍ୟ ଲେଖିଯାଇଛନ୍ତି। ନାଏଗ୍ରା ଓ ଦେବଯାନୀ, ଟ୍ରୋଜାନ ଅଶ୍ୱ, ଚିତ୍ରିତ ଚାଦର, କ୍ରୀତଦାସୀର କାବ୍ୟ, ସନାତନ ଓଝା ଗଲେ କୁଆଡ଼େ ?, ଜଣେ ହିପି ତରୁଣୀର ଇତିବୃତ୍ତ, ନିଜକୁ ନାୟକ କରି, ଆଦି ତାଙ୍କର କେତେକ ପ୍ରସିଦ୍ଧ ଗପ। ୧୯୯୪ ଫେବୃଆରୀ ଆଜିର ଦିନରେ ଏହି ପ୍ରସିଦ୍ଧ ଗାଳ୍ପିକଙ୍କର ପରଲୋକ ହୋଇଥିଲା।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,



# ଡିଭାଇଡର ଅଧପନ୍ତରିଆ, ବଢୁଛି ଜନ ଅସନ୍ତୋଷ

ବୁଗୁଡ଼ା, ୧୩।୨:(ମନ୍ଥନ)ବୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାସ୍ତାର ସୌନ୍ଦର୍ଯ୍ୟକରଣ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥା ଅଧପନ୍ତରିଆ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଥମ କରି ୨୦୧୪-୧୫ ଆର୍ଥିକ ବର୍ଷରେ ବୁଗୁଡ଼ା ସହର ଦେଇ ଯାଇଥିବା ୩୩ନଂ ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା । ତେବେ କେବଳ ମଦନ ମୋହନ ଛକ ଠାରୁ ସିନେମା ହଲ୍ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ହୋଇଥିଲେ ହେଁ ମୁଖ୍ୟ ବଜାର ସହିତ ହାଇସ୍କୁଲ ଛକ ଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇ ଶୀତଳ ଭଣ୍ଡାରରେ ପଡି ରହିଛି । ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ସଂକୀର୍ଣ୍ଣତା ଯୋଗୁଁ ଡିଭାଇଡର ହୋଇପାରୁ ନଥିବା ଦର୍ଶାଉଥିବା ବେଳେ ପୋଲସରା ସହରର ଆରମ୍ଭରୁ ଶେଷ ସହର ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଅସମ୍ପୂର୍ଣ୍ଣ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବା ପାଇଁ



ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତାରେ ଡିଭାଇଡର ବ୍ୟବସ୍ଥା ହୋଇଥିଲେ ହେଁ ସେହି ଏକା ନିର୍ବାଚନ ମଣ୍ଡଳୀରେ ଆସୁଥିବା ବୁଗୁଡ଼ା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦୃଢ ଦାବି ହେଉଛି ।

# ଦେଉଳିମଠ ଠାରେ ଶ୍ରୀ ଜଗନ୍ନାଥଙ୍କ ପଞ୍ଚରାତ୍ର ମହୋତ୍ସବ ଅନୁଷ୍ଠିତ

କାକଟପୁର,୧୩।୨:(ମନ୍ଥନ)ପୁରୀ ଜିଲ୍ଲା କାକଟପୁର ର ଦେଉଳି ମଠ ଯାହା ମହାପ୍ରଭୁ ଜଗନ୍ନାଥ ଙ୍କ ଏନ୍ତୁଡ଼ିଶାଳ ବୋଲି ବିଦିତ, ସେଠାରେ ଏକ ଆଧାତ୍ମିକ ପରିବେଶ ରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ଅନୁଷ୍ଠିତ ହେଉଛି । ଆହୁରି ମଧ୍ୟ ଶ୍ରଦ୍ଧାଳୁ ମାନେ ଗୋଟିଏ ସ୍ଥାନରେ ଶ୍ରୀଜୀଉ ଙ୍କ ଚବିଶ ପ୍ରକାର ବେଶ ଦେଖି ଏକ ଦିବ୍ୟ ଅନୁଭବ କରି ଜୀବନ କୁ କୃତାର୍ଥ ମନେ କରୁଛନ୍ତି । ମହାପ୍ରଭୁ ଙ୍କ ଦୈନନ୍ଦିନ ବେଶ ସହିତ ବାର ମାସ ରେ ହେଉଥିବା ଭିନ୍ନ ଭିନ୍ନ ବେଶରେ ରହିଛି ବିଶେଷ ମହୋତ୍ତ୍ୱ, ଏ ବେଶ ଦର୍ଶନ କଲେ କୋଟି ଜନ୍ମ ର ପୁଣ୍ୟ ପ୍ରାପ୍ତି ହୋଇଥାଏ । ଏହି ବିଶ୍ୱାସ କୁ ଆଧାର କରି ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ପାଇଁ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ସମିତି ତରଫରୁ ଦେଉଳି ମଠ ପରିସରରେ ଏହି ମହୋତ୍ସବ ର ଆୟୋଜନ, ଯାହାକୁ ଦେଖିବାକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ କାହିଁ କେତେ ଦୂରରୁ ଛୁଟି ଆସୁଛନ୍ତି ଏହି ପରିସର କୁ । ତତସହିତ ସନ୍ଧ୍ୟା ରେ ଜଗନ୍ନାଥ ସଂସ୍କୃତି ମହିମା ପ୍ରଚାରକ ପଣ୍ଡିତ ସତ୍ୟାନନ୍ଦ ଦାଶ ମହାରାଜ ଙ୍କ ମୁଖ ନିଃସୃତ ବାଣୀ ଶ୍ରବଣ କରିବାକୁ ପିଲା ଠାରୁ ବୁଢ଼ା ବୁଢ଼ୀ, ଆବାଳ ବନିତା



ପର୍ଯ୍ୟନ୍ତ ମଠ ପରିସରରେ ଏକଜୁଟ ହୋଇ ଏକ ଦିବ୍ୟ ଭାବନା ର ସୌଭାଗ୍ୟ ପାଉଛନ୍ତି । ମହାପ୍ରଭୁ ଙ୍କ ଭିନ୍ନ ଭିନ୍ନ ୨୪ ପ୍ରକାର ବେଶ ମଧ୍ୟରେ ତଡ଼ପାଉଡାରି ବେଶ, ବଡ ସିଂହାର ବେଶ, ଚନ୍ଦନ ଲାଗି ବେଶ, ଗଜାନନ ବେଶ, ସୁନା ବେଶ, ବଣ ଭୋଜି ବେଶ, କାଳୀୟ ଦଳନ, ବାମନ ବେଶ, ରାଧା ଦାମୋଦର ବେଶ, ବାଙ୍କ ଚୂଡ଼ ବେଶ, ନାଗାର୍ଜୁନ ବେଶ, ଘଚେରୀ ବେଶ, ଆଦି ବେଶ ପ୍ରଦର୍ଶିତ କରାଯାଇଛି । ଅନେକ ସମୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଙ୍କ ଏହି ବିଭିନ୍ନ ବେଶ ଦେଖିବାକୁ ଯାହା ସମ୍ଭବ ନୁହେଁ, ତାହା ଏହି ପରିସରରେ ଦେଖିବାକୁ ମିଳୁଛି । ଆହୁରି ମଧ୍ୟ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ସହିତ କୁନି କୁନି ସ୍କୁଲ ପିଲାମାନଙ୍କ ପାଇଁ ଅନ୍ନ ଯଜ୍ଞ ର ବ୍ୟବସ୍ଥା କରାଯାଇଛି । ଏହିଭଳି ଦିବ୍ୟ ଦର୍ଶନ, ଦିବ୍ୟ ପ୍ରବଚନ ଭଳି ଦିବ୍ୟ ଆୟୋଜନ ପାଇଁ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ସମିତି କୁ ଧନ୍ୟବାଦ ଦେଉଛନ୍ତି ଶ୍ରଦ୍ଧାଳୁ ।

# ମାଇଁ ଭାରତ କେନ୍ଦ୍ର ପକ୍ଷରୁ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧୩।୨:(ମନ୍ଥନ)ମାଇଁ ଭାରତ ଓ ତ୍ରିପୁରା କ୍ଲବର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା କେନ୍ଦ୍ରାପଡା ବ୍ଲକ ଅଧିନ ବଗଡା ସ୍ପୋର୍ଟସ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କବାଡି, ଭଲିବଲ, ସ୍ଲୋ ସାଇକେଲ, ଏକଶହ ଓ ଦୁଇଶହ ମିଟର ରେସ, ମ୍ୟୁଜିକ ଚେୟାର ପ୍ରଭୃତି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୧୫ରୁ ୨୯ ବର୍ଷ ବୟସ ବର୍ଗର କ୍ରୀଡାବିତମାନେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାକୁ କ୍ରୀଡାଶିକ୍ଷକ ଉମାକାନ୍ତ କର ଓ ପ୍ରଫୁଲ୍ଲ ପ୍ରଧାନ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ମାଇଁ ଭାରତ କେନ୍ଦ୍ରର ଜିଲ୍ଲା ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ବଗଡା ପଞ୍ଚାୟତ ସରପଞ୍ଚ ସୁବନୀ ସାହୁ, ବଗଡା ସ୍ପୋର୍ଟସ ଏକାଡେମୀ ସଭାପତି ସୁବୁଧି ଚରଣ ସାହୁ ଓ ଫକିର ଚରଣ ବାରିକ ପ୍ରମୁଖ ଯୋଗଦେଇ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କୃତି ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ବିପିନ ବେହୁରା, ରମେଶ ଦାସ, ତୁଷାର ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ । ବଗଡା ସ୍ପୋର୍ଟସ ଏକାଡେମୀ ସଭ୍ୟ ଭବାନୀଶଙ୍କର ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁନୁସୁ ପିଲାର ଭାଷା,ମାଇଜି ଟୋକି ର ଖସା-ମୁକେଶ ମହାଲିଙ୍ଗ

ନବରଙ୍ଗପୁର,୧୩।୨:(ମନ୍ଥନ) ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲ୍ଲା ଗସ୍ତ ପୂର୍ବକ ରାଜ୍ୟ ସରକାରଙ୍କ ନୂଆ । ଯୋଜନା ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ର ଶୁଭାରମ୍ଭ ସହ ନବରଙ୍ଗପୁର ଜିଲ୍ଲାରେ ନୂତନ ଭେଷଜ ମହାବିଦ୍ୟାଳୟ ଯାହା ୧୦୦ ଏମ ବି ବି ଏସ ସିଟ ଏବଂ ୪୨୦ ଶଯ୍ୟା ବିଶିଷ୍ଟ ହେବ,ତାହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ । ହିଁଲି ଠାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲାରେ ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିଭାଗୀୟ ଉନ୍ନତିମୂଳକ ପ୍ରକଳ୍ପ ର ଶୁଭ ଶିଳାନ୍ୟାସ ଓ ଉଦ୍ଘାଟନ କରିଛନ୍ତି । ବିଶାଳ ସମାବେଶ ରେ ମୁଖ୍ୟମନ୍ତ୍ରୀ ଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା,ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ,ଲୋକସଭା ସାଂସଦ ବଳଭଦ୍ର ମାଝି,ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାଁ, ଡାବୁଗାଁ ବିଧାୟକ ମନୋହର ରାନ୍ଧାରୀ,ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ,ଝରିଗାଁ ବିଧାୟକ ନରସିଂହ ଭତରା,ମାଲକାନଗିରି ବିଧାୟକ ନରସିଂହ ମାଡକାମି ,କୋଟପାଡ଼ ବିଧାୟକ ରୁପୁ ଭତରା ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଶ୍ବତୀ ଏସ,ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଏନ୍ ବି ଏସ ରାଜପୁତ,ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ପ୍ରମୁଖ ମଞ୍ଚରେ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅସ୍ୱାଥି ଏସ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ଦର୍ଶନ କରିବା ପାଇଁ ଆର୍ଥିକ ଦୁର୍ବଳ ଶ୍ରେଣୀ ର ଲୋକଙ୍କୁ କୌଣସି ଦୂରତା ଓ ଅର୍ଥ ବାଧକ ହେବ ନାହିଁ । ନୂଆ । ଯୋଜନା ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ୬୦ ରୁ ୭୫ ବର୍ଷ ବୟସ ମଧ୍ୟରେ ଥିବା ବରିଷ୍ଠ ନାଗରିକ ଏବଂ ୭୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ବିଧବା ମହିଳା ମାନେ ଅନ୍ତର୍ଭୁକ୍ତ ହୋଇପାରିବେ । ସେଭଳି ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟ ସ୍ଥାପନ ହେଲେ ନବରଙ୍ଗପୁର ଜିଲ୍ଲା ସହିତ ନିକଟବର୍ତ୍ତୀ ଜିଲ୍ଲାର ଜନ ସାଧାରଣ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ପାଇପାରିବେ । ନବରଙ୍ଗପୁର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତିରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ରହିଛି ବୋଲି କହିଥିଲେ ।

# ବଟେଶ୍ୱର ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

ଗଞ୍ଜାମ, ୧୩।୨:(ମନ୍ଥନ)ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆ । ଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ବାବା ବଟେଶ୍ୱର ମନ୍ଦିରରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବହୁ ଆଡମ୍ବରରେ ମହାଶିବରାତ୍ରି ତଥା ଜାଗର ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏଥିପାଇଁ ମନ୍ଦିର ପରିସରରେ ଏକ ପାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଐତିହ୍ୟ ସରଂକ୍ଷଣ ମନ୍ଦିର ପରିଚାଳନା କମିଟି ସଭାପତି ପିତାମ୍ବର ସ୍ୱାଇଁ ସଭାପତିତ୍ୱ କରିଥିଲେ । ଉପଦେଷ୍ଟା ଦିଲ୍ଲୀପ କୁମାର ଛୋଟରାଏ,ଉପସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ ପଲାଇ,ନିରାକାର ଜେନା, ଶିବରାମ ପଲାଇ, ପବିତ୍ର ସ୍ୱାଇଁ, ବୃନ୍ଦାବନ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଆସନ୍ତା ରବିବାର ମହା ଶିବରାତ୍ରି ତଥା ଜାଗର ଯାତ୍ରା ରେ ଛଅ ଖଣ୍ଡ ସ୍କୁଲ ପିଲା ମାନଙ୍କୁ ନେଇ ଏକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ କରାଯିବା ଲାଗି ବୈଠକରେ ଆଲୋଚନା ହୋଇଥିଲା । ଏଥିସହ ମନ୍ଦିର ଠାରୁ ମାତ୍ର କିଛି ଦୂରରେ ବଙ୍ଗୋପ ସାଗର ବେଳାଭୂମି ଥିବା ହେତୁ ଭକ୍ତ ଓ ପର୍ଯ୍ୟଟକ ମାନେ କିଭଳି ସୁରକ୍ଷିତ ଭାବେ ପରିବେଶ ଉପଭୋଗ କରିବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା । ତତ ସଙ୍ଗେ ସଙ୍ଗେ ଭକ୍ତ ମାନଙ୍କ ଧାଡିରେ ଠାକୁର ଦର୍ଶନ ଏବଂ ଶିଶୁ ପାର୍କରେ ପିଲାମାନେ ସୁରକ୍ଷିତ ବୁଲି ପାରିବେ ତାସହ ପାନୀୟ ଜଳ ବ୍ୟବସ୍ଥା, ଆଇନ ଶୃଙ୍ଖଳା ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ଷ୍ଟକ୍ ବଜାର କାରବାର ମାନ୍ଦା

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):ବିଶ୍ୱର ବିଭିନ୍ନ ଦେଶରେ ଷ୍ଟକ୍ ବଜାର କାରବାର ମାନ୍ଦା ରହିବାରୁ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର କାରବାର ପ୍ରଭାବିତ ହୋଇଥିଲା । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ଆଜି ୧୦୪୮ ପଏଣ୍ଟ ହ୍ରାସ ପାଇ ୮୨,୬୨୬.୭୬ ପଏଣ୍ଟରେ ବନ୍ଦ ହୋଇଛି । ଏକ ସମୟରେ ତାହା ୧୧୪୦ ପଏଣ୍ଟ ତଳକୁ ଖସିଯାଇଥିଲା । କାରବାର ଶେଷ ବେଳକୁ କିନ୍ତୁ ସେଥିରେ କିଛିଟା ସୁଧାର ଘଟିଥିଲା । ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜରେ ନିଫ୍ଟି ମଧ୍ୟ ୩୩୬ ପଏଣ୍ଟ ହ୍ରାସ ପାଇ ୨୫,୪୭୧ ପଏଣ୍ଟରେ ବନ୍ଦ ହୋଇଛି । ସେନ୍ସେକ୍ସ ଓ ନିଫ୍ଟିରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ବିପୁଳ କ୍ଷତି ସହିଛନ୍ତି । ସେମାନେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ସେନ୍ସେକ୍ସରେ ହିନ୍ଦୁସ୍ତାନ ୟୁନିଲିଭର, ଇଟର୍ନାଲ୍, ଟାଇଟାନ, ଟାଟା ଷ୍ଟିଲ୍, ଆଦାନୀ ପୋର୍ଟସ୍, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍, ପାୱାରଗ୍ରିଡ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍, ଏସିଆନ୍ ପେଣ୍ଟ୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚ୍ଡିଏଫ୍ସି ବ୍ୟାଙ୍କ ଓ ଏଚ୍ସିଏଲ୍ ଟେକ୍ନୋଲୋଜିସର ସେୟାର ମୂଲ୍ୟରେ ହ୍ରାସ ଘଟିଛି । କିନ୍ତୁ ବଜାଜ ଫାଇନାନ୍ସ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସେୟାର ମୂଲ୍ୟ ବଢିଛି । ବିଶେଷଜ୍ଞମାନଙ୍କ ମତରେ ଭାରତ-ଆମେରିକା ବାଣିଜ୍ୟ ରାଜିନାମା ଦ୍ୱନ୍ଦ୍ୱ ଦୂର ହେବା ପରେ ଏବେ ସୂଚନା ପ୍ରଯୁକ୍ତି ଦୁନିଆରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ପ୍ରଭାବକୁ ନେଇ ବିପଦ ଦେଖାଦେଇଛି । ତାହା ଭାରତୀୟ ଆଇଟି କମ୍ପାନିଗୁଡ଼ିକର ପ୍ରତିଯୋଗିତା ଭାବକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି । ସେଥିପାଇଁ ନିବେଶକମାନେ ଆଇଟି କମ୍ପାନିଗୁଡ଼ିକର ସେୟାର ବିକ୍ରି କରୁଛନ୍ତି । ଟିସିଏସ୍ ସେୟାର ମୂଲ୍ୟରେ ବୃହତ ହ୍ରାସ ଘଟିଛି । ସେହି ସମୟରେ ଡଲାର ଦୃଢ ହୋଇଥିବାରୁ ଧାତବ କମ୍ପାନିର ସେୟାରକୁ ବିକ୍ରି ଲାଭ ଉଠାଇବାକୁ ନିବେଶକମାନେ ଉଦ୍ୟମ କରିଥିଲେ । ତାହାର ପ୍ରଭାବରେ ମଧ୍ୟ ସେନ୍ସେକ୍ସ ଓ ନିଫ୍ଟି ଦୁର୍ବଳ ହୋଇଥିଲା । ଏସିଆ ମହାଦେଶରେ ହଂକଂର ହାଙ୍ଗସେଙ୍ଗ, ସାଂଘାଇ କମ୍ପୋଜିଟ୍ ଇଣ୍ଡେକ୍ସ, ଜାପାନର ନିକେଇ ୨୨୫, ଦକ୍ଷିଣ କୋରିଆର କୋସ୍ପି ମଧ୍ୟ ହ୍ରାସ ସହ ବନ୍ଦ ହୋଇଛି । ୟୁରୋପୀୟ ବଜାରରେ କାରବାର ମିଶ୍ରିତ ଫଳାଫଳ ପ୍ରଦାନ କରିଥିଲା । ଆମେରିକା ଷ୍ଟକ୍ ବଜାରଗୁଡ଼ିକର ସୂଚୀ ମଧ୍ୟ ହ୍ରାସ ପାଇଥିଲା ।

# ବିହାରରେ ସାମ୍ବାଦିକଙ୍କୁ ଗୁଳି

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):ଉତ୍ତର ବିହାରର ସିୱାନରେ ଗୁରୁବାର ରାତିରେ ଏକ ପ୍ରମୁଖ ହିନ୍ଦୀ ଖବରକାଗଜର ସାମ୍ବାଦିକଙ୍କ ଉପରେ ଅପରାଧୀ ଗୁଳିମାଡ଼ କରିଛନ୍ତି । ଗୁରୁତର ଅବସ୍ଥାରେ ସମ୍ପୃକ୍ତ ସାମ୍ବାଦିକଙ୍କୁ ପାଟନା ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ସୂଚନା ଅନୁଯାୟୀ ମୋଟର ସାଇକେଲରେ ଦୁଇ ଜଣ ଦୁର୍ବୃତ୍ତ ସାମ୍ବାଦିକ ରମେଶ ସିଂହଙ୍କ ଉପରକୁ ଅନ୍ଧାଧୂନ୍ଦ ଗୁଳିମାଡ଼ କରିଥିଲେ । ସାମ୍ବାଦିକ ରମେଶଙ୍କ ପେଟରେ ଗୋଟିଏ ଗୁଳି ବାଜିଥିବାବେଳେ ସେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ସିୱାନର ସଦର ହସ୍ପିଟାଲକୁ ନେଇ ଯାଇଥିଲେ । ପରେ ତାଙ୍କୁ ପାଟନା ରେଫର କରାଯାଇଥିଲା । ପୁଲିସ ଘଟଣାର ତଦନ୍ତ କରୁଛି । ଘଟଣାସ୍ଥଳରେ ଫୋରେନସିକ ଯାଞ୍ଚ ଦଳ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ,ସିଂହ ଯଶୋଲିର ବାସିନ୍ଦା ହୋଇଥିବାବେଳେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପାକଡି ବଙ୍ଗାଳି ଯାଇଥିଲେ । ଏହି ଗୁଳିକାଣ୍ଡର କାରଣ ଖୋଜାଯାଉଥିବା ସ୍ଥାନୀୟ ଏସ୍ପି ସୂଚନା ଦେଇ କହିଛନ୍ତି । ଏହି ଘଟଣା ୨୦୧୬ ମସିହାରେ ସାମ୍ବାଦିକ ରାଜ ଦେଓ ରଞ୍ଜନଙ୍କ ହତ୍ୟାକାଣ୍ଡ କଥା ମନେ ପକାଇ ଦେଇଛି ।

# ୪୦ ବର୍ଷ ହେଲା ଅନ୍ଧକାରରେ ୩୬୦ ଦଳିତ ପରିବାର

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):ତାମିଲନାଡୁର ମଦୁରାଇ ସହର ଭାଣ୍ଡିୟୁର ନିକଟସ୍ଥ ଥିର୍ଥକାଡୁ ଗାଁରେ ରହୁଥିବା ପ୍ରାୟ ୩୬୦ ଦଳିତ ପରିବାର ଗତ ୪୦ ବର୍ଷ ହେଲା ବିଦ୍ୟୁତ, ପାନୀୟଜଳ ପରି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି । ଜମି ପଟ୍ଟା ପ୍ରଦାନକୁ ନେଇ ନଗର ନିଗମ ଏବଂ ରାଜ୍ୟ ରାଜସ୍ୱ ବିଭାଗ ମଧ୍ୟରେ ଚାଲିଥିବା ଟଣାଓଟରା ଯୋଗୁଁ ବିଦ୍ୟୁତ, ପାନୀୟ ଜଳ, ରାସ୍ତା, ଡ୍ରେନେଜ୍ ଏବଂ ପରିମଳ ସୁବିଧା ବିନା ଏଠିକାର ଲୋକ ଜୀବନ ବିତାଉଛନ୍ତି । ଏହି ଅଞ୍ଚଳ ମଦୁରାଇ ସିଟି କର୍ପୋରେସନର ୩୮ ନଂ ୱାର୍ଡ଼ ଓ ମଦୁରାଇ ପୂର୍ବ ବିଧାନସଭା ଅନ୍ତର୍ଗତ ଆସୁଛି । ରାଜ୍ୟର ବାଣିଜ୍ୟିକ ଟିକସ ମନ୍ତ୍ରୀ ଏହି ଅଞ୍ଚଳର ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଥିର୍ଥକାଡୁ ଗ୍ରାମବାସୀଙ୍କ କଥା ସର୍ବଦା ଅକୁହା, ଅଶୁଣା ଏବଂ ଅଦୃଶ୍ୟ ରହିଯାଉଛି । ଅନେକ ଗରିବ ଦଳିତ ପରିବାର ବର୍ଷ ବର୍ଷ ଧରି ସହର ଉପକଣ୍ଠରେ ଅବସ୍ଥିତ ଅନୁର୍ବର ଜମିରେ ବସତି ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ସରକାର ସେମାନଙ୍କୁ ନଅ ଏକର ଜମି ପାଇଁ ପଟ୍ଟା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଗତବର୍ଷ ଡିସେମ୍ବରରେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ କେବଳ ୬୮ ପରିବାରକୁ ଇ-ପଟ୍ଟା ପ୍ରଦାନ କରିଥିଲେ । ପଟ୍ଟା ପ୍ରଦାନରେ ବିଳମ୍ବ ଯୋଗୁଁ ରାଜ୍ୟ ରାଜସ୍ୱ ବିଭାଗ ଦ୍ୱାରା ସୁବିଧା ବିକାଶ ପାଇଁ ସାଧାରଣ ଜମି ଅଞ୍ଚଳକୁ ନଗର ନିଗମକୁ ହସ୍ତାନ୍ତର କରିବାରେ ବାଧା ସୃଷ୍ଟି ହୋଇଥିଲା , ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ମୌଳିକ ସୁବିଧା ପ୍ରଦାନ କରିବା ନେଇ ବିଳମ୍ବ ହେଉଛି । ଏଥିରେ ଅତିଷ୍ଠ ହୋଇ ଥିର୍ଥକାଡୁ ଗ୍ରାମବାସୀ ଏଥର ନିର୍ବାଚନ ବର୍ଜନ କରିବେ ବୋଲି ଧମକ ଦେଇଛନ୍ତି । ଆମେ ଆଗାମୀ କିଛି ଦିନ ମଧ୍ୟରେ ଚେନ୍ନାଇ ଯାଇ ବିଧାନସଭା ଅଭିମୁଖେ ଏକ ରାଲି କରିବାର ଯୋଜନା କରୁଛୁ ବୋଲି ଏସ୍ସି ବାସିନ୍ଦା ସୁରକ୍ଷା କଲ୍ୟାଣ ସଂଘ ସଭାପତି ମୁଥାମିଲ ପାଣ୍ଡିଆନ୍ କହିଛନ୍ତି । ପାଣି ଯୋଗାଣ ବ୍ୟବସ୍ଥା ନଥିବାରୁ ୮୦ ଟଙ୍କା ଦେଇ ୧୦୦ ଲିଟର ବିଶିଷ୍ଟ ବ୍ୟାରେଲ ବୋରୱେଲ ପାଣି ଓ ମାଠିଆ ପିଛା ୧୫ ଟଙ୍କା ହିସାବରେ ପାନୀୟ ଜଳ ଆଣୁଛୁ ବୋଲି ସେ କହିଥିଲେ । ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ଦିଆଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ନଥିବାରୁ ଏହାକୁ ବ୍ୟବହାର କରାଯାଇପାରୁନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗତ ୪୦ ବର୍ଷରେ ଗାଁରେ ଜଣେ ବିଧାୟକ କରିନାହାନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି ।

# ଏୟାର ଇଣ୍ଡିଆକୁ ୧ କୋଟି ଟଙ୍କାର ଜରିମାନା ଲଗାଇଲା DGCA

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):ଏୟାର ଇଣ୍ଡିଆ ଉପରେ ୧ କୋଟି ଟଙ୍କାର ଜରିମାନା ଲଗାଇଲା ଭାରତର ବେସାମରିକ ବିମାନ ଚଳାଚଳ ନିୟାମକ ବା ଡିଜିସିଏ । ଆବଶ୍ୟକୀୟ ଏୟାର ଯୋଗ୍ୟତା ପରମିଟ୍ (ଏୟାର ଯୋଗ୍ୟତା ପ୍ରମାଣପତ୍ର) ବିନା ଏୟାରବସ୍ ବିମାନକୁ ଆଠ ଥର ଉଡ଼ାଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ନଭେମ୍ବର ୨୪ ରୁ ୨୫ ମଧ୍ୟରେ ବିମାନଟି ଜାତୀୟ ରାଜଧାନୀ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ମଧ୍ୟରେ ଯାତ୍ରୀ ମାନଙ୍କୁ ନେଇ ଚଳାଚଳ କରିଥିଲା । ଯାଞ୍ଚରୁ ଜଣାପଡିଛି ଯେ, ସମ୍ପୃକ୍ତ ଏୟାରବସ୍ ବିମାନର ଏକ ବୈଧ ARC (ଏୟାର ଯୋଗ୍ୟତା ସମୀକ୍ଷା ପ୍ରମାଣପତ୍ର) ନାହିଁ । ARC ହେଉଛି ଏକ ବାଧ୍ୟତାମୂଳକ ବାର୍ଷିକ ପ୍ରମାଣପତ୍ର, ଯାହା ବିମାନର ବୈଷୟିକ ଅବସ୍ଥା, ରକ୍ଷଣାବେକ୍ଷଣ ରେକର୍ଡ ଏବଂ ସୁରକ୍ଷା ମାନଦଣ୍ଡ ସମୀକ୍ଷା କରିବା ପରେ ଜାରି କରାଯାଏ଼ୟ ଏହା ନିଶ୍ଚିତ କରେ ଯେ ଏହା ବିମାନ ନିୟାମକ ନିୟମ ଏବଂ ସୁରକ୍ଷା ମାନଦଣ୍ଡ ପାଳନ କରେ । ଏକ ବୈଧ ଇଜଉ ବିନା ଏକ ବାଣିଜ୍ୟିକ ଉଡ଼ାଣ ପରିଚାଳନାକୁ ଏକ ଗୁରୁତର ଉଲ୍ଲଂଘନ ବୋଲି ବିବେଚନା କରାଯାଏ, କାରଣ ଏହା ସୁରକ୍ଷା ତଦାରଖକୁ ଦୁର୍ବଳ କରେ । ଏହା ଆଧାରରେ, ଭାରତର ବିମାନ ଚଳାଚଳ ନିୟାମକ, ଡିଜିସିଏ, ଏୟାର ଇଣ୍ଡିଆ ଉପରେ ୧ କୋଟି ଟଙ୍କା ଜରିମାନା ଲଗାଇଛି । ନିୟାମକ ଏହାକୁ ସୁରକ୍ଷା ମାନଦଣ୍ଡର ଏକ ପ୍ରକ୍ରିୟା ବୋଲି




ବିବେଚନା କରିଛନ୍ତି ଏବଂ ଭବିଷ୍ୟତରେ ଏପରି ତ୍ରୁଟିକୁ ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (DGCA) ଅନୁଯାୟୀ, ଯେକୌଣସି ବିମାନ ବାଣିଜ୍ୟିକ ଭାବରେ ଉଡ଼ାଣ କରିବା ପୂର୍ବରୁ ଏକ ବୈଧ ବିମାନ ଯୋଗ୍ୟତା ପ୍ରମାଣପତ୍ର ବାଧ୍ୟତାମୂଳକ, ଯାହା ନିଶ୍ଚିତ କରେ ଯେ ଏହା ବିମାନ ସୁରକ୍ଷା ମାନଦଣ୍ଡ ପୂରଣ କରୁଛି । ନିୟାମକ ଜାଣିପାରିଲେ ଯେ ସମ୍ପୃକ୍ତ ଏୟାରବସ୍ ବିମାନ ଆବଶ୍ୟକୀୟ ଅନୁମତି ବିନା ପରିଚାଳିତ ହୋଇଥିଲା, ଯାହା ବିମାନ ସୁରକ୍ଷା ନିୟମର ଉଲ୍ଲଂଘନ । ଏହାକୁ ଏକ ଗୁରୁତର ତ୍ରୁଟି ବୋଲି ବିଚାର କରି, DGCA ଏକ ଆର୍ଥିକ ଦଣ୍ଡ ଲାଗୁ କରିଛି ।

# ରୁଷ ଠାରୁ ଅଧିକ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବ ଭାରତ, ପ୍ରତିରକ୍ଷା ମନ୍ତ୍ରଣାଳୟର ମଞ୍ଜୁରୀ


ନୂଆଦିଲ୍ଲୀ,୧୩।୨(ଏଜେନ୍ସି):ଆହୁରି ବଢିବ ଭାରତର ଶକ୍ତି । ଭାରତ ରୁଷଠାରୁ ଅଧିକ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବ । ଭାରତ ଏହାର ସୀମାରେ ବଢୁଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ନିଜର ସାମରିକ କ୍ଷମତା ବୃଦ୍ଧି କରିବ । ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ରୁଷଠାରୁ ରାଫେଲ ଜେଟ୍ ଏବଂ ୨୮୮ଟି ଅତିରିକ୍ତ ଏସ-୪୦୦ ଭୂପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର କ୍ରୟକୁ ଅନୁମୋଦନ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ପ୍ରାୟ ୧୦,୦୦୦ କୋଟିରେ ରୁଷରୁ ଏସ-୪୦୦ କ୍ଷେପଣାସ୍ତ୍ର କ୍ରୟ ପାଇଁ ଆବଶ୍ୟକତାର ସ୍ୱୀକୃତି ପ୍ରଦାନ କରିଛି । କ୍ରୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୂର୍ଣ୍ଣ କ୍ରୟ ଫାଷ୍ଟ ଟ୍ରାକ୍ ପ୍ରକ୍ରିୟା ଅଧୀନରେ କରାଯିବ । ଏହି ସମୟରେ, ପୂର୍ବରୁ ସ୍ୱାକ୍ଷରିତ ଚୁକ୍ତିନାମା ଅନୁଯାୟୀ ଭାରତ ଚଳିତ ବର୍ଷ ଜୁନ୍ ଏବଂ ନଭେମ୍ବରରେ ଆଉ ଦୁଇଟି ଏସ-୪୦୦ ସିଷ୍ଟମ ପାଇବାର କାର୍ଯ୍ୟକ୍ରମ ରହିଛି । ସୂତ୍ର ଅନୁଯାୟୀ, ଏହି ଚୁକ୍ତି ସମୟରେ ଭାରତ ରୁଷଠାରୁ ୧୨୦ଟି କ୍ଷୁଦ୍ର ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ୧୬୮ଟି ଦୂରଗାମୀ କ୍ଷେପଣାସ୍ତ୍ର ହାସଲ କରିବ । ଗତ ବର୍ଷ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂର ପରେ ଏପରି କ୍ଷେପଣାସ୍ତ୍ରର ଆବଶ୍ୟକତା ଯଥେଷ୍ଟ ବୃଦ୍ଧି ପାଇଛି । ଭାରତୀୟ ସେନା ମେ ୨୦୨୫ରେ ଅପରେସନ ସିନ୍ଦୂର ସମୟରେ ଏସ-୪୦୦ ସିଷ୍ଟମର ବ୍ୟାପକ ବ୍ୟବହାର କରିଥିଲା । ୪୦୦ କିଲୋମିଟର, ୨୦୦ କିଲୋମିଟର, ୧୫୦ କିଲୋମିଟର ଏବଂ ୪୦କିଲୋମିଟର ଦୂରତା ବିଶିଷ୍ଟ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ଶତ୍ରୁ ପକ୍ଷର ଯୁଦ୍ଧ ବିମାନ,



AWACS, ଗୁଇନ୍ଦା ବିମାନ ଏବଂ ଡ୍ରୋନଗୁଡ଼ିକୁ ଅଟକାଇବା ପାଇଁ ବ୍ୟବହାର କରାଯାଇଥିଲା । ଭାରତ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ୩୧୪ କିଲୋମିଟର ଦୂରରେ ଏସ-୪୦୦ ଦୂରଗାମୀ କ୍ଷେପଣାସ୍ତ୍ର ସାହାଯ୍ୟରେ ଏକ ବଡ଼ ବିମାନକୁ ମଧ୍ୟ ଟାର୍ଗେଟ କରିଥିଲା, ଯାହା ଫଳରେ ପାକିସ୍ତାନକୁ ଏହାର ଅନେକ ବିମାନ ପଶ୍ଚିମ କ୍ଷେତ୍ରକୁ ସ୍ଥାନାନ୍ତର କରିବାକୁ ବାଧ୍ୟ କରିଥିଲା । ଭାରତୀୟ ବାୟୁସେନା ରୁଷଠାରୁ ଆହୁରି ପାଞ୍ଚଟି ଏସ୪୦୦ ସିଷ୍ଟମ ଏବଂ ପାଣ୍ଟସିର ସର୍ଟ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ କିଣିବା ବିଷୟରେ ବିଚାର କରୁଛି । ପାଣ୍ଟସିର ସିଷ୍ଟମଟି ବିଶେଷ ଭାବରେ ସଶସ୍ତ୍ର ଏବଂ କାମିକାଜେ ଡ୍ରୋନକୁ ଗୁଳି କରି ଖସାଇ ଦେବା ପାଇଁ ଡିଜାଇନ୍ କରାଯାଇଛି । ଏସ-୪୦୦ ଏବଂ ପାଣ୍ଟସିର ମିଶ୍ରଣ ଭାରତକୁ ସୀମା ପାରରୁ ବାୟୁ ବିପଦକୁ ନିରପେକ୍ଷ କରିବାରେ ସକ୍ଷମ ଏକ ଦୃଢ଼ ସ୍ତରଯୁକ୍ତ ବାୟୁ ପ୍ରତିରକ୍ଷା କବଚ ତିଆରି କରିବାକୁ ଅନୁମତି ଦେବ । ଋଷିଆର ଏସ-୪୦୦ ସିଷ୍ଟମ ୪୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତାରେ ଶତ୍ରୁ ବିମାନ, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନକୁ ଟ୍ରାକିଂ ଏବଂ ଧ୍ୱଂସ କରିବାରେ ସକ୍ଷମ । ଏହାର ଅନନ୍ୟ କ୍ଷମତା ହେଉଛି ଏକକାଳୀନ ଅନେକ ଲକ୍ଷ୍ୟକୁ ଟାର୍ଗେଟ କରିବାର କ୍ଷମତା । ଏହାକୁ ଭାରତର ବହୁ-ସ୍ତରୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀର ମେରୁଦଣ୍ଡ ବୋଲି ବିବେଚନା କରାଯାଏ । ଏହି ନୂତନ କ୍ରୟ ସହିତ, ଭାରତ ଏହାର ବାୟୁ ସୀମାର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ଆଗକୁ ବଢ଼ିଛି । ପୂର୍ବରୁ, ଗୁରୁବାର ଦିନ, ପ୍ରତିରକ୍ଷା ମନ୍ତ୍ରଣାଳୟ ଫ୍ରାନ୍ସରୁ ୧୧୪ଟି ରାଫେଲ ଯୁଦ୍ଧ ବିମାନ କ୍ରୟକୁ ଅନୁମୋଦନ କରିଥିଲା ।

# ମତେ ମାରିବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):ବେଉର ଜେଲରୁ ବାହାରିଲେ ପୂର୍ଣ୍ଣିଆ ସାଂସଦ ପପ୍ପୁ ଯାଦବ । ଜେଲରୁ ବାହାରିବା ପରେ ପପ୍ପୁ ଯାଦବ ଏକ ବଡ଼ ବୟାନ ଦେଇଛନ୍ତି । ଏକ ଜାତୀୟ ଗଣମାଧ୍ୟମ ଆଗରେ ଦାବି କରିଛନ୍ତି ଯେ ତାଙ୍କୁ ହତ୍ୟା କରିବା ପାଇଁ ଏକ ଷଡ଼ଯନ୍ତ୍ର ରଚାଯାଇଥିଲା ଏବଂ ସେ ଏହି ମାମଲାକୁ ସୁପ୍ରିମକୋର୍ଟ ଓ ଲୋକସଭା ବାଚସ୍ପତିଙ୍କ ନିକଟରେ



ଉଠାଇବେ । ପାଟନା ଓ ପୂର୍ଣ୍ଣିଆର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ତିନୋଟି ମାମଲାରେ ତାଙ୍କୁ ଜାମିନ ମିଳିଛି । କୋର୍ଟରୁ ଜାମିନ ପାଇବା ପରେ ପପ୍ପୁ ଯାଦବ ଏବେ ଜେଲରୁ ବାହାରକୁ ଆସିଛନ୍ତି । ତେବେ ଜେଲରୁ ବାହାରିବା ପରେ ପପ୍ପୁ ଯାଦବ ଯେଉଁ ବୟାନ ଦେଇଛନ୍ତି ତାହା ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଛି । ଆଗାମୀ ଦିନରେ ଏହି ମାମଲା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି ।

# ପୁଣି ବଢିଲା ସୁନା,ରୁପା ଦର

ନୂଆଦିଲ୍ଲୀ,୧୩।୨(ଏଜେନ୍ସି):ସୁନା ଓ ରୂପା ଦାମକୁ ନେଇ ଏବେ ବଜାରରେ ଭାରି ଅସ୍ଥିରତା ଦେଖାଯାଉଛି । ପ୍ରଥମେ ଅଲ୍ ଟାଇମ୍ ହାଇ, ତା ପରେ ଭାରି ହ୍ରାସ, ପୁଣି ବୃଦ୍ଧି ଓ ପୁନର୍ବାର ହ୍ରାସ । ସୁନା-ରୁପା ଦରରେ ଏହା ଭିତରେ ଏତେ ଦେଖିବାକୁ ମିଳିଛି ଯେ ନିବେଶକ ଏବଂ କ୍ରେତାଙ୍କ ସହିତ ବିଶେଷଜ୍ଞମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି । ଜାନୁଆରୀ ୨୯ ତାରିଖରେ ରୂପା ପ୍ରତି କିଲୋଗ୍ରାମ ୪.୨୦ ଲକ୍ଷର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା, ଯେତେବେଳେ ସୁନା ୧.୯୩ ଲକ୍ଷରେ ପହଞ୍ଚିଥିଲା । ଏହାପରେ ସୁନା ଏବଂ ରୂପା ଉଭୟ ସେମାନଙ୍କର ରେକର୍ଡ ସର୍ବୋଚ୍ଚ ସ୍ତରରୁ ବହୁତ ହ୍ରାସ ପାଇଥିଲା । ମଲ୍ଟି କମୋଡିଟି ଏକ୍ସଚେଞ୍ଜ ରେ ସୁନା ଏବଂ ରୂପା ମୂଲ୍ୟ ଗୋଟିଏ ଦିନରେ ୩୨,୦୦୦ ପର୍ଯ୍ୟନ୍ତ ହ୍ରାସ ପାଇଥିଲା । ଫେବୃଆରୀ ୧୨ ତାରିଖରେ ରୂପା ପ୍ରାୟ ୧୦% ହ୍ରାସ ପାଇଥିଲା, ଯେତେବେଳେ ସୁନା ପ୍ରାୟ ୩% ହ୍ରାସ ପାଇଥିଲା ।



# ଆଇଆଇଟି ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରତିଷ୍ଠା ଦିବସ ପାଳିତ




**ଭୁବନେଶ୍ୱର, ୧୩।୨ (ନି.ପ୍ର):** ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ୧୨ ଫେବୃଆରୀ ୨୦୨୬ ରେ ଏହାର ଅଷ୍ଟାଦଶ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଓଡିଶା ସରକାରଙ୍କ ମାନ୍ୟବର ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବେ, ଯେତେବେଳେ ପଟ୍ଟନାୟକ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ ର ଅଧ୍ୟକ୍ଷ ଏବଂ ରବିସେ ଫାଉଣ୍ଡେସନ ର ଟ୍ରଷ୍ଟି ଶ୍ରୀ ସରୋଜ ପଟ୍ଟନାୟକ ସମ୍ମାନିତ ଅତିଥି ଥିଲେ। ସମାବେଶକୁ ସମ୍ବୋଧିତ କରି ମାନ୍ୟବର ମନ୍ତ୍ରୀ ଡକ୍ଟ ମୁକେଶ ମହାଲିଙ୍ଗ ପ୍ରଶଂସା କରିଥିବେ ଯେ 'ଆଇଆଇଟି ଭୁବନେଶ୍ୱର ଉଚ୍ଚମାନର ଗବେଷଣା, ନବସୃଜନ ଏବଂ ଶିଳ୍ପ ସହିତ ଚିନ୍ତାଧାରାର ଆଦାନପ୍ରଦାନରେ ଗଭୀର ଭାବରେ ଜଡିତ, ଏବଂ ବର୍ତ୍ତମାନ ଏକ ପାୱାର ସେମିକଣ୍ଡକ୍ଟର ହବ୍ ହେବା ଦିଗରେ ନିର୍ଣ୍ଣାୟକ ଭାବରେ ଅଗ୍ରସର ହେଉଛି। ଓଡିଶାକୁ ଏକ ସେମିକଣ୍ଡକ୍ଟର ହବ୍ ଭାବରେ ମାନ୍ୟତା ଦିଆଯିବା ସହିତ, ଏକ ସିଲିକନ୍ କାର୍ବାଇଡ୍ ୟୁନିଟ୍, ଏସଡିଏମ୍ ପାର୍କ ଏବଂ ନମୋ ସେମିକଣ୍ଡକ୍ଟର ଲ୍ୟାବ୍ ସମେତ ପ୍ରମୁଖ ପ୍ରକଳ୍ପଗୁଡିକ ଶିକ୍ଷା-ଶିଳ୍ପ ସହଯୋଗକୁ ସୁଦୃଢ କରୁଛନ୍ତି। ଏହା ସହିତ, କୃତ୍ରିମ ବୁଦ୍ଧିମତ୍ତା, ଡାଟା ସେଣ୍ଟର ଏବଂ ଜିପିୟୁରେ କେନ୍ଦ୍ରିତ ନିବେଶ ଓଡିଶାକୁ ଏକ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଇକୋସିଷ୍ଟମ ଭାବରେ ସ୍ଥାନିତ କରିବ, ଯାହା ଏକ ଆତ୍ମନିର୍ଭରଶୀଳ ଭାରତ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଦୃଷ୍ଟିକୋଣରେ ଯୋଗଦାନ ଦେବ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ସରୋଜ ପଟ୍ଟନାୟକ କହିଥିଲେ: 'ପ୍ରଯୁକ୍ତିବିଦ୍ୟା ସ୍ୱାସ୍ଥ୍ୟସେବା ଠାରୁ କୃଷି ପର୍ଯ୍ୟନ୍ତ ସମାଜକୁ ଦ୍ରୁତ ଗତିରେ ପରିବର୍ତ୍ତନ କରୁଛି, ଏବଂ ଆଇଆଇଟି ଭୁବନେଶ୍ୱର ଭଳି ପ୍ରତିଷ୍ଠାନ ଏହି ପରିବର୍ତ୍ତନର ସର୍ବୋଚ୍ଚ ସ୍ଥାନରେ ଅଛନ୍ତି। ଏଆଇ ଏବଂ ସ୍ୱୟଂଚାଳିତତା ନିଯୁକ୍ତିକ୍ଷେତ୍ରକୁ ପୁନଃପରିଭାଷିତ କରୁଥିବା ବେଳେ, ଏହା ଉଦ୍ୟୋଗୀତା ଏବଂ ନବସୃଜନ ପାଇଁ ନୂତନ ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ମୁଁ ଛାତ୍ରଛାତ୍ରୀମାନଙ୍କୁ ଆଇଆଇଟି ଭୁବନେଶ୍ୱରର ଗବେଷଣା ଇକୋସିଷ୍ଟମକୁ ଉପଯୋଗ କରିବା, ସୁଚିତ ବିପଦ୍ ନେବା ଏବଂ ଭାରତର ଶିଳ୍ପ ଏବଂ ସାମାଜିକ ପ୍ରତିବନ୍ଧକ ଆଗେଇ ନେବା ପାଇଁ ସମାଧାନ ନିର୍ମାଣ କରିବାକୁ ଉତ୍ସାହିତ କରୁଛି।' ପରାରମ୍ଭରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କର୍ମଲକର ସ୍ୱାଗତ ଭାଷଣ ଦେଇଥିଲେ। ସେ ପ୍ରତିଷ୍ଠାନର ପ୍ରତିଷ୍ଠା ଏବଂ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସର ଇତିହାସ ଉପରେ ସଂକ୍ଷିପ୍ତ ଭାବରେ ଆଲୋକପାତ କରିଥିଲେ।

'ଆଇଆଇଟି ଭୁବନେଶ୍ୱର ଆଧୁନିକ ଶିକ୍ଷା ହଲ୍, ଉନ୍ନତ ଗବେଷଣା ଏବଂ ନବସୃଜନ-ଚାଳିତ ଶିକ୍ଷା ଉପରେ କେନ୍ଦ୍ରିତ ଏକ ପ୍ରାଣବନ୍ତ କ୍ୟାମ୍ପସରେ ବିକଶିତ ହୋଇଛି। ଭିତ୍ତିଭୂମି ତୃତୀୟ ପର୍ଯ୍ୟାୟରେ ଆଇଆଇଟି ଭୁବନେଶ୍ୱର ଦ୍ୱାରା ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ ଏବଂ କ୍ୟାମ୍ପସ ପାଖରେ ଓଡିଶା ସରକାରଙ୍କ ୨୨୩ ଏକର ସେମିକଣ୍ଡକ୍ଟର ଏବଂ ଇଲୋକ୍ଟ୍ରୋନିକ୍ ସିଷ୍ଟମ୍ ଡିଜାଇନ ଉତ୍ପାଦନ ପାର୍କ ଶିଳ୍ପ-ଶିକ୍ଷା ସହଯୋଗକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ମଜବୁତ କରିବ ଏବଂ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବ।' ସେ କହିଥିଲେ। ଶ୍ରୀ ସରୋଜ ପଟ୍ଟନାୟକଙ୍କୁ ଅନୁଷ୍ଠାନକୁ ୨୫ କୋଟି ଟଙ୍କାର ପରିବର୍ତ୍ତନକାରୀ ଆର୍ଥିକ ସହାୟତା, ଲୋକଙ୍କ ଲାଭ ପାଇଁ ଏଆଇ, ହାଇ ପରଫରମିଂ କମ୍ପ୍ୟୁଟିଙ୍ଗ ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ମେଧାବୀ ଅବହେଳିତ ଛାତ୍ରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ଧନ୍ୟବାଦ୍ ଜଣାଇଥିଲେ।

# ଭାରତୀୟ ଡାକ ବିଭାଗ ଓ ଏନଏସଇ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୩।୨ (ନି.ପ୍ର) :** ଭାରତ ସରକାରଙ୍କ ସଂଚାର ମନ୍ତ୍ରଣାଳୟ, ଡାକ ବିଭାଗ (ଡିଓପି) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ) ମଧ୍ୟରେ ଏନଏସଇ ଏମଏଫ ଇନ୍‌ଭେଷ୍ଟ ପ୍ଲାଟଫର୍ମ ଉପରେ ସହଭାଗିତା କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଯାହାକି ଆର୍ଥିକ ଅର୍ନ୍ତଭୁକ୍ତୀକରଣର ଅଗ୍ରଗତି ଏବଂ ଅର୍ନ୍ତୋଦୟ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସହଭାଗିତା ବିଶେଷ କରି ଗ୍ରାମାଂଚଳ ଓ ଅର୍ଦ୍ଧସହରାଂଚଳରେ ଲକ୍ଷ ଲକ୍ଷ ଭାରତୀୟଙ୍କ କ୍ଷୁଦ୍ର ସଂଚୟକୁ ମ୍ୟୁଚୁଆଲ ଫଣ୍ଡ ନିବେଶ ମାଧ୍ୟମରେ ସଂରଚିତ ସମ୍ପତି ସୃଷ୍ଟି ସୁଯୋଗରେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଏମଓୟୁ ଏନଏସଇର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଶ୍ରୀ ଆଶିଷ କୁମାର ଚୌହାନଙ୍କ ଉପସ୍ଥିତିରେ ଡାକ ବିଭାଗର (ସିଟିଜେନ ସେଂଟ୍ରିକ ସର୍ଭିସେସ ଆଣ୍ଡ ରୁରାଲ ବିଜନେସ୍) ମହାପ୍ରବନ୍ଧକ ମନିଷା ବଂଶଲ ବାଦଲ ଓ ଏନଏସଇର ମୁଖ୍ୟ ବାଣିଜ୍ୟିକ ବିକାଶ ଅଧିକାରୀ (ସିବିଡିଓ) ଶ୍ରୀ ଶ୍ରୀରାମ କ୍ରିଷ୍ଣନଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ଏହି ସହଭାଗିତା ସମ୍ପର୍କରେ ଏନଏସଇ ସିଇଓ ଶ୍ରୀ ଆଶିଷ କୁମାର ଚୌହାନ କହିଛନ୍ତି, 'ଆମେ ପୁଞ୍ଜି ବଜାରଗୁଡିକ ପାଇଁ ପହଂଚକୁ ଗଣତାନ୍ତ୍ରିକ କରିବା ଲାଗି ଡାକ ବିଭାଗ ସହ ସହଭାଗିତା କରି ଗର୍ବିତ। ଏନଏସଇ ଏମଏଫ ଇନ୍‌ଭେଷ୍ଟର ସୁଦୃଢ ପ୍ଲାଟଫର୍ମ, ଇଣ୍ଡିଆ ପୋଷ୍ଟର ଅତୁଳନୀୟ ପହଂଚ ସହ ଏକୀକୃତ ହୋଇ ଏକ ନୂତନ ଅଧ୍ୟାୟର ଆରମ୍ଭ କରିବ ଯେଉଁଠାରେ ପ୍ରତ୍ୟେକ କ୍ଷୁଦ୍ର ସଂଚୟକାରୀ ଜଣେ ସମ୍ପତି ସୃଷ୍ଟିକାରୀ ହୋଇପାରିବେ। ସେହିପରି ଡାକ ବିଭାଗର ଜିଏମ ମନିଷା ବଂଶଲ ବାଦଲ କହିଛନ୍ତି, 'ଭାରତୀୟ ଡାକ ବିଭାଗ ସବୁବେଳେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଓ ନାଗରିକ-କେନ୍ଦ୍ରିତ ସେବା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏନଏସଇ ସହ ଏହି ସହଭାଗିତା ଇଣ୍ଡିଆ ପୋଷ୍ଟକୁ ନିବେଶକ ସୁରକ୍ଷା, ସ୍ୱଚ୍ଛତା ଓ ନିୟାମକ ଅନୁପାଳନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି ଏହାର ଗ୍ରାହକଙ୍କୁ ଆଧୁନିକ ନିବେଶ ସମାଧାନ ପ୍ରଦାନ କରିବା ପାଇଁ ସକ୍ଷମ କରିବ। ଏନଏସଇ ସିବିଡିଓ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, 'ସହଜ ଏକତ୍ରିକରଣ, ପ୍ରଶିକ୍ଷଣ ଓ ସହଯୋଗ ପାଇଁ ଆମର ପ୍ରତିବଦ୍ଧତା, ଇଣ୍ଡିଆ ପୋଷ୍ଟ ଯେପରିକି ବିତରଣ ଉପରେ ଗୁରୁତ୍ୱ ଦେଇପାରିବ ତାହା ନିଶ୍ଚିତ କରିବ ଏବଂ ଆମେ ଟେକ୍ନୋଲୋଜି କ୍ଷେତ୍ର ନିୟନ୍ତ୍ରଣ କରିବୁ। ଏହି ଚୁକ୍ତି ଅଧିନରେ ଏନଏସଇ ଇ-କେୱାଇସି, ଅନ୍‌ବୋର୍ଡିଙ୍ଗ, ଟ୍ରାକ୍ସନ ଓ ବ୍ୟାକ୍‌ଏଣ୍ଡ ଅପରେଶନକୁ କଭର କରୁଥିବା ଏକ ଇଂଟିଗ୍ରେଟେଡ ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରିବ। ଏହା ୨୫୦୦ରୁ ଅଧିକ ଇଣ୍ଡିଆ ପୋଷ୍ଟ କର୍ମଚାରୀଙ୍କ ପାଇଁ ଏନଆଇଏସଏମ ସାର୍ଟିଫିକେଶନ ଓ ଇୟୁଆଇଏନ ପୀକରଣ ପାଇଁ ପାଣ୍ଠି ପ୍ରଦାନ କରିବ ଏବଂ ସହଜ କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ପୋଷ୍ଟାଲ ସର୍କଲଗୁଡିକରେ ଡେଡିକେଟେଡ ଟେକ୍ନିକାଲ ସପୋର୍ଟ ଟିମ୍ ନିଯୁକ୍ତ କରିବ।



# ମଣିପାଲ ହସ୍ପିଟାଲ ପକ୍ଷରୁ ଜଟିଳ ମେରୁଦଣ୍ଡ ରୋଗରେ ପୀଡ଼ିତ ୩ ବର୍ଷ ଶିଶୁର ସଫଳ ଚିକିତ୍ସା

**ଭୁବନେଶ୍ୱର, ୧୩। ୨ (ନି.ପ୍ର):** ବାଲେଶ୍ୱର ଜିଲ୍ଲାର ଜାଲେଶ୍ୱର ଅଞ୍ଚଳର ଜଣେ ୩ ବର୍ଷର ଶିଶୁର ଜଟିଳ ଜନ୍ମଜାତ ମେରୁଦଣ୍ଡ ରୋଗର ସଫଳ ଚିକିତ୍ସା କରିଛି ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ହୋଇଛି। ଏହି ସଫଳ ଚିକିତ୍ସା ଦ୍ୱାରା ଶିଶୁଟି ନୂଆ ଜୀବନ ପାଇଛି ଏବଂ ସାରା ଜୀବନ ସ୍ନାୟୁ ଗତ ଅସୁବିଧା (ନର୍ଭ ଡାମେଜ୍) ହେବାର ଭୟ ଦୂର ହୋଇଛି। ମଣିପାଲ ହସ୍ପିଟାଲର ଅଭିଜ୍ଞ ନ୍ୟୁରୋସର୍ଜନ ଡାକ୍ତର ରିତେଶ ଭୂତଙ୍କ ମତରେ ଶିଶୁଟି 'ସ୍ପାଇନାଲ୍ ଲିପୋମାଇଲୋମେନିଙ୍ଗୋସିଲ୍' ନାମକ ଏକ ଜଟିଳ ଜନ୍ମଜାତ ମେରୁଦଣ୍ଡ ରୋଗରେ ପୀଡ଼ିତ ଥିଲା। ଏହି ରୋଗରେ ମେରୁଦଣ୍ଡରେ ଚର୍ବି (ଫ୍ୟାଟ୍) ଜମି ସ୍ନାୟୁ ସହିତ ଲଗି ରହିଥାଏ, ଯାହା ଧୀରେ ଧୀରେ ସ୍ନାୟୁକୁ କ୍ଷତି କରେ। ଡାକ୍ତରଙ୍କ ମତରେ ଯଦି ସଠିକ୍ ସମୟରେ ଚିକିତ୍ସା ନହୁଏ, ତେବେ ପାଦ ଦୁର୍ବଳ ହେବା ସହିତ, ଅନୁଭୂତି କମିଯିବା, ଝାଡ଼ା ଓ ପରିସ୍ରାରେ ସମସ୍ୟା, ଏପରିକି ସାରା ଜୀବନ ପାଇଁ ପକ୍ଷାଘାତ (ପାରାଲିସିସ୍) ହେବାର ଆଶଙ୍କା ରହିଥାଏ।

ଜନ୍ମରୁ ଶିଶୁଟି ଝାଡ଼ା ଓ ପରିସ୍ରା କରିବାରେ ସମସ୍ୟା ଭୋଗୁଥିଲା। ଧୀରେ ଧୀରେ ତାଙ୍କ ବାମ ପାଦ ପତଳା ଓ ଜଟିଳ ହେବାକୁ ଲାଗିଲା। ଏହା ସ୍ନାୟୁ ଖରାପ ହେବାର ସ୍ପଷ୍ଟ ଲକ୍ଷଣ ଥିଲା। ଏଥିପାଇଁ ପିଲାଟିର ବାପା-ମାଆ ଅନେକ ଡାକ୍ତରଙ୍କ ପରାମର୍ଶ ନେଇଥିଲେ ମଧ୍ୟ ଡାକ୍ତରଙ୍କ ତାଙ୍କୁ ୩ ବର୍ଷ ପରେ ଅପରେସନ୍ କରିବାକୁ ପରାମର୍ଶ ଦେଇଥିଲେ, ଯାହା ଫଳରେ ସେମାନେ ଚିକିତ୍ସାରେ ବିଳମ୍ବ କରିଥିଲେ। କିନ୍ତୁ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଡାକ୍ତରଙ୍କ ମତରେ ଏଭଳି ରୋଗରେ ୩ ମାସ ମଧ୍ୟରେ ଅପରେସନ୍ କରିବା ଉଚିତ୍। ଏହି ବିଳମ୍ବ ଯୋଗୁଁ ଅପରେସନ୍ ଅଧିକ ଜଟିଳ ହୋଇଯାଇଥିଲା ଓ ସାରା ଜୀବନ ପାଇଁ ପକ୍ଷାଘାତ (ପାରାଲିସିସ୍) ହେବାର ଆଶଙ୍କା ବଢ଼ିଯାଇଥିଲା। ସଠିକ୍ ଓ ଭଲ ଚିକିତ୍ସା ପାଇଁ ପିଲାଟିର ମା-ବାପା ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ଆସିଥିଲେ। ସେଠାରେ ଶିଶୁଟିଙ୍କ ଚିକିତ୍ସା ଦାୟିତ୍ୱ ନେଲେ ଅଭିଜ୍ଞ ନ୍ୟୁରୋସର୍ଜନ୍ ଡାକ୍ତର ରିତେଶ ଭୂତ। ଏମ୍.ଆର.ଇ ଓ ଏକ୍ସ-ରେ ମାଧ୍ୟମରେ ସମ୍ପୂର୍ଣ୍ଣ ପରୀକ୍ଷା ପରେ ଏକ ଅତ୍ୟନ୍ତ ସୂକ୍ଷ୍ମ ଓ ଜଟିଳ ଅପରେସନ୍ ପାଇଁ ପରାମର୍ଶ ଦେଇଥିଲେ।

ଅପରେସନ୍ ସମୟରେ ଶିଶୁର ପିଠିର ସମସ୍ୟା ଥିବା ସ୍ଥାନରେ ସାବଧାନତାର ସହିତ ଅତ୍ୟାଧୁନିକ ମେସିନ୍ ସାହାର୍ଯ୍ୟରେ କାଟି ଜମିଥିବା ଚର୍ବି ଭାଗକୁ ନର୍ଭରୁ ଅଲଗା କରାଯାଇଲା। ନର୍ଭ ସହିତ ଲଗିଥିବା ଚର୍ବିକୁ କାଟି ବାହାର କରି ମେରୁଦଣ୍ଡକୁ ମୁକ୍ତ କରାଗଲା। ଏହି ଅପରେସନ୍ ପାଇଁ ଅତ୍ୟଧିକ ମେସିନ୍, ଆଧୁନିକ ସୁବିଧା ଓ ଅଭିଜ୍ଞ ଡାକ୍ତରୀ ଟିମ୍ ର ସମନ୍ୱୟ ଆବଶ୍ୟକ ଥିଲା। ଅପରେସନ୍ ପରେ ବର୍ତ୍ତମାନ ଶିଶୁଟି ସୁସ୍ଥ ହେଉଛି ଏବଂ ପୁନର୍ବାସ ବା ରିହାବିଲିଟେସନ୍ ରେ ତାର ଚିକିତ୍ସା ଚାଲିଛି।

# କୋଟାକ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ 'ସେହତ୍ କା ସଫର ୪.୦'ର ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୩।୨ (ନି.ପ୍ର):** କୋଟାକ ମହିନ୍ଦ୍ରା ବ୍ୟାଙ୍କ ('କେଏମବିଏଲ'/କୋଟାକ୍') ଆଜି ଏହାର ଫ୍ଲାଗସିପ ପ୍ରମୁଖ ସିଏସଆର କାର୍ଯ୍ୟକ୍ରମ 'ସେହତ୍ କା ସଫର ୪.୦', ଚତୁର୍ଥ ସଂସ୍କରଣର ଶୁଭାରମ୍ଭ ଘୋଷଣା କରିଛି ଯାହାକି ଭାରତର ପରିବହନ କ୍ଷେତ୍ର ପାଇଁ ନିବାରଣକାରୀ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପ୍ରଦାନ କରୁଅଛି। ଗାଡ଼ି ଚାଳକ, ପରିବହନକାରୀ ଏବଂ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ ତଥା କଲ୍ୟାଣକାରୀତା ପ୍ରତି କୋଟାକ୍‌ର ନିରନ୍ତର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରମାଣିତ କରୁଛି - ଯାହାକି ଏକ ଅତି ଦରକାରୀ ପୁନର୍ବାର ସର୍ବଦା କାର୍ଯ୍ୟରତ ଅବହେଳିତ ମାନଙ୍କ ପାଇଁ ଉପାଦେୟ ଯାହା ଭାରତର ଅର୍ଥନୈତିକ ସ୍ଥିତିକୁ ଚଳମାନ ରଖିପାରିଛି। ୨୦୨୨ ମସିହାରେ, ଶୁଭାରମ୍ଭ ହୋଇଥିବା 'ସେହତ୍ କା ସଫର' କ୍ରମାଗତ ଭାବେ ବର୍ଷ ପରେ ବର୍ଷ ସଫଳତା ସହ ବୃଦ୍ଧି ପାଇବାରେ ଲାଗିଛି। ବିଗତ ତିନୋଟି ସଂସ୍କରଣରେ ଦେଶର ୭୫ରୁ ଅଧିକ ସହରରେ ୧୨୦ରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ପ୍ରାୟ ୧୩,୫୦୦ ଚାଳକଙ୍କ ନିକଟରେ ଏହା ପହଂଚି ପାରିଛି।

ଚତୁର୍ଥ ସଂସ୍କରଣଟି, ୧୮ ଡ଼ିସେମ୍ବର ୨୦୨୫ରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ପର୍ଯ୍ୟାୟରେ ଭାରତର ବିଭିନ୍ନ ପରିବହନ କରିଡ଼ରରେ ୪୫ରୁ ଅଧିକ ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବ। ଏହି ସଂସ୍କରଣ ଜରିଆରେ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ପ୍ରାୟ ୪୫୦୦ ଟ୍ରକ ଚାଳକ ଏବଂ ସେମାନଙ୍କ ପରିବାରକୁ ଏହି ସେବା ଯୋଗାଇ ଦେବା ସହିତ ସେମାନଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟର ଉତ୍କୃଷ୍ଟ ସେବା ଏବଂ ପରିବହନ ଇକୋ-ସିଷ୍ଟମ ମଧ୍ୟରେ ସେମାନଙ୍କୁ ଏକ ସ୍ଥିର ଆର୍ଥିକ ସେବା ପ୍ରଦାନକାରୀତାର ଲକ୍ଷ୍ୟ ରଖିଛି।


ଏହି ପଦକ୍ଷେପ ନିରବଚ୍ଛିନ୍ନ ଭାବରେ ନିବାରଣକାରୀ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଟ୍ରକ ଚାଳକ, ପରିବହନକାରୀ ତଥା ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ ଉପରେ ଅଧିକ ଦୃଷ୍ଟି ଦେବା ସହିତଏହି ଅଭିଯାନ ମୁଖ୍ୟତଃ ଓଡ଼ିଶା, ଆସାମ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପାବ ଏବଂ ଅନ୍ୟାନ୍ୟ ପ୍ରମୁଖ ପରିବହନ କେନ୍ଦ୍ର ଗୁଡ଼ିକରେ ଆୟୋଜିତ ହେଉଅଛି।




'ଭାରତର ଲଜିଷ୍ଟିକ କ୍ଷେତ୍ର ହେଉଛି ଆମ ଅର୍ଥନୀତିର ମେରୁଦଣ୍ଡ ଏବଂ ଏହାର ସୁଦୃଢ଼ତା ଲୋକ ମାନଙ୍କ କଲ୍ୟାଣ ପାଇଁ ନିହିତ ଅଟେ ଯେଉଁମାନେ ଏହାକୁ ଆଗକୁ ନେଇପାରିବେ। ସେହତ୍ କା ସଫର ୪.୦ ଜରିଆରେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏହାର ସାମାଜିକ ଦାୟିତ୍ୱବୋଧତାକୁ ଆହୁରି ଅଧିକ ଗଭୀର କରିବା ସହିତ ସିଧାସଳଖ ଭାବରେ ଏକ ନିବାରଣକାରୀ ସ୍ୱାସ୍ଥ୍ୟ ସେବା, ପରିବହନ ହବ୍ ଗୁଡ଼ିକୁ ପ୍ରଦାନ କରୁଅଛି ଯାହାକି ଚାଳକ ତଥା ସେମାନଙ୍କର ପରିବାରକୁ ଜରୁରୀ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସହିତ, ପ୍ରାଥମିକ ନିରୁପଣ ସକ୍ଷମକାରୀତା ଓ ଏକ ସୁସ୍ଥ ବାତାବରଣ ବୃଦ୍ଧି କରିବା ସଙ୍ଗେ ସଙ୍ଗେ, ଅଧିକ ନମନୀୟକାରୀ କାର୍ଯ୍ୟ ଚାପ ପ୍ରଦାନ କରୁଛି ଯାହା ଚଳମାନ ଆର୍ଥିକ ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିପାରିଛି' ମତବ୍ୟକ୍ତ କରି କହିଛନ୍ତି ଅମିତ୍ ମୋହନ, ସଭାପତି - ଲଜିଷ୍ଟିକ ଆଣ୍ଡ ଇନଫ୍ରାଷ୍ଟ୍ରକ୍‌ଚର, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ। ପ୍ରତ୍ୟେକ ସେହତ୍ କା ସଫର ୪.୦ ଶିବିରରେ ଦକ୍ଷ ଡ଼ାକ୍ତର, ପାରାମେଡ଼ିକାଲ କର୍ମଚାରୀ ଏବଂ ପରାମର୍ଶଦାତା ମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହସରକାରୀ ଜନକଲ୍ୟାଣ ଯୋଜନା ବିଷୟରେ ଅବଗତ କରାଉଛନ୍ତି। ଏଭଳି ପଦକ୍ଷେପ ଚାଳକ ମାନଙ୍କର କଠିନ କାର୍ଯ୍ୟସୂଚୀ ମଧ୍ୟରେ ସ୍ୱାସ୍ଥ୍ୟ ସେବା ପାଇବାରେ ଥିବା ବାଧା ଗୁଡ଼ିକୁ ଦୂର କରୁଛି ଯାହାକି ପ୍ରମୁଖ ପରିବହନ କରିଡ଼ର ଗୁଡ଼ିକରେ ସ୍ଥାପିତ ହୋଇଛି ତଥା ରହିଥିବା ଅନେକ ଗୁଡ଼ିଏ ସୀମିତ ସ୍ୱାସ୍ଥ୍ୟ ପରୀକ୍ଷା ଗ୍ରହଣକାରୀ ଆହ୍ୱାନ ଗୁଡ଼ିକୁ ଏହା ମଧ୍ୟ ପରିପୂରଣ କରିପାରିଛି ଯାହାକି ଚାଳକ ମାନଙ୍କର ବହୁ ଦିନର ଭ୍ରମଣ କାର୍ଯ୍ୟସୂଚୀର ଦାବି ଭାବରେ ରହିଆସିଛି। ଏହାର ବ୍ୟାପକ ବ୍ୟବସ୍ଥିତତା ତଥା ବୃଦ୍ଧିକାରୀ ନିଦାନକାରୀତା ସହିତ, ସେହତ୍ କା ସଫର ୪.୦ ଭାରତର ପରିବହନ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବା ପାଇଁ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ସୁଚିତ କରୁଛି- ଯାହା ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ ଶକ୍ତିଶାଳୀ ସାମର୍ଥ୍ୟକାରୀ ଲଜିଷ୍ଟିକ ଇକୋ-ସିଷ୍ଟମକୁ ସହାୟତା କରିଥାଏ।

# ଏଚପିର ନୂଆ ଡେସ୍କଜେଟ ପ୍ରିଂଟରର ଶୁଭାରମ୍ଭ

**ଭୁବନେଶ୍ୱର, ୧୩।୨ (ନି.ପ୍ର) :** ଏଚପି ପକ୍ଷରୁ ଭାରତରେ ଏକ ନୂତନ ରେର ଡେସ୍କଜେଟ ଅଲ୍-ଇନ-ୱାନ (ଏଆଇଓ) ପ୍ରିଂଟର୍‌ର ଶୁଭାରମ୍ଭ କରାଯାଇଛି ଯାହାକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ପେସାଦାର ବ୍ୟକ୍ତିଙ୍କ ପାଇଁ ହୋମ୍ ପ୍ରିଂଟିଙ୍ଗକୁ ସ୍ମାର୍ଟ, ସରଳ ଓ ଅଧିକ ଅନ୍ତର୍ନିହିତକାରୀ କରିବା ପାଇଁ ଡିଜାଇନ କରାଯାଇଛି। ଏହି ପୋର୍ଟଫୋଲିଓରେ ଏଚପି ଡେସ୍କଜେଟ, ଏଚପି ଡେସ୍କଜେଟ ଇଙ୍କ ଆଡ୍‌ଭାଂଟେଜ ଓ ଏଚପି ଡେସ୍କଜେଟ ଅଲ୍‌ଟ୍ରା ଇଙ୍କ ଆଡ୍‌ଭାଂଟେଜରେ ୪ଟି ମଡେଲ ଅନ୍ତର୍ଭୁକ୍ତ ରହିଛି ଯାହା ଦୈନନ୍ଦିନ ଘରୋଇ କାର୍ଯ୍ୟ ପାଇଁ ସହଜତା, ଦକ୍ଷତା ଓ ମୂଲ୍ୟ-ସାପେକ୍ଷ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି। ଏହି ଶୃଙ୍ଖଳାରେ ସରଳ ପ୍ରିଂଟିଙ୍ଗ ଓ ସ୍କାନିଙ୍ଗଠାରୁ ଆରମ୍ଭ କରି ଅଧିକ ପରିମାଣର ପ୍ରିଂଟିଙ୍ଗ ପର୍ଯ୍ୟନ୍ତ, ଭିନ୍ନ ଭିନ୍ନ ଘରୋଇ ପ୍ରିଂଟିଙ୍ଗ ଆବଶ୍ୟକତା ପାଇଁ ଡିଜାଇନ କରାଯାଇଥିବା ମଡେଲ ଏବଂ ଅଟୋମାଟିକ ଡକ୍ୟୁମେଂଟ ଫିଡିଙ୍ଗ ଭଳି ସୁବିଧାଜନକ ଫିଚର ରହିଛି। ଏଥିରେ ସେଲ୍ଫ-ହିଲିଙ୍ଗ ଟେକ୍ନୋଲୋଜି ସହ ନିର୍ଭରଯୋଗ୍ୟ ଡୁଆଲ-ବ୍ୟାଣ୍ଡ ୱାଇଫାଇ ରହିଛି ଏବଂ ଘରର ଯେକୌଣସି ସ୍ଥାନରୁ ସହଜ ପ୍ରିଂଟ, ସ୍କାନ ଓ କପି ଫଙ୍କଶନାଲିଟି ପ୍ରଦାନ କରୁଛି। କମ୍ ମୂଲ୍ୟଯୁକ୍ତ, ଅଧିକ ଫଳପ୍ରଦ ଓରିଜିନାଲ ଏଚପି ଇଙ୍କସ ସହିତ ଏହି ସିରିଜ ଆସାଇନମେଂଟ, ପ୍ରୋଜେକ୍ଟ ଓ ଦୈନନ୍ଦିନ କାର୍ଯ୍ୟର ଡକ୍ୟୁମେଂଟଗୁଡିକ ପାଇଁ ସ୍ପଷ୍ଟ ଟେକ୍ସଟ ଓ ଜୀବନ୍ତ ରଙ୍ଗ ସୃଷ୍ଟି କରିଥାଏ। ଏସମ୍ପର୍କରେ ଏଚପି ଆଇଏନସି, ଇଣ୍ଡିଆ ମାର୍କେଟ-ପ୍ରିଂଟ କ୍ୟାଟାଗୋରୀର ବରିଷ୍ଠ ନିର୍ଦ୍ଦେଶକ ସତିଶ କୁମାର କହିଛନ୍ତି, 'ନୂଆ ଏଚପି ଡେସ୍କଜେଟ ସିରିଜକୁ ଏଭଳି ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ସ୍ମାର୍ଟ ପ୍ରିଂଟିଙ୍ଗ ଟେକ୍ନୋଲୋଜିକୁ ଏକ ଆଧୁନିକ ଡିଜାଇନ ଓ ଆକର୍ଷଣୀୟ କଲର ଆକ୍‌ସେଂଟ ସହ ଏକୀକୃତ କରିଛି।



ଅନ୍ତର୍ନିହିତକାରୀ ସେଟଅପ ଓ ସହଜ କନେକ୍ଟିଭିଟି ସହିତ ଏହି ନୂତନ ରେ ପରିବାରଗୁଡିକ ପାଇଁ ପ୍ରିଂଟ କରିବା, ସ୍କାନିଙ୍ଗ ଓ କପି କରିବାକୁ ସରଳ, ଦକ୍ଷ ଓ ଆକର୍ଷଣୀୟ କରୁଛି। ସମସ୍ତ ମଡେଲଗୁଡିକରେ ଏକ ୬୦-ସିଟ ଇନ୍‌ପୁଟ ଟ୍ରେ ରହିଛି। ଏଚପି ଡେସ୍କଜେଟ ଇଙ୍କ ଆଡ୍‌ଭାଂଟେଜ ୪୩୮, ଅଟୋମାଟିକ ଡକ୍ୟୁମେଂଟ ଫିଚର ସହ ଆସୁଛି ଯାହା ମାନୁଆଲ ପେଜ୍ ହ୍ୟାଣ୍ଡଲିଙ୍ଗକୁ ଅନୁମତି ଦେଇଥାଏ। ଡୁଆଲ ବ୍ୟାଣ୍ଡ (୨.୪ ଜିଏଚଜେଡ ଓ ୫ ଜିଏଚଜେଡ) ସେଲ୍ଫ-ହିଲିଙ୍ଗ ୱାଇଫାଇ ସ୍ୱୟଂଚାଳିତ ଭାବେ ରିକନେକ୍ଟ କରିଥାଏ, ଯାହା ବାଧାମୁକ୍ତ ପ୍ରିଂଟିଙ୍ଗ ନିଶ୍ଚିତ କରିଥାଏ। ବ୍ଲୁଟୁଥ ଏବଂ ଏଚପି ଆପ୍ ମାଧ୍ୟମରେ ୱାଇଫାଇ ମାଧ୍ୟମରେ ମଲ୍ଟି-ଡିଭାଇସ ପ୍ରିଂଟିଙ୍ଗ ଫଙ୍କଶନାଲିଟି ରହିଛି। ସମସ୍ତ ମଡେଲଗୁଡିକରେ ସର୍ବନିମ୍ନ ୭୦% ପୋଷ୍ଟ-କ୍ୟୁମର ରିସାଇକେଲ୍ଡ ପ୍ଲାଷ୍ଟିକ କଂଟେଂଟ ରହିଛି। ଏଚପି ପ୍ଲାନେଟ ପାର୍ଟନରସ ପ୍ରୋଗ୍ରାମ ମାଧ୍ୟମରେ ନବୀକରଣଯୋଗ୍ୟ ଅଟେ।

ହ୍ୱାଇଟ ଭେରି ପେରୀ କଲର୍‌ରେ ଉପଲବ୍ଧ ଏଚପି ଡେସ୍କଜେଟ ଇଙ୍କ ଆଡ୍‌ଭାଂଟେଜ ୨୯୮୬ ଅଲ୍-ଇନ-ୱାନ ପ୍ରିଂଟରର ମୂଲ୍ୟ ଏଚପି ଇଷ୍ଟୋରରେ ୬୯୯୯ଟଙ୍କା ରହିଛି। ହ୍ୱାଇଟ ମାଚୁ ପିଚୁ କଲରରେ ଉପଲବ୍ଧ ଏଚପି ଡେସ୍କଜେଟ ଇଙ୍କ ଆଡ୍‌ଭାଂଟେଜ ୨୯୮୯ ଅଲ୍-ଇନ-ୱାନ ପ୍ରିଂଟରର ମୂଲ୍ୟ ଏଚପି ଇଷ୍ଟୋରରେ ୬୯୯୯ଟଙ୍କା ରହିଛି। ହ୍ୱାଇଟ ସର୍ଫ ବ୍ଲୁ କଲରରେ ଉପଲବ୍ଧ ଏଚପି ଡେସ୍କଜେଟ ଇଙ୍କ ଆଡ୍‌ଭାଂଟେଜ ୪୩୮ ଅଲ୍-ଇନ-ୱାନ ପ୍ରିଂଟର୍‌ର ମୂଲ୍ୟ ଏଚପି ଇଷ୍ଟୋର୍‌ରେ ୭୯୯୯ଟଙ୍କା ରହିଛି। ହ୍ୱାଇଟ ୱାର୍ମ ଅରୋମା କଲରରେ ଏଚପି ଡେସ୍କଜେଟ ଅଲଟ୍ରା ଇଙ୍କ ଆଡ୍‌ଭାଂଟେଜ ୫୧୩୫ ଏବଂ ହ୍ୱାଇଟ ପିମେଂଟୋ କଲରରେ ୫୧୮୫ ଅଲ୍-ଇନ-ୱାନ ପ୍ରିଂଟର ଖୁବ୍‌ଶୀଘ୍ର ଉପଲବ୍ଧ ହେବ। ହ୍ୱାଇଟ ଭେରି ପେରୀ କଲରରେ ଏଚପି ଡେସ୍କଜେଟ ୨୯୩୧ ଅଲ୍-ଇନ-ୱାନ ପ୍ରିଂଟର୍ ଖୁବ୍‌ଶୀଘ୍ର ଉପଲବ୍ଧ ହେବ।

# ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ପକ୍ଷରୁ ନୂଆ ସ୍ମାର୍ଟକିଡ ୩୬୦ ପ୍ଲାନ୍ ର ଶୁଭାରମ୍ଭ

**ଭୁବନେଶ୍ୱର, ୧୩।୨ (ନି.ପ୍ର) :** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ସ୍ମାର୍ଟକିଡ ୩୬୦ ର ଶୁଭାରମ୍ଭ କାରାଯାଇଛି, ଏହା ଏକ ଦୀର୍ଘକାଳୀନ ସଂଚୟ ଯୋଜନା, ଯାହା ମାଧ୍ୟମରେ ଗ୍ରାହକମାନେ ନିଜ ପିଲାଙ୍କ ଭବିଷ୍ୟତର ଆର୍ଥିକ ଆବଶ୍ୟକତା ପାଇଁ ଯୋଜନା କରିପାରିବେ ଏବଂ ଏଥିରେ ନିଶ୍ଚିତ ଲାଭ ପାଇପାରିବେ। ଆଇସିଆଇସିଆଇ ପ୍ରୁ ସ୍ମାର୍ଟକିଡ ୩୬୦ ଯୋଜନାରେ ପିଲାଙ୍କ ଭବିଷ୍ୟତର ଗୁରୁତ୍ୱପୂର୍ଣ୍ଣ ସମୟ, ଯେପରିକି ସ୍କୁଲ୍ ପାଠପଢ଼ା, ଉଚ୍ଚଶିକ୍ଷା କିମ୍ବା ଯୁବକ ଅବସ୍ଥାର ଲକ୍ଷ୍ୟ ପୂରଣ ପାଇଁ 'ମନିବ୍ୟାକ୍' ବା ପୂର୍ବରୁ ସ୍ଥିର ହୋଇଥିବା ଟଙ୍କା ମିଳିଥାଏ। ବିଶେଷ କଥା ହେଉଛି, ଗ୍ରାହକମାନେ ନିଜ ପସନ୍ଦ ଅନୁସାରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା କିମ୍ବା ସମୟ ସହ ବଢୁଥିବା ପରିମାଣର ଟଙ୍କା ପାଇବା ପାଇଁ ବିକଳ୍ପ ବାଛିପାରିବେ। ଏହି ଯୋଜନାର ଶୁଭାରମ୍ଭ ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସୁରାନ୍ସର ଚିଫ୍ ପ୍ରଡକ୍ଟ ଅଫିସର ବିକାଶ ଗୁପ୍ତା କହିଛନ୍ତି, 'ପିଲାଙ୍କ ଭବିଷ୍ୟତକୁ ଆର୍ଥିକ ଭାବେ ସୁରକ୍ଷିତ ରଖିବା ପାଇଁ ବାପା-ମା'ଙ୍କର ଯେଉଁ ଆବଶ୍ୟକତା ରହିଛି, ତାହାକୁ ଦୃଷ୍ଟିରେ ରଖି ଆଇସିଆଇସିଆଇ ପ୍ରୁ ସ୍ମାର୍ଟକିଡ ୩୬୦ ତିଆରି କରାଯାଇଛି। ମନିବ୍ୟାକ୍ ସୁବିଧା ସହିତ, ଏହି ଯୋଜନାରେ ପଲିସି ଅବଧି ଶେଷରେ ଏକକାଳୀନ ମ୍ୟାଚୁରିଟି ଟଙ୍କା ମଧ୍ୟ ମିଳିବ, ଯାହା ପିଲାଙ୍କୁ ନିଜ ଗୋଡ଼ରେ ଠିଆ ହେବାରେ ସାହାଯ୍ୟ କରିବ। ଏହି ଯୋଜନାର ଏକ ମୁଖ୍ୟ ବିଶେଷତ୍ୱ ହେଉଛି 'ପ୍ରିମିୟମ୍ ଛାଡ଼' ଏବଂ 'ସୁବିଧା ଜାରି ରହିବା' ର ସୁବିଧା। ଯଦି ପଲିସିଧାରୀଙ୍କର ଅକାଳ ବିୟୋଗ ହୁଏ, ତେବେ ପିଲାଙ୍କ ଭବିଷ୍ୟତ ସୁରକ୍ଷିତ ରହିବ। ଏହି ସୁବିଧା ଅନୁସାରେ, ଆଗକୁ ଦେବାକୁ ଥିବା ସମସ୍ତ କିସ୍ତି ବା ପ୍ରିମିୟମ୍ ଛାଡ଼ କରିଦିଆଯାଏ, ପରିବାରକୁ ଜୀବନ ବୀମା ରାଶି ମିଳିଥାଏ ଏବଂ ପଲିସିର ଅନ୍ୟ ସମସ୍ତ ସୁବିଧା ମଧ୍ୟ ଜାରି ରହେ। ଏହାଦ୍ୱାରା ପିଲାଙ୍କ ଲକ୍ଷ୍ୟ ପୂରଣରେ କୌଣସି ବାଧା ଆସେ ନାହିଁ। ଏହା ବ୍ୟତୀତ, 'ଆଇସିଆଇସିଆଇ ପ୍ରୁ ସ୍ମାର୍ଟକିଡ ୩୬୦' ରେ କେତେକ ଇଚ୍ଛାଧୀନ ସୁବିଧା ମଧ୍ୟ ଅଛି, ଯେପରିକି 'ଫ୍ୟାମିଲି ଇନକମ୍ ବେନିଫିଟ୍'। ଏହା ପଲିସିଧାରୀଙ୍କ ଅକାଳ ମୃତ୍ୟୁ ପରେ ପରିବାରକୁ ନିୟମିତ ଆୟ ପ୍ରଦାନ କରି ଆର୍ଥିକ ସାହାଯ୍ୟ କରିଥାଏ।

# ଓଲ୍ଡ ବ୍ରିଜ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ 'ଓଲ୍ଡ ବ୍ରିଜ୍ ଫ୍ଲେକ୍ସି କ୍ୟାପ୍ ଫଣ୍ଡ' ପ୍ରଚଳିତ

**ମୁମ୍ବାଇ, ୧୩।୨ (ନି.ପ୍ର) :** ଓଲ୍ଡ ବ୍ରିଜ୍ ମ୍ୟୁଚୁଆଲ ଫଣ୍ଡ ସମସ୍ତ ଲାର୍ଜ କ୍ୟାପ୍, ମିଡ୍-କ୍ୟାପ୍ ଏବଂ ସ୍ମଲ କ୍ୟାପ୍ ଷ୍ଟକଗୁଡିକରେ ପୁଞ୍ଜିନିବେଶ କରୁଥିବା ଏକ ଓପନ୍ ଏଣ୍ଡେଡ ପ୍ରଗତିଶୀଳ ଇକ୍ୱିଟି ସ୍କିମ୍ 'ଓଲଡ ବ୍ରିଜ୍ କ୍ୟାପ ଫଣ୍ଡ' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହା ପୁଞ୍ଜିନିବେଶକଙ୍କୁ ଏକକ ବିବିଧକୃତ ପୋର୍ଟଫୋଲିଓ ଜରିଆରେ ବଜାର ଚକ୍ରରେ ଆଗକୁ ବଢିବା ନିମନ୍ତେ ନମନୀୟତା ପ୍ରଦାନ କରୁଛି। ଓଲ୍ଡ ବ୍ରିଜ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ନିୟୁ ଫଣ୍ଡ ଅଫର (ଏନ୍‌ଏଫଓ) ୨୦୨୬ ଫେବୃଆରୀ ୧୩ ତାରିଖରେ ଉନ୍ମୁକ୍ତ ହେବ ଏବଂ ୨୦୨୬ ଫେବୃଆରୀ ୨୩ ତାରିଖରେ ବନ୍ଦ ହେବ। ଏହି ସ୍କିମ୍ ୟୁନିଟ୍ ପିଛା ପ୍ରାରମ୍ଭିକ ମୂଲ୍ୟ ୧୦ ଟଙ୍କାରେ ଯୋଗାଇ ଦିଆଯାଉଛି, ଯେଉଁଥିରେ ଏକକାଳୀନ ଆବେଦନଗୁଡିକ ନିମନ୍ତେ ସର୍ବନିମ୍ନ ପୁଜିନିବେଶ ରାଶି ୫୦୦୦ ଟଙ୍କା ଏବଂ ଏସ୍‌ଆଇପି ନିମନ୍ତେ ୧୦୦୦ ଟଙ୍କା ରଖାଯାଇଛି। ଫଣ୍ଡ ସମୁଦାୟ ବଜାର ପୁଁକରଣରେ ମେକାନିକାଲ ଅର୍ଥ ଆବଣ୍ଟନ ଅପେକ୍ଷା ବ୍ୟବସାୟର ଗୁଣାତ୍ମକ ଦିଗ ଏବଂ ଅଭିବୃଦ୍ଧିର ଅବଧି ଦ୍ୱାରା ପରିଚାଳିତ ପୁଁଆବଣ୍ଟନ ସହିତ ବଟମ୍-ଅପ୍, ବିଜିନେସ୍-ବାଇ-ବିଜିନେସ୍ ପୁଁନିବେଶ ଆଭିମୁଖ୍ୟ ପୋଷଣ କରୁଛି। ଏହି ରଣକୌଶଳ ପରିବର୍ତ୍ତିତ ଆପଦ-ରିୱାର୍ଡ ପରିସ୍ଥିତି ଏବଂ ବଜାର ଚକ୍ର ଆଧାରରେ ସମୁଦାୟ ବଜାର ବିଭାଗଗୁଡିକରେ ପ୍ରଗତିଶୀଳ ଭାବରେ ରୂପାନ୍ତରିତ ନିବେଶ ନିମନ୍ତେ ନମନୀୟତା ଯୋଗାଇ ଦେଉଛି।



ଓଲ୍ଡ ବ୍ରିଜ୍ ଫ୍ଲେକ୍ସି କ୍ୟାପ୍ ଫଣ୍ଡ କେନେଥ ଆନ୍ଦ୍ରାଡେ, ଫାଉଣ୍ଡର ଓ ଚିଫ୍ ଇନଭେଷ୍ଟମେଣ୍ଟ ଅଫିସର, ଓଲ୍ଡ ବ୍ରିଜ୍ ଆସେଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡଙ୍କ ଦ୍ୱାରା ପରିଚାଳିତ ହେବ, ଯାହାଙ୍କର ଭାରତୀୟ ପୁଞ୍ଜି ବଜାର ସମ୍ପର୍କରେ ୩୪ ବର୍ଷରୁ ଅଧିକ ଅଭିଜ୍ଞତା ଏବଂ ପୋର୍ଟଫୋଲିଓ ପରିଚାଳନା ତଥା ପୁଁନିବେଶ ଗବେଷଣା କ୍ଷେତ୍ରରେ ମଜଭୁତ ପିଛିଲା ରେକର୍ଡ ରହିଛି। ଏହାର ଶୁଭାରମ୍ଭ ସମ୍ପର୍କରେ ପ୍ରକାଶ କରି କେନେଥ ଆନ୍ଦ୍ରାଡେ, ସିଆଇଓ, ଓଲ୍ଡ ବ୍ରିଜ୍ ଆସେଟ୍ ମ୍ୟାନେଜମେଣ୍ଟ କହିଥିଲେ, 'ବଜାର ଚକ୍ରରେ ନିରନ୍ତର ପରିବର୍ତ୍ତନ ଘଟୁଛି ଏବଂ ବିଗତ ବିଜେତାମାନେ ଭବିଷ୍ୟତର ବିଜେତା ହୋଇ ରହିବେ ବୋଲି କିଛି ନିଶ୍ଚିତତା ନାହିଁ। ଏକ ଫ୍ଲେକ୍ସି-କ୍ୟାପ୍ ଆଭିମୁଖ୍ୟ ଆମକୁ ଲାର୍ଜ କ୍ୟାପ୍, ମିଡ୍ କ୍ୟାପଗୁଡିକର ଆଲ୍‌ଫା ସାମର୍ଥ୍ୟ ଏବଂ ସ୍ମଲ୍ କ୍ୟାପ୍‌ଗୁଡିକରେ ଥିବା ସୁଯୋଗର ସମ୍ମିଶ୍ରଣ କରିବାକୁ ସୁଯୋଗ ପ୍ରଦାନ କରୁଛି। ସେହି ସମୟରେ ଏହା ମୂଲ୍ୟାଙ୍କନ, ବାଲାନ୍ସ ସିଟ୍ ସାମର୍ଥ୍ୟ ଏବଂ ପୁଁ ସୁରକ୍ଷା କ୍ଷେତ୍ରରେ ଶୃଙ୍ଖଳିତ ରହୁଛି। ଏହାର ଲକ୍ଷ୍ୟ ହେଉଛି ଦୀର୍ଘସ୍ଥାୟୀ ବ୍ୟବସାୟର ମାଲିକାନା ହାସଲ କରିବା ଏବଂ ସମୟ କ୍ରମେ ପୁଞ୍ଜି ବହୁଗୁଣିତ କରିବାକୁ ସୁଯୋଗ ପ୍ରଦାନ କରିବା। ଏହି ଫଣ୍ଡ ବିଏସ୍‌ଇ ୫୦୦ ଟିଆର୍‌ଆଇ କ୍ଷେତ୍ରରେ ନିଜେ ମାନକ ହେବ ଏବଂ ଗ୍ରୋଥ୍ ଓ ଆଇଡିସିଡବ୍ଲ୍ୟୁ ବିକଳ୍ପ ସହିତ ଡାଇରେକ୍ଟ ଏବଂ ରେଗୁଲାର ପ୍ଲାନ୍‌ଗୁଡିକରେ ଉପଲବ୍ଧ ହେବ।

# ଆମାଜନର ଭାଲେଂଟାଇନ୍ସ ଡେ ଷ୍ଟୋରରେ ବିଭିନ୍ନ ଉପହାର ଉପରେ ଆକର୍ଷଣୀୟ ରିହାତି

**ଭୁବନେଶ୍ୱର, ୧୩।୨ (ନି.ପ୍ର) :** ଆମାଜନ.ଇନ ଏହାର ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଭାଲେଂଟାଇନ୍ସ ଡେ ଷ୍ଟୋର ସହିତ ଆପଣଙ୍କର ଭାଲେଂଟାଇନ୍ସ ଡେ ପାଳନକୁ ଆହୁରି ସ୍ମରଣୀୟ କରିବାକୁ ପ୍ରସ୍ତୁତ ରହିଛି। ତାଜା ଫୁଲ ବିତରଣ ଏବଂ ସ୍ୱାଦିଷ୍ଟ ଚକୋଲେଟ ଠାରୁ ଆରମ୍ଭ କରି ଫ୍ୟାଶନେବଲ୍ ଲୁକ୍, ସ୍ମାର୍ଟ ଟେକ୍ ଏବଂ ଘର ସାଜସଜ୍ଜା ପର୍ଯ୍ୟନ୍ତ ଆମାଜନ.ଇନରେ ଏହି ଭାଲେଂଟାଇନ୍ସ ଡେରେ ଅନେକ ବିକଳ୍ପ ପାଇପାରିବେ। ଚକୋଲେଟ୍, ତାଜା ଫୁଲ, କ୍ୟୁମର ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଇ-ଗିଫ୍ଟ କାର୍ଡ ଏବଂ ଅନ୍ୟାନ୍ୟ ଜିନିଷ ଆବିଷ୍କାର କରିପାରିବେ ଯାହା ପ୍ରତ୍ୟେକ ଭାଲେଂଟାଇନ୍ସ ଡେ ମୁହୂର୍ତ୍ତକୁ ସ୍ୱତନ୍ତ୍ର କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହାବ୍ୟତୀତ ଓନ୍‌ଲି, ଭେରୋ ମୋଡା, ଗାପ୍, ଲେଭିସ୍, ଏନାମର, ଭ୍ୟାନ୍ ହ୍ୟୁସେନ୍, ଏବଂ ଅନ୍ୟାନ୍ୟ ଶ୍ରେଷ୍ଠ ବ୍ରାଣ୍ଡରୁ ହାତରେ ବାଛିଥିବା ଭାଲେଂଟାଇନ୍ସ ଡେ ଲୁକ୍ ଉପରେ ବହୁତ ସଂଚୟ କରିପାରିବେ। ସେହିଭଳି ଶେଷ ମୁହୂର୍ତ୍ତର କିଣାକିଣି ପାଇଁ, ଆମାଜନ୍.ନାଓ ସହିତ କିଛି ମିନିଟ୍ ମଧ୍ୟରେ ଆପଣଙ୍କ ଉତ୍ପାଦ ପାଇପାରିବେ। ଆମାଜନର ଏଆଇ-ଚାଳିତ ସପିଂ ଆସିଷ୍ଟାଂଟ ରୁଫସ୍ ସହିତ, ଗ୍ରାହକମାନେ ଉତ୍ପାଦଗୁଡ଼ିକୁ ଆବିଷ୍କାର କରିପାରିବେ ଏବଂ ବ୍ୟକ୍ତିଗତ ସୁପାରିଶଗୁଡ଼ିକ ଗ୍ରହଣ କରିପାରିବେ, ଯାହା ସେମାନଙ୍କର ସପିଂ ଅଭିଜ୍ଞତାକୁ ଅଧିକ ବ୍ୟକ୍ତିଗତ ଏବଂ ସୁବିଧାଜନକ କରିଥାଏ। ଲେନ୍ସ ଏଆଇ ସହିତ, ସେମାନେ ସୋସିଆଲ ମିଡିଆ କିମ୍ବା ଅଫଲାଇନରେ ଯେକୌଣସି ଉତ୍ପାଦର ଫଟୋ ନେଇପାରିବେ ଏବଂ ତୁରନ୍ତ ଏହାକୁ ଆମାଜନ.ଇନରେ ପାଇପାରିବେ। ଏଆଇ ସମୀକ୍ଷା ହାଇଲାଇଟ୍ସ ହଜାର ହଜାର ରିଭ୍ୟୁକୁ ମୁଖ୍ୟ ଅର୍ନ୍ତଦୃଷ୍ଟିକୁ ଶୀଘ୍ର ବୁଝିବାରେ ସାହାଯ୍ୟ କରେ, ନିଷ୍ପତି ଗ୍ରହଣକୁ ସରଳ କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକୁ ସଂକ୍ଷେପ କରେ। 'ଭ୍ୟୁ ଇନ ୟୋର ରୁମ' ବୈଶିଷ୍ଟ୍ୟ ଗ୍ରାହକମାନଙ୍କୁ ସେମାନଙ୍କ ନିଜ ରୁମରେ ଫର୍ଣ୍ଣିଚର ଏବଂ ସାଜସଜ୍ଜା ଜିନିଷଗୁଡ଼ିକ କିପରି ଦେଖାଯିବ ତାହା ଦେଖିବାକୁ ଦିଏ, ଯେତେବେଳେ କ୍ୱିକ୍ ଲର୍ଣ୍ଣ ଏବଂ ବାୟିଂ ଗାଇଡ୍ ଗ୍ରାହକମାନଙ୍କୁ ଦ୍ରୁତ, ଅଧିକ ଆତ୍ମବିଶ୍ୱାସୀ ଏବଂ ସୂଚନାପ୍ରଦ କ୍ରୟ ନିଷ୍ପତି ନେବାରେ ସାହାଯ୍ୟ କରେ। ଗ୍ରାହକମାନେ ହୋମପେଜ୍ ଆପରେ ଏକ ନୂତନ ୟୁଜର ଇଂଟରଫେସ୍ ମଧ୍ୟ ପାଇବେ, ଯାହା ବ୍ୟକ୍ତିଗତ ସପିଂ ପସନ୍ଦ ଉପରେ ଆଧାରିତ ଉପଯୁକ୍ତ ବିଷୟବସ୍ତୁ ଏବଂ ଉତ୍ପାଦ ସୁପାରିଶ ସହିତ ଅଧିକ ବ୍ୟକ୍ତିଗତ ଅଭିଜ୍ଞତା ପ୍ରଦାନ କରିବ। ଏହି ଭାଲେଂଟାଇନ୍ସ ଡେ'ରେ, ଗ୍ରାହକମାନେ ଆମାଜନ୍ ବଜାରରେ ଟ.୯୯ ରୁ ଆରମ୍ଭ ହେଉଥିବା ଶ୍ରେଷ୍ଠ ଭାଲେଂଟାଇନ୍ସ ଡେ' ଉପହାର ସାମଗ୍ରୀ ଆବିଷ୍କାର କରିପାରିବେ, ଏହା ସହିତ ସମସ୍ତ ଅର୍ଡରରେ କ୍ୟାସବ୍ୟାକ୍ ଏବଂ ମାଗଣା ବିତରଣ ମଧ୍ୟ କରିପାରିବେ। 'ଅଧିକ କିଣନ୍ତୁ, ଅଧିକ ସଂଚୟ କରବୁ' ଫିଚର ଏବଂ ଅସାଧାରଣ କମ୍ ମୂଲ୍ୟ ସହିତ, ବଜାର ସୁବିଧା ଏବଂ ବିଶ୍ୱାସ ସହିତ ମହାନ ଡିଲ୍ ପ୍ରଦାନ କରେ। ସେହିଭଳି ଆମାଜନ ପେ ଗିଫ୍ଟ କାର୍ଡଗୁଡ଼ିକ ବର୍ତ୍ତମାନ ଟ. ୩୦୦ ପର୍ଯ୍ୟ' ଅତିରିକ୍ତ ସଂଚୟ ପ୍ରଦାନ କରୁଛି। ବିଭିନ୍ନ ବର୍ଗରେ ୩୦୦ ରୁ ଅଧିକ ବ୍ରାଣ୍ଡ ଉପହାର କାର୍ଡ ମଧ୍ୟରୁ ବାଛନ୍ତୁ ଏବଂ ୧୦% ପର୍ଯ୍ୟନ୍ତ ରିହାତି ପାଆନ୍ତୁ, ଯାହା ସେମାନଙ୍କୁ ଲକ୍ଷ ଲକ୍ଷ ଉତ୍ପାଦର ଆକ୍ସେସ୍ ପ୍ରଦାନ କରିବ। ଆମାଜନ୍ ପେ ୟୁପିଆଇ ବ୍ୟବହାର କରି ଟିଣ୍ଡର ସବସ୍କ୍ରିପସନ୍ କ୍ରୟ କରୁଥିବା ଗ୍ରାହକମାନେ ପ୍ରତି ଗ୍ରାହକଙ୍କ ପାଇଁ ପାଂଚ ଥର ପର୍ଯ୍ୟନ୍ତ ଟ. ୧୦୦ ପର୍ଯ୍ୟନ୍ତ ୭% କ୍ୟାସବ୍ୟାକ୍ ପାଇପାରିବେ।



## ମୁନିଗୁଡ଼ା ଅଞ୍ଚଳରେ ବାଘ ଆତଙ୍କ

ମୁନିଗୁଡା,୧୩।୨ (ନି.ପ୍ର): ରାୟଗଡା ଜିଲା ମୁନିଗୁଡା ରେଞ୍ଜ ଅନ୍ତର୍ଗତ ଜଗଦଲପୁର ନିକଟସ୍ଥ ଡ଼ିମିରିଗୁଡାର ପଞ୍ଜାବାଲି ଛକ ନିକଟରେ ବାଘ ଆତଙ୍କ ଦେଖାଯାଇଛି। ବୁଧବାର ରାତିରେ ଡ଼ିମିରିଗୁଡା ନିକଟରେ ବାଘଟି ଗୋଟିଏ ବାଛୁରୀକୁ ମାରି ଖାଇଥିବା ବେଳେ ଘଟଣା ସ୍ଥଳରେ ପାଦ ଚିହ୍ନ ଠାବ କରାଯାଇଛି। ଗ୍ରାମବାସୀମାନେ ତୁରନ୍ତ ଏନେଇ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ମୁନିଗୁଡା ରେଞ୍ଜର ପ୍ରବୀଣ ଦାସ ଓ ଫରେଷ୍ଟର ପ୍ରମୋଦିନୀ ମଣ୍ଡାଙ୍ଗୀଙ୍କ ସମେତ ଅନ୍ୟ ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ପାଦ ଚିହ୍ନଟି ବାଘର ହୋଇଥିବା ସନ୍ଦେହ କରିଛନ୍ତି। ତେବେ ସ୍ପଷ୍ଟ ହେବା ପାଇଁ ଘଟଣା ସ୍ଥଳରେ ଟ୍ରାପ୍? କ୍ୟାମେରା ଖଞ୍ଜା ଯାଇଥିବା ନେଇ ରେଞ୍ଜର ପ୍ରବୀଣ ସୂଚନା ଦେଇଛନ୍ତି। ଘଟଣା ପରେ ସେହି ଅଞ୍ଚଳରେ ବସବାସ କରୁଥିବା ଲୋକେ ଭୟଭୀତ ଥିବା ଜଣାପଡିଛି।

### ମୁଖ୍ୟ ଶାସନ ସଚିବଙ୍କ ସହ କେନ୍ଦ୍ର ସମବାୟ ସଚିବଙ୍କ ବୈଠକ

## ରାଜ୍ୟରେ ସମବାୟ ସମିତିଗୁଡ଼ିକ ଦ୍ୱାରା ବ୍ୟାପକ ବହୁମୁଖୀ ଏକକ ସେବା ପ୍ରଦାନକୁ ଗୁରୁତ୍ୱ

ଭୁବନେଶ୍ୱର, ୧୩।୨ (ନି.ପ୍ର): ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ସଚିବ ଶ୍ରୀ ଆଶିଷ କୁମାର ଭୂଟାନୀ, ଯୁଗ୍ମ ସଚିବ ଶ୍ରୀ ସିଦ୍ଧାର୍ଥ ଜୈନ ଏବଂ ନିର୍ଦ୍ଦେଶକ ଶ୍ରୀ ମୁକେଶ କୁମାରଙ୍କ ସହ ଓଡ଼ିଶା ଗସ୍ତ କରି ଓଡ଼ିଶାରେ ସମବାୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସମବାୟ ବିକାଶ କମିଟି (ଏସସିଡିସି) ର ଚତୁର୍ଥ ବୈଠକରେ ଯୋଗ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ 'ସହକାର ସେ ସମୃଦ୍ଧି' ଦୃଷ୍ଟିକୋଣ ଅନୁଯାୟୀ ଗ୍ରାମୀଣ ଅର୍ଥନୀତିକୁ 'ସମବାୟ ମାଧ୍ୟମରେ ସମୃଦ୍ଧି' କରିବା ଲକ୍ଷ୍ୟ ନେଇ ସମବାୟ ବ୍ୟବସ୍ଥାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସମବାୟ ବିକାଶ କମିଟି ସମୀକ୍ଷା ଓ ମାର୍ଗଦର୍ଶନ କରିଆସୁଛନ୍ତି। ବୈଠକରେ ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଏବଂ ସମବାୟ ସମିତି ନିବନ୍ଧକ( ଆରସିଏସ) କାର୍ଯ୍ୟାଳୟର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିବା ସଂପର୍କରେ ଉପସ୍ଥାପିତ ହୋଇଥିଲା । ରାଜ୍ୟବ୍ୟାପୀ ନୂତନ ପାକ୍ସ, ବହୁମୁଖୀ ସେବା ସମବାୟ ସମିତି(ଲାମ୍ପ୍ସ)ଗୁଡିକର ଶୀଘ୍ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ଯୋଜନା



ଅଧୀନରେ ପାକ୍ସରେ ଗୋଦାମ ଗୃହ ନିର୍ମାଣ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପାକ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ-ଔଷଧି କେନ୍ଦ୍ର ଏବଂ ସାଧାରଣ ସେବା କେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର) ର ପ୍ରତିଷ୍ଠା, ପାକ୍ସ, ଲାମ୍ପଗୁଡ଼ିକୁ ବହୁମୁଖୀ ଓ ଏକକ ସେବା କେନ୍ଦ୍ରରେ ପରିଣତ କରିବା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । କେନ୍ଦ୍ର ସଚିବ ରାଜ୍ୟର ପ୍ରଦର୍ଶନରେ ସନ୍ତୋଷ ବ୍ୟକ୍ତ କରିବା ସହ ଭାରତ ସରକାରଙ୍କ ବିଭିନ୍ନ ଯୋଜନାର ସକ୍ରିୟ କାର୍ଯ୍ୟକାରିତାକୁ ପ୍ରଶଂସା କରିଥିଲେ ।

ରାଜ୍ୟସ୍ତରରେ ସମବାୟ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରମୁଖ ରୂପାନ୍ତରଣ ପଦକ୍ଷେପ ସଂପର୍କରେ ଉପସ୍ଥାପନ କରାଯାଇଥିଲା । ଭିତ୍ତିଭୂମି ବିକାଶ ପାଇଁ ପାକ୍ସ, ଲାମ୍ପସ୍ ଗୁଡ଼ିକୁ ଅତିକମରେ ଏକ ଏକର ସରକାରୀ ଜମି ପ୍ରଦାନ, ପାକ୍ସ ଓ ଲାମ୍ପ ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ର ( ପିପିସି) ର ଭିତ୍ତିଭୂମି ସୁଦୃଢ଼ୀକରଣ, ନୂତନ ଓ ପୁରାତନ ସମବାୟ ସମିତିଗୁଡ଼ିକୁ ସହାୟତା ପାଣ୍ଠି ଓ ଅଂଶଧନ ପ୍ରଦାନ, ସାର ବଣ୍ଟନରେ ସମବାୟ ସମିତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ, ଚଳିତ ବର୍ଷ ଠାରୁ ରାଜ୍ୟରେ ଆବଶ୍ୟକ ହେଉଥିବା ୬୦% ସାର ସମବାୟ ସମିତି ମାଧ୍ୟମରେ ପ୍ରଦାନ ସଂପର୍କରେ ବୈଠକରେ ଆଲୋଚନା କରାଯାଇଛି । ପାକ୍ସ ମାଧ୍ୟମରେ 'ନାଫେଡ୍' ବଜାର ଏବଂ ଓମଫେଟ୍ କିମ୍ବା 'ଅମୁଲ' ପାର୍ଲର ପ୍ରତିଷ୍ଠା।, ପାକ୍ସ, ଲାମ୍ପସ ଜରିଆରେ ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସେସବୁରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ପାଇଁ କ୍ୟାଡର ନିୟମ ଓ କେନ୍ଦ୍ରୀୟ ନିଯୁକ୍ତି ପ୍ରକ୍ରିୟା।, ସମବାୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ସୁଦୃଢ଼ୀକରଣ, ରାଜ୍ୟର ଅଚଳ ଥିବା କଟକ ଜିଲ୍ଲାର 'ବଡମ୍ବା ଚିନି କଳ' ଏବଂ ବଲାଙ୍ଗିର ଜିଲ୍ଲାର 'ବିଜୟାନନ୍ଦ ସମବାୟ ଚିନି କଳ'ର ପୁନଃ କାର୍ଯ୍ୟକାରିତା ପାଇଁ ପଦକ୍ଷେପ ନିଆଯାଇଛି । ଭାରତ ସରକାରଙ୍କ ପ୍ରତିନିଧିମାନେ ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହ ରାଜ୍ୟକୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।ଏସଡିସିସି ବୈଠକ ପରେ କେନ୍ଦ୍ର ସଚିବ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ ଜିଲ୍ଲାପାଳମାନଙ୍କ ସହ ଅନୁଷ୍ଠିତ ଆଭାସୀ ବୈଠକରେ ଆଲୋଚନା କରି ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଏବଂ ନିୟମିତ ଭାବେ ଜିଲ୍ଲା ସମବାୟ ବିକାଶ କମିଟି (ଡିସିଡିସି) ବୈଠକ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଭାରତ ସରକାରଙ୍କ ସଚିବ ଶ୍ରୀ ଭୂଟାନ, ପାକ୍ସ ଏବଂ ଲାମ୍ପସ କର୍ମଚାରୀଙ୍କ ପାଇଁ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ ( ଓକେସିଏଲ) ସହାୟତାରେ ଆୟୋଜିତ ଡିଜିଟାଲ୍ ଓ ଆଇଟି ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଓମଫେଡ୍ ମୁଖ୍ୟକାର୍ଯ୍ୟାଳୟ ପରିଦର୍ଶନ ସମୟରେ ସେ ସମବାୟ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସୁଦୃଢ଼ ସମବାୟ ବ୍ୟବସ୍ଥା ଗଠନ ଉପରେ ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ରାଜ୍ୟ ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ କେନ୍ଦ୍ର ସଚିବ ଓ ତାଙ୍କ ଟିମ୍ ?କୁ ଧନ୍ୟବାଦ ଜଣାଇବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଲକ୍ଷ୍ୟ ପୂରଣ ପାଇଁ ସହଯୋଗ ଲୋଡ଼ିଥିଲେ ।

## ରାଜଗାଙ୍ଗପୁର ସହର ରେ ଟ୍ରାଫିକ ସମସ୍ୟା ଚରମ ସୀମାରେ

ରାଜଗାଙ୍ଗପୁର, ୧୩।୨ (ନି.ପ୍ର): ରାଜଗାଙ୍ଗପୁର ସହର ର ସବୁ ବ୍ୟସ୍ତ ବହୁଳ ସୁବାଷ ଛକ ରୁ ସରକାରୀ ଡାକ୍ତରଖାନା ଇନ୍ଦିରା ଛକ ଓ ବାଜପେୟୀ ଛକ ଠାରେ ପ୍ରତିଦିନ ଉଭୟ ପାଶ୍ୱର୍ରେ କିଛି ଦୋକାନି ରାସ୍ତା କଡ଼ରେ ଲଗାଇବା ସହ ଉଠା ଦୋକାନୀ ପରିବା ବାଲା ଓ ଭାରିଯାନ ଚ଼ଳାଚ଼ଳ ଯୋଗୁ ଛୋଟ ବଡ଼ ଗାଡ଼ି ଅଟକି ରହିବା ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ଉପୁଜି ଯାତାୟତ ରେ ଘୋର ଅସୁବିଧା ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଥାଏ। ବିଶେଷ କରି ବାଜପେୟୀ ଛକ ରେଳ ଚ଼ଳାଚ଼ଳ ସମୟରେ ଫାଟକ ବନ୍ଧ ଯୋଗୁଁ ସାଧାରଣ ନାଗରିକ, ଆମ୍ବୁଲାନ୍ସ ସେବା ସ୍କୁଲ କଲେଜ ଛାତ୍ର ଛାତ୍ରୀ ରେଗୀ ତଥା ତହସିଲ, ବିଡ଼ିଓ, କୋର୍ଟ, ବଗିଚ଼ା ପଡ଼ା,ଲାଖୁଆପଡା ଓ ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଉକ୍ତ ଟ୍ରାଫିକ ସମସ୍ୟା ଯଥା ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜଣାଇଛନ୍ତି।

## ରାଜଗାଙ୍ଗପୁର ସହର ରେ ଭାରତ ବନ୍ଦ ଡାକରା ଆଂଶିକ ସଫଳ

ରାଜଗାଙ୍ଗପୁର, ୧୩।୨ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି ସହ ଏକାଧିକ ଶ୍ରମିକ ଏବଂ ଟ୍ରେଡ ଇୟୁନିଅନ କଂଗ୍ରେସ ପକ୍ଷରୁ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ୍ ସ୍କିମ ଶ୍ରମିକ ମାନଙ୍କୁ ଶ୍ରମିକ ମାନ୍ୟତା ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ପୁରୁଣା ପେନସନ ଲାଗୁ କରିବା, ରାଷ୍ଟ୍ରୀୟ ଉଦ୍ଯୋଗ ଘରେଇକରଣ ବନ୍ଦ,ଓ ଅନ୍ୟାନ୍ୟ ଦାବିରେ ଶ୍ରମିକ ଧର୍ମଘଟ ରାଜଗାଙ୍ଗପୁର ସହର ରେ ଆଂଶିକ ସଫଳ ହୋଇଥିବା ପରିଲକ୍ଷିତ ହୋଇଛି। ସିଆଟିୟୁ,ଏସୁସିଆଇ ଓ କିଛି ଶ୍ରମିକ ସଂଗଠନ ତରଫରୁ ଲେଲିନ ପେଟେ,ଲିଓନି ତିର୍କୀ, ଜଷ୍ଟିନ ଲୁଗୁନ ଓ ବହୁ ଶ୍ରମିକ ନେତା ସକାଳ ୬ ଟାରୁ ବିଭିନ୍ନ କଳକାରଖାନା, ଡାଲମିଆ ସିମେଣ୍ଟ ,ଓଆଇଏସ ଏଲ,ରୀ ଫେକଟରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ ସାମ୍ନାରେ ଶ୍ରମିକ ସଂଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଅପରାହ୍ନ ରେ ରାଣିବନ୍ଧ ବିଜୁ ରାଜ୍ୟ ସରକାର ଠାରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସର୍ବ ଭାରତୀୟ ଧର୍ମଘଟ,ବନ୍ଧ ସମ୍ବନ୍ଧରେ ଜନସାଧାରଣ ଙ୍କୁ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ରାଜଗାଙ୍ଗପୁର ସହର ସବୁ ଦିନ ପରି ସ୍ୱାଭାବିକ ଭାବେ ଖୋଲା ରହିବା ସହ କୈଣସି ଅପ୍ରିତିକର ପରିସ୍ଥିତି ଦେଖା ଦେଇନଥିଲା ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଓ ପୋଲିସ ଟିମ ସମଗ୍ର ଇଲାକାରେ ପେଟ୍ରୋଲିଂ କରୁଥିବା ଦେଖିବାକୁ ମିଳିଥିଲା।

## ବିଧାୟିକା ସୋଫିଆ ଫିରଦୋସଙ୍କ ଦ୍ୱାରା ବାରବାଟୀ-କଟକର ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ଅନୁଧ୍ୟାନ

କଟକ,୧୩/୦୨ (ନି.ପ୍ର) : ବାରବାଟୀ-କଟକ ନିର୍ବାଚନ ମଣ୍ଡଳରେ ଚାଲିଥିବା ବିଭିନ୍ନ କୋଣାନୁକୂଳ କାର୍ଯ୍ୟର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟିକା ସୋଫିଆ ଫିରଦୋସ । ଆଜି ସେ ପ୍ରଶାସନିକ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରି ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରଥମେ ସେ ବକ୍ସିବଜାର ସ୍ଥିତ ଡିଜି ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ମାଣିକ ଘୋଷ ବଜାର ସ୍ଥିତ ପୂଜା ମଣ୍ଡପ ଓ ବିବି ଆଲମ୍ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହାପରେ ବିଧାୟିକା କଟକର ଐତିହାସିକ ରେଭେନ୍ସା କଲେଜ ବାଲିକା ଛାତ୍ରୀ ନିବାସ ଆଦି ଏହାର ପୁନରୁଦ୍ଧାର କାର୍ଯ୍ୟ ଏବଂ ବିଧାୟକ ପାଣ୍ଠିରୁ ନିର୍ମିତ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ । ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ



ସମ୍ପୂର୍ଣ୍ଣ କରିବା ସହ ଏହାର ଗୁଣବତ୍ତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିଦର୍ଶନ ସମୟରେ କଟକ ସଦର ବିଡ଼ିଓ, ଏଇଇ, ଜେଇ ଏବଂ ଓବିସିସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପର ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ।

## ରଘୁନାଥପୁର ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ

ଜଗତସିଂହପୁର: ୧୩/୨ (ନି.ପ୍ର) ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଯୋଗଦେଇ ବିଜେପି ନେତୃବୃନ୍ଦ ଙ୍କ ବିରୁଦ୍ଧରେ ବିଷୋଦଗାର କରୁଥିବା ଦେଖିବାକୁ ମିଳିଥିଲା । ବିଧାୟକ ତ ଭୋଇ ବିଡ଼ିଓ ଙ୍କୁ ବିଭିନ୍ନ ପ୍ରଶ୍ନପଚାରା ବିଜେପି ନେତୃବୃନ୍ଦ ଙ୍କୁ କାହିଁ କି ଏହିପରି ମଧ୍ୟ ରେ ଚେୟାର ପ୍ରଦାନ କରାଯାଉଛି ବୋଲି ତାପ ସୃଷ୍ଟି କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ଏକ ସପ୍ତାହ ପୂର୍ବରୁ ତିର୍ତ୍ତୋଲ ବିଜେପି ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ହେତେକ ବିଜେପି ନେତୃବୃନ୍ଦ ରଘୁନାଥପୁର ବ୍ଲକ ଯାଇ ଲୋକଙ୍କ ସମସ୍ୟା ଓ ନିମ୍ନ ମାନର ଠିକା କାମ, ଗୋଟିଏ ଘର ଡବଲ ଫଳକ ସମ୍ପର୍କରେ ପ୍ରଶ୍ନ କରିଥିଲେ । ତେବେ ବିଡ଼ିଓ ବିଭୂତି ନାରାୟଣ ବେହେରା ଏହାର ଉତ୍ତର ଦେବାକୁ ସନ୍ତୋଷଜନକ ଯଥା ସୁ ଦ୍ବିପ୍ରିତା ବେହେରାଙ୍କୁ ଡକାଇ ଥିଲେ ମଧ୍ୟ ସେ ସେଠାକୁ ଆସିନଥିଲେ । ଫଳରେ ବିଡ଼ିଓ ସହଭାଗୀ ଯନ୍ତ୍ରୀ ଙ୍କ ଅନୁପସ୍ଥିତ ପାଇଁ କାରଣଦର୍ଶାଅ ନୋଟିସ କରିଥିଲେ। ଆଜିର ଏହି ଷଷ୍ଠ ଅଧିବେଶନ ରେ ଯନ୍ତ୍ରୀ ଙ୍କୁ କାରଣଦର୍ଶାଅ ନୋଟିସ କାହିଁ କଲବୋଲି ବିଧାୟକ ରମାକାନ୍ତ ଭୋଇ ବିଡ଼ିଓ ଙ୍କୁ ତାଗିଦ୍ କରିଥିଲେ । ଅନ୍ୟ ପକ୍ଷରେ ଏହି ବ୍ଲକ ରେ ସ୍ଥାନୀୟ ବିଜେପି ଲୋକଙ୍କୁ ଲୋଭିଲି ଡିରିରି



କଥା ର ଉତ୍ତର ନଦେବାକୁ ପରାମର୍ଶ ଦେଇଥିଲେ। ବ୍ଲକ କୋଷାଧ୍ୟକ୍ଷ ଭବେଶ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜି ଏହି ଆୟୋଜିତ ଏହି ସମିତି ବୈଠକ ରେ ରଘୁନାଥପୁର ତହସିଲ ଦାର ରାଜଲକ୍ଷ୍ମୀ ନାୟକ,ଏ ବିଡ଼ିଓ ପାୟଲ ମହାପାତ୍ର, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟା ଗୀତାରାଣୀ ମଲ୍ଲିକ, ଇଲିଶା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧିନ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ । ଏହି ବ୍ଲକର ଦୀର୍ଘ ବର୍ଷ ଧରି ରହି ଉନ୍ନୟନ ବିଭାଗ ସହିତ କୋଷାଧ୍ୟକ୍ଷ ପାଇଁଦ୍ୱ ତୁଲାଇଥିବା କିରାଣୀ ଭବେଶ ବେହେରା ସମସ୍ତଙ୍କୁ ଖାଦ୍ୟ ପେୟରେ ଆପ୍ୟାୟିତ କରିବା ସହିତ କିଛି ବ୍ୟକ୍ତି ଙ୍କ ସହ ଗୁପ୍ତ ବୁଝାମଣା କରୁଥିବା ଦେଖିବାକୁ ମିଳିଥିଲା । ଯାହା କି ସାଧାରଣ ରେ ଏହି ବ୍ୟକ୍ତିଙ୍କ ଗୋଟି ଚାଳନାକୁ ଲୋକେ ହଜମ କରିପାରୁ ନାହାନ୍ତି ।

## ବାପି ଭାଇ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

କୁକୁଡ଼ାଖଣ୍ଡି,୧୩/୨ (ନି.ପ୍ର): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ କୁକୁଡ଼ାଖଣ୍ଡି ମିନିଷ୍ଟିଡ଼ିୟମ ପରିସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ବାପୀ ଭାଇ ପାତ୍ର(ବାପି )ଭାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯୁବଗୋଷ୍ଠୀ ପକ୍ଷରୁ ବାପି ଭାଇ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଂଟ ଶୁଭାରମ୍ଭ ହୋଇଯାଇଛି । ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ବବନ ରେଡ୍ଡି, ଠେଙ୍ଗାଇ ସରପଞ୍ଚ ଭଲ୍ଲୀ ଶମର ଜେନା, ସମିତିସଭ୍ୟା ପ୍ରତିନିଧି ସୁରେଶ ରେଡ୍ଡି, ପୂର୍ବତନ ସରପଞ୍ଚ ଅଖିଲ ରେନେଗ୍ଡ଼ି ଯୋଗଦେଇଥିବା ବେଳେ ଦ୍ୱିତୀୟ ଦିନରେ ସ୍ଥାନୀୟ ତହସିଲଦାର ରାଜକିଶୋର ପଟ୍ଟନାୟକ, ଇଂ କେ. ଚିରଞ୍ଜିବି, ଏଏସ୍ଆଇ ହରି ଶଙ୍କର ପ୍ରଧାନ, ଭିନ୍ନକ୍ଷମ ନେତା କେ.ମଣିବାବୁ, କନିଷ୍ଠ ସେନାଧିକାରୀ ବିପିନ ବିହାରୀ ସାହୁ ଯୋଗଦେଇ ପ୍ରମୁଖ ଯୋଗଦେଇ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ସହ ଉତ୍ତମ ଖେଳ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ । ୮ ଦିନ ବ୍ୟାପି ଏହି ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ ବୋଲି ଆୟୋଜକ ସଂଯୋଗ



ପଞ୍ଚାୟକ ସୂଚନା ଦେଇଛନ୍ତି । ପ୍ରଥମ ଦିନ ମ୍ୟାଚରେ ପାଥ୍ରାର ଖିଲ(ଗଞ୍ଜାମ) ଓ ଡେଙ୍ଗାପାଙ୍ଗା(ଗଞ୍ଜାମ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୧୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବା ନେଇ ଆୟୋଜକ ପକ୍ଷରୁ ଜଣାପଡ଼ିଛି । ଏଥିରେ ଯୁବଗୋଷ୍ଠୀର ସଭାପତି ଦିଗମ୍ବର ପଞ୍ଚାୟକ, ବନବାସ ପାତ୍ର, ଚିନ୍ମୟ ମିଶ୍ର, କେ. ଆକାଶ, ସାଗର ପାତ୍ର, ଶୁଭମ ସାହୁ, କେ.ଅବିନାଶ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଓଡ଼ିଶା ମେଡିକାଲ୍ ଏକ୍ସପୋରେ ପଲିମେଟେକ୍ ପକ୍ଷରୁ" ସ୍ୱଦେଶୀ ଶିରା ଚିହ୍ନଟ ଯନ୍ତ୍ରାଂଶ ପ୍ରଦର୍ଶନ

ଭୁବନେଶ୍ୱର,୧୩।୨ (ନି.ପ୍ର) : ଅପ୍ଟୋ-ସେମିକଣ୍ଡକ୍ଟର, ଉନ୍ନତ ଇଲେକ୍ଟ୍ରୋନିକ୍ସ ଏବଂ ସମନ୍ୱିତ ପ୍ରଯୁକ୍ତି ଉତ୍ପାଦର ନିର୍ମାତା, ପଲିମେଟେକ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପକ୍ଷରୁ ଦେଶର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ଶିରା ଚିହ୍ନଟ ମେସିନ ପ୍ରଦର୍ଶନ କରାଯାଇଛିୟ "ଫେବୃଆରୀ ୧୩ରୁ ୧୫ ପର୍ଯ୍ୟନ୍ତ ବରମୁଣ୍ଡା ପଡିଆ। ଠାରେ ଅନୁଷ୍ଠିତ ହେଉଥିବା ଓଡ଼ିଶା ମେଡିକାଲ୍ ଡିଭାଇସ୍ ଏକ୍ସପୋରେ କମ୍ପାନୀ ଅଂଶଗ୍ରହଣ କରିଛିୟ ବୁଥ୍ ନମ୍ବର ଏଚ୬ ରେ, କମ୍ପାନୀ ଏହାର ସ୍ୱଦେଶୀ ଶିରା ଫାଇଣ୍ଡର୍ ପ୍ରଦର୍ଶନ କରୁଛି, ଯାହା ଆମଦାନୀ ନିର୍ଭରତାରୁ ଘରୋଇ ବଜାରରେ ବିକଶିତ ଅତ୍ୟାଧୁନିକ ପ୍ରଯୁକ୍ତି ଉତ୍ପାଦ ଆଡ଼କୁ ଭାରତର ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପୟ"ପଲିମେଟେକ୍ ଶିରା ଫାଇଣ୍ଡର୍ ହେଉଛି ଏହି ବର୍ଗରେ ପ୍ରଥମ ଭାରତ-ନିର୍ମିତ ଯନ୍ତ୍ରାଂଶ ଯାହା ପ୍ରମୁଖ ଘରୋଇ ଏବଂ ଅନ୍ତର୍ଜାତୀୟ ନିୟାମକ ମାନଦଣ୍ଡ ପୂରଣ କରିଛିୟ ଏହି ସିଷ୍ଟମକୁ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ (ସିଡିଏସସିଓ) ଦ୍ୱାରା ଏକ ଶ୍ରେଣୀ ଏ ଚିକିତ୍ସା ଉପକରଣ ଭାବରେ ପଞ୍ଜିକୃତ କରାଯାଇଛି, ଯାହା ଭାରତର ସ୍ୱଦେଶୀ ଚିକିତ୍ସା ଉପକରଣ ଇକୋସିଷ୍ଟମରେ ଏକ ପ୍ରମୁଖ ମାଇଲଖୁଣ୍ଟ । ଏହା ସହ ଏହି ଉପକରଣଟି ଯୁକ୍ତରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ ସହ ପଞ୍ଜିକୃତ ହୋଇଛି ଏବଂ ଇୟୁ ଲୋ ଭୋଲଟେଜ ନିର୍ଦ୍ଦେଶନାମା ଅଧୀନରେ ସିଇକୁ ଏହା ଅନୁପାଳନ କରେୟ ଯାହା ବିଶ୍ୱ ବଜାର ପାଇଁ ଏହାର ପ୍ରସ୍ତୁତିକୁ ସମର୍ଥନ କରେୟ ଲାସ୍ ଭେଗାସ ସିଇଏସରେ ଏହାର ଉନ୍ମୋଚନ ପରେ ଶିରା ଫାଇଣ୍ଡର ଅନ୍ତର୍ଜାତୀୟ ବଜାରରେ ନିଜର ପରିଚୟ ମଧ୍ୟ ପାଇଥିଲା । "ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ସହ ମିଳିତ ଭାବରେ ଡିଜାଇନ୍ କରାଯାଇଥିବା, ଶିରା ଫାଇଣ୍ଡର ବାସ୍ତବ-ସମୟ ଶିରାକୁ ପାଇବାରେ ସହାୟତା କରେ । ଏହି ସିଷ୍ଟମଟି ଏକାଧିକ ପ୍ରୟାସକୁ ହ୍ରାସ କରିବା, ପ୍ରକ୍ରିୟାଗତ ଦକ୍ଷତା ଉନ୍ନତ କରିବା ଏବଂ ରୋଗୀଙ୍କ ଆରାମ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟୟ ଏହି ଉପକରଣ ଜରୁରୀକାଳୀନ ବିଭାଗ, ଶିଶୁ ଚିକିତ୍ସା, ଡାଏଲିସିସ୍ କେନ୍ଦ୍ର, ଅଙ୍କୋଲୋଜି ୟୁନିଟ୍ ଏବଂ ଅନ୍ୟାନ୍ୟ କଷ୍ଟକର-ପ୍ରବେଶ ରୋଗୀ ଗୋଷ୍ଠୀ ସମେତ ବିଭିନ୍ନ କ୍ଲିନିକାଲ୍ ପରିବେଶ ପାଇଁ ଉପଯୁକ୍ତ । "ଏହି ଶିରା ଫାଇଣ୍ଡର ପଲିମାଟେକର ସ୍ୱଦେଶୀ ଭାବରେ ବିକଶିତ ନିକଟ-ଇନଫ୍ରାରେଡ୍ (NIR) ଖରଡ ପ୍ଲାଟଫର୍ମ ଦ୍ୱାରା ପରିଚାଳିତ, ଯାହା କମ୍ପାନୀର ସେମିକଣ୍ଡକ୍ଟର ବିଶେଷଜ୍ଞତା ଏବଂ ୨୦୨୧ରୁ ଚାଲିଥିବା ଏନଆଇଆର ଚିପ୍ ବିକାଶ ପଦକ୍ଷେପ



ଉପରେ ନିର୍ମିତୟ"ସମସ୍ତ ପଲିମାଟେକ ଚିକିତ୍ସା ଉପକରଣଗୁଡ଼ିକ ଏକ ବ୍ୟାପକ ଏବଂ ଅଡିଟ ଢାଞ୍ଚା ଅଧୀନରେ ଗ୍ରେଟର ଚେନ୍ନାଇର ଓରାଗାଡାମରେ କମ୍ପାନୀର ସୁବିଧାରେ ନିର୍ମିତ, ଯେଉଁଥିରେ ଅନ୍ତର୍ଭୁକ୍ତ:" ଚିକିତ୍ସା ଉପକରଣ ନିର୍ମାଣ ପାଇଁ ଓଝଡ ୧୩୪୮୫:୨୦୧୬ ପ୍ରମାଣପତ୍ର"ଈ ଓଝଡ ୯୦୦୧:୨୦୧୫ ଗୁଣବତ୍ତା ପରିଚାଳନା ପ୍ରମାଣପତ୍ର" ISO 45001:2018 ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରମାଣପତ୍ର" ISO ୧୪୦୦୧:୨୦୧୫ ପରିବେଶଗତ ପରିଚାଳନା ପ୍ରମାଣପତ୍ର"ଏହି ସିଷ୍ଟମଗୁଡ଼ିକ ନିର୍ଭରଯୋଗ୍ୟ ଘରୋଇ ନିୟୋଜନ ଏବଂ ସଂରଚିତ ବିଶ୍ୱ ନିୟାମକ ବ୍ୟବସ୍ଥାକୁ ସମର୍ଥନ କରେ । ଶିରା ଫାଇଣ୍ଡର ବ୍ୟତୀତ, କମ୍ପାନୀ ଉନ୍ନତ ଚିକିତ୍ସା ଆଲୋକୀକରଣ ସମାଧାନ ଏବଂ ଏହାର ଦନ୍ତ ଚିକିତ୍ସା ପ୍ରଣାଳୀ ପ୍ରଦର୍ଶନ କରୁଛି, ଯାହା ଲାସ୍ ଭେଗାସର ସିଇଏସ ୨୦୨୬ ରେ ଉନ୍ମୋଚିତ ହୋଇଥିଲା । ଏହାର ସେମିକଣ୍ଡକ୍ଟର ଏବଂ ଅପ୍ଟୋଇଲେକ୍ଟ୍ରୋନିକ୍ ପ୍ଲାଟଫର୍ମ ଉପରେ ନିର୍ମିତ, ପଲିମାଟେକ୍ ଏକ ବ୍ୟାପକ ପୋର୍ଟଫୋଲିଓ ମଧ୍ୟ ଅଗ୍ରଗତି କରୁଛି ଯେଉଁଥିରେ ରେଡ୍ ଲାଇଟ୍ ଥେରାପି ସିଷ୍ଟମ୍, ପ୍ରିସିସନ୍ ଅଡିଓ ମାପ ଉପକରଣ ଏବଂ ବିଭିନ୍ନ ପ୍ରକାରର ସର୍ଜିକାଲ୍ ଏବଂ କ୍ଲିନିକାଲ୍ ଇଲେକ୍ଟ୍ରୋନିକ୍ ଉପକରଣ ଅନ୍ତର୍ଭୁକ୍ତ । "ଏହି ପୋର୍ଟଫୋଲିଓ ପଲିମାଟେକ୍ ଏକ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ନିର୍ମାତାରୁ ଏକ ବିବିଧ ପ୍ରଯୁକ୍ତିବିଦ୍ୟା କମ୍ପାନୀକୁ ପରିବର୍ତ୍ତନକୁ ପ୍ରତିଫଳିତ କରେ ଯାହା ବହୁବିଧ କ୍ଷେତ୍ରରେ ସମନ୍ୱିତ ଉତ୍ପାଦ ପ୍ରଦାନ କରେ । "ଓଡିଶା ମେଡିକାଲ୍ ଏକ୍ସପୋରେ ଆମର ଅଂଶଗ୍ରହଣ ବିଶ୍ୱସ୍ତରୀୟ ଅନୁପାଳନଶୀଳ, ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମ ନିର୍ମାଣ ପ୍ରତି ପଲିମାଟେକ୍ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ପଲିମାଟେକ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶ୍ରୀଯୁକ୍ତ ଈଶ୍ୱରା ରାଓ ନନ୍ଦମ କହିଛନ୍ତି । ସିଡିଏସସିଓ ପଞ୍ଜୀକରଣ, ଆନ୍ତର୍ଜାତୀୟ ଗୁଣବତ୍ତା ସିଷ୍ଟମ୍ ଏବଂ ଆମର ସେମିକଣ୍ଡକ୍ଟର ଫାଉଣ୍ଡେସନ୍ ସହିତ, ଆମେ ବିଶ୍ୱ ବଜାରରେ ସଂପ୍ରସାରଣ ଦିଗରେ ଅଗ୍ରଗତି କରିବା ସହିତ ଭାରତରେ ନିର୍ମିତ ଉତ୍ପାଦ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ।

## ଜଟଣୀରେ ତୃତୀୟ ପଥ ଉତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

ଜଟଣୀ, ୧୩।୨ (ନି.ପ୍ର): ଜଟଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜନ ହୋଇଥିଲା। ସାମ୍ବାଦିକ ସମ୍ମିଳନୀ। ସାମ୍ବାଦିକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଜଟଣୀରେ ହେବାକୁ ଥିବା 'ତୃତୀୟ ପଥ ଉତ୍ସବ'। ସାମ୍ବାଦିକ ସମ୍ମିଳନୀର ଆୟୋଜକ ତଥା ଯୁଗ୍ମ ଆବାହକ ଡଃ ରୁଷି ପଟ୍ଟନାୟକ ଏବଂ ଡଃ ଉମାକାନ୍ତ ପଟ୍ଟନାୟକ। ସାମ୍ବାଦିକ ସମ୍ମିଳନୀ ପଥ ଉତ୍ସବର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ନେତୃତ୍ୱରେ କରାଯାଇଥିଲା। ଫେବଆରୀ ୧୫ତାରିଖ ରବିବାର ଦିନ ମହାଶିବରାତ୍ରୀକୁ ନଜରରେ ରଖି, ଜଟଣୀ ବିକାଶ





ପରିଷଦ ଦ୍ୱାରା ୩ୟ ଜଟଣୀ ପଥ ଉତ୍ସବକୁ ପରିଚାଳନା କରିବା ଦାଇତ୍ୱ ଦିଆ ଯାଇଥିଲା। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପଥ ଉତ୍ସବର ମୁଖ୍ୟ ଆବାହକ ଡଃ ରୁଷି ପଟ୍ଟନାୟକ ସୂଚନା ଦେଇଛନ୍ତି। ଅଧ୍ୟକ୍ଷ ଶ୍ରୀ ବିଶ୍ୱରଂଜନ ବଡ଼ଜେନା କହିଲେ ଯେ ମୁଁ ଜଟଣୀ ବାସୀଙ୍କ ନିକଟରେ କୃତଜ୍ଞତା ଜଣାଉଛି, ଜଟଣୀ ସହର ଏବଂ ଗ୍ରାମାଞ୍ଚଳରୁ ବହୁସଂଖ୍ୟାରେ ଆସି ପ୍ରଥମ ଓ ଦିତୀୟ ପଥ ଉତ୍ସବ ବହୁ ମାତ୍ରାରେ ସଫଳତା ଦେଉଛନ୍ତି। ବିଶେଷ ଭାବରେ କହିବି, ପଥ ଉତ୍ସବର ସଫଳତା ପାଇଁ ସାମ୍ବାଦିକ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଦେବି ଯେ ତାଙ୍କର ପ୍ରଚାର ପ୍ରସାର ପାଇଁ ଅଜି ଜଟଣୀ ପଥ ଉତ୍ସବ ଓଡ଼ିଶାର ଘରେ ଘରେ ଏକ ପରିଚୟ ସୃଷ୍ଟି କରିପାରିଛି ଚଳିତ ମାସ ତୃତୀୟ ପଥ ଉତ୍ସବ ଯେହେତୁ ୧୫ ତାରିଖ ଦିନ ମହାଶିବରାତ୍ରୀ ପଡୁଚି ତେଣୁ ୩ୟ ପଥ ଉତ୍ସବକୁ ଶିବ ରାତ୍ରି ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି। ଏଥି ପାଇଁ ୨୦ଫୁଟ ଉଚ୍ଚ ଏକ ଶିବ ମୂର୍ତ୍ତି ଅୟୋଜନ କରାଯାଇଛି ବୋଲି ଅଭିନେତା ଓ ପଥ ଉତ୍ସବ ମୁଖ୍ୟ ଆବାହକ ଡଃ ରୁଷି ପଟ୍ଟନାୟକ କହିଛନ୍ତି। ଅଧ୍ୟକ୍ଷ ଶ୍ରୀ ବିଶ୍ୱରଂଜନ ବଡ଼ଜେନା କହିଛନ୍ତି ଯେ ସମ୍ପୂର୍ଣ୍ଣ ରାଜରାସ୍ତା ହରୀଭାଇନ ଛକରୁ ମହୁଲ ଗୁଡିଆ ଛକ ପର୍ଯ୍ୟନ୍ତ ରାସ୍ତାକୁ ଶିବାଳୟ କରାଯିବା ପାଇଁ ଯୋଜନା ରହିଛି। ଜଟଣୀ ବାସୀ ବହୁସଂଖ୍ୟାରେ ଯୋଗଦାନ କରି ଏହି ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ସଭ୍ୟ ଅନୁରୋଧ କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ସହିତ ଜଟଣୀର ମାନ୍ୟବର ସାଂସଦଙ୍କ ଦୁଇ ପ୍ରତିନିଧି ଶ୍ରୀ ମନୋଜ ନନ୍ଦ ଓ ଶ୍ରୀ ସତୀଶ ଶର୍ମା, ଜଟଣୀ, ଯୁଗ୍ମ ଆବାହ ଡଃ ଉମାକାନ୍ତ ପଟ୍ଟନାୟକ, ଅଗ୍ନିଶମ ନିର୍ଭାଇ ଅଧିକାରୀ ଶ୍ରୀ ଲକ୍ଷ୍ମଣ ବେହେରା, ଲିଟୁ ରଞ୍ଜନ ରାଉତରାୟ, ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସବ୍ୟସାଚି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ତିରୁପତି ଶତପଥୀ ଓ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ ଶେଷରେ ସଭାପତି ଓ ସଂଯୋଜକ ସାମ୍ବାଦିକ ଭାଇ ମାନଙ୍କୁ ଧନ୍ୟବାଦ ଦେବା ସହ ଏହି କାର୍ଯ୍ୟକ୍ରମରେ ମିଡିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କହି ଏହାର ପ୍ରଚାର ଏବଂ ପ୍ରସାର ପାଇଁ ସହଯୋଗ କାମନା କରିଥିଲେ।

## ଟାଇଁସର ଲୋୟୋଲା ସ୍କୁଲ ରେ ପେରେଣ୍ଟ୍ସ ନାଇଟ ପାଳିତ

କୁଚିଣ୍ଡା,୧୩।୦୨(ନି.ପ୍ର.): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ଟାଇଁସର ଲୋୟୋଲା ଇଂରାଜୀ ବିଦ୍ୟାଳୟ ଠାରେ ପେରେଣ୍ଟ୍ସ ନାଇଟ ୨୦୨୫-୨୬ ପାଳିତ ହୋଇଯାଇଛି ଓ ବିଦ୍ୟାଳୟ ର ଅଧକ୍ଷ ଫାଦର ସାୱରୀ ମୁଥୁ ଏସ୍ ଜେ ଙ୍କ ସଭାପତିତ୍ୱ ରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁସୁମି ଥାନା ପୋଲିସ୍ ଇନ୍ଚାର୍ଜ ଅଞ୍ଜନ କୁମାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫାଦର ହେନ୍ରି ଆଲବର୍ଟ, କୁଚିଣ୍ଡା କୁଇନ ଅଫ ଦ ମିଶନ ସ୍କୁଲ ଅଧ୍ୟକ୍ଷା ବିନୋଦିନୀ ମିଞ୍ଜ,ରାନି ଜେକପ୍,ସିଷ୍ଟର କିଶୋରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରି ନିଜର ଲକ୍ଷ୍ୟ ପଥରେ ଆଗେଇବା ପାଇଁ ପରାମର୍ଶ ଦେଇଥିଲେ। ଆଗରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମକୁ କିରନ ବାର୍ଲା ପରିଚାଳନା କରିଥିବାବେଳେ ଶେଷରେ ସିଷ୍ଟର ଆଲିନ ତିର୍କି ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଭିଭାବକ ତଥା ଅଞ୍ଚଳର ଅନେକ ଜନସାଧାରଣଙ୍କ ସମାଗମ ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମେଘାସନୀ ମହୋତ୍ସବ-୨୦୨୬ ଉଦଯାପିତ

ବାରିପଦା,୧୩।୨ (ନି.ପ୍ର): ମେଘାସନୀ ମହୋତ୍ସବ-୨୦୨୬" ତଥା ସ୍ୱଦେଶୀ ଓ ସୁଭଦ୍ରା ଶକ୍ତି ମେଳା ଆଜି ଉଦଯାପିତ ହୋଇଛି । ଉଦଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ଏଠାକୁ ଆସିଥିବା ବିଭିନ୍ନ ଷ୍ଟଲ୍ ବୁଲି ଦେଖିଛନ୍ତି । ମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ହାତ ନିର୍ମାଣ ସାମଗ୍ରୀକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ମହାପାତ୍ର ଉଚ୍ଚ ପ୍ରଶଂସା କରିଥିଲେ । ଆଜିର ସଂଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଞ୍ଚଳିକ ସଂଗୀତ ପରିବେଷଣ ହୋଇଛି । ଏଇ ଅବସରରେ ମୁଖ୍ୟଅତିଥି



ମାନ୍ୟବର ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ, ମୟୂରଭଞ୍ଜ ଏକ କଳା, ସଂସ୍କୃତିର ସଂପନ୍ନ ଜିଲ୍ଲା ।ଲୋକକଳା ଓ ପ୍ରାଚୀନ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଏହିପରି ମେଳା ସମର୍ପିତଆଜିର ଏହି ମେଳା ସଭିଙ୍କୁ ଏକାଠି କରିବାରେ ସହାୟକ ହୋଇଛି ।ମୟୁରଭଞ୍ଜର କଳା, ସଂସ୍କୃତିକୁ ସୁଦୁର ପ୍ରସାରୀ କରିବାରେ ଏହି ମେଳା ସହାୟକ ହୋଇଛି । ଗ୍ରାମୀଣ ଅର୍ଥନୀତିର ବିକାଶର ସହ ଆତ୍ମନିର୍ଭର ସ୍ୱପ୍ନ ଏହାଦ୍ୱାରା ପୂରଣ ହୋଇପାରିବ ବୋଲି ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ସେହିପରି ସମ୍ମାନିତ ଅତିଥି ସୁଶ୍ରୀ ସଞ୍ଜଲୀ ମୁର୍ମୁ ଯୋଗ ଦେଇ ମାଆ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ଉଚ୍ଚ ପ୍ରଶଂସା କରି ପରିବାର ପ୍ରତିପୋଷଣ ପାଇଁ ସେମାନେ ଆଗକୁ ଉଦାହରଣ ସୃଷ୍ଟି କରିବେ ବୋଲି କହିଛନ୍ତି । ଆଜିର ସଂଧ୍ୟାରେ କଳା, ସଂଗୀତ ଓ ସଂସ୍କୃତିର ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିଛି । ଆଜିର କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନାରେ ପ୍ରମୁଖ ଭୂମିକାରେ ଉପଜିଲ୍ଲାପାଳ ବାରିପଦା ଡଃ ଦୟାସିନ୍ଧୁ ପରିଡ଼ା ରହି ନିଆରା ସଂଳାପରେ ମଞ୍ଚ ସଞ୍ଚାଳନ କରିଥିଲେ ।ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ଜିଲ୍ଲା ପରିଷଦ) ଶ୍ରୀ ଧର୍ମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଶ୍ରେଷ୍ଠ ପ୍ରଦର୍ଶନ ଷ୍ଟଲ ମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।

## 'ଆମ ଗାଁ ଆମ ସମ୍ପର୍କ' ସମ୍ମିଳନୀ ଅନୁଷ୍ଠିତ

ଜଗତସିଂହପୁର,୧୩।୨ (ନି.ପ୍ର): ଅବିଭକ୍ତ ରଘୁନାଥପୁର ବ୍ଲକ ଅନ୍ତର୍ଗତ କଟକ ଜିଲ୍ଲା ନିଶ୍ଚିନ୍ତ କୋଇଲି ବ୍ଲକ ଅଧୀନ ବ୍ରାହ୍ମଣଭୂମି (ସାଧୁସାଇ )ଗ୍ରାମରେ ଏକ ଅଭିନବ କାର୍ଯ୍ୟକ୍ରମ 'ସମ୍ପର୍କ 'ଆନୁକୂଲ୍ୟରେ 'ଆମ ଗାଁ ଆମ ଝିଅ 'ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ



ବହୁ ଦୂର ଦୁରାନ୍ତରେ ଥିବା ଗ୍ରାମର ବିଭାହିତା ଝିଅ ତଥା ବର୍ତ୍ତମାନର କୁନିଝିଅମାନେ ମଧ ଅଂଶଗ୍ରହଣ କରିଥିଲେ ।ସବିତା ପଣ୍ଡା (କୁନି )ଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସୁନିତା ନନ୍ଦ (ମିଲି )ପରିଚାଳନା କରିଥିଲେ। ଉକ୍ତ ସମ୍ମିଳନୀରେ ଗାଁର ଝିଅମାନେ ବିଗତଦିନର ସ୍ମୃତିକୁ ସାଉଁଟିବା ସହ ଗାଁର ମଙ୍ଗଳ ପାଇଁ ଗ୍ରାମର ଆରାଧ୍ୟ ଦେବୀ ମା'ଉଗ୍ରାଳାକ୍ଷୀଙ୍କ ନିକଟରେ ମାର୍ଜନା ଓ ପୂଜାର୍ଚ୍ଚନା କରିଥିଲେ। ପରେ ପରେ 'ଆମ ଗାଁଆମ ପରିବେଶ' ସମ୍ପର୍କିତ କବିତାପାଠ କ୍ରୀଡାକୌତୁକ ନୃତ୍ୟ ଓ ସଂଗୀତର ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଗାଁର ଝିଅମାନେ ଯଥା -ଝୁନୁ, ଲିକା, ଜୁଲିଆ, ସିଲି, ଲିଲି, ମାଉଁନି, କୁନୁରୀ, ଝିଲି, ଆରତୀ, ଲକ୍ଷ୍ମୀପ୍ରିୟା, ପୁଷି ଓ ଅଞ୍ଜନା ପ୍ରଭୃତି ଯୋଗଦେଇଥିଲେ। ଏହିଗ୍ରାମର ବୟୋଜ୍ୟେଷ୍ଠ ଝିଅ ଗୀତା ଓ କନକଲତାଙ୍କୁ ସମ୍ମିଳନୀ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଏକ ଭୋଜିଭାତର ଆୟୋଜନ କରାଯାଇଥିଲା। ଏବଂ ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ପରିଶେଷରେ ସଂଯୁକ୍ତା ମହାପାତ୍ର (ସଂଜୁ )ଉପସ୍ଥିତ ସମସ୍ତ ସଭ୍ୟାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, , ୧୩।୨(ନି.ପ୍ର.): ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ଓଡ଼ିଶାର ଜଣେ ପ୍ରଭାବଶାଳୀ ଜନନେତା ତଥା ବରିଷ୍ଠ ରାଜନୀତିଜ୍ଞ କାହ୍ନୁଚରଣ ଲେଙ୍କାଙ୍କ ୮୬ ବର୍ଷ ବୟସରେ ପରଲୋକ ଘଟିଛି। ଏକ ସାଧାରଣ ପରିବାରରୁ ଆସି ଜାତୀୟ ରାଜନୀତିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଶ୍ରୀ ଲେଙ୍କା ସର୍ବଦା ଜନସେବା ଓ ଗରିବ କଲ୍ୟାଣ ପାଇଁ ନିୟୋଜିତ ଥିଲେ। ଶ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ଓଡ଼ିଶା ଜଣେ ଅନୁଭବୀ ନେତା ଓ ମାର୍ଗଦର୍ଶକଙ୍କୁ ହରାଇଲା।

ତାଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଶୋକବ୍ୟକ୍ତ କରିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ଲେଙ୍କାଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର, ସମର୍ଥକ ଓ ଶୁଭାକାଂକ୍ଷୀମାନଙ୍କ ପ୍ରତି ଶ୍ରୀ ସାମଲ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

# କାହ୍ନୁ ଚରଣ ଲେଙ୍କାଙ୍କ ମରଶରୀରରେ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୩।୨(ନି.ପ୍ର.): ପୂର୍ବତନ କେନ୍ଦ୍ର ରେଳ ଓ କୃଷିମନ୍ତ୍ରୀ, ଅଖିଳ ଭାରତ କଂଗ୍ରେସ ପଛୁଆବର୍ଗ ବିଭାଗର ପୂର୍ବତନ ଅଧ୍ୟକ୍ଷ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି କାହ୍ନୁ ଚରଣ ଲେଙ୍କା ପରଲୋକଗମନ କରିଛନ୍ତି। ଆଜି ତାଙ୍କର ପାର୍ଥିବ ଶରୀର କଂଗ୍ରେସ ଭବନକାର୍ଯ୍ୟାଳୟରେ ପହଞ୍ଚିବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେଦଳିୟ ପତାକା ପକାଇ ଶେଷ ସମ୍ମାନ ଜଣାଇଥିଲେ ଏବଂ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳିଜ୍ଞାପନ କରିଥିଲେ। ଶ୍ରୀ ଦାସ ମଧ୍ୟ ପୂର୍ବାହ୍ନରେ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ବାସଭବନରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି



ଅବସରରେପିସିସି କାର୍ଯ୍ୟାଳୟରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶ୍ରୀକନ୍ତା ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ସମୀର କୁମାର ରାଉତରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ବିଷ୍ଣୁଚରଣ ବାରିକ, ଅଭୟ ସାହୁ, ପ୍ରକାଶ ଜେନା, ସିପ୍ରା ମଲ୍ଲିକ, ସୁଜୀତ ପାଢ଼ୀ, ପ୍ରକାଶ ମିଶ୍ର, ତରୁଣ ମିଶ୍ର, ପ୍ରଦୀପ୍ତ କୁମାର ସାହୁ, ପ୍ରଦୀପ ମହାପାତ୍ର, ଲିଙ୍ଗରାଜ ସାହୁ, ଆଲୋକ ମହାନ୍ତି, ସମସିଦା ତୟାବ, ରାଜକିଶୋର ବାରିକ, କୃଷ୍ଣଚନ୍ଦ୍ର ବରାଳ, ସତ୍ୟବ୍ରତ ନାୟକ, ଜୟକୃଷ୍ଣ ସୁବୁଦ୍ଧି, ବାଙ୍କନିଧି ବେହେରା, ଦେବାଶିଷ ମହାପାତ୍ର, ସୁଶାନ୍ତ ବେହେରା, ନିମାଇଁ ରାଉତରାୟ, ମାନସ କର, ବିଶ୍ୱଭୂଷଣ ଦାସ, ଆତ୍ମାରାମ ପତି, ମାସୁଦ ଅଲ୍ଲୀ, ମଂଟୁ ମଲ୍ଲିକ, ନିରଞ୍ଜନ ସାମଲ, ଏମଡି ସାହାଦୁଲ୍ଲା, ସଂଗ୍ରାମ ଦାସ,ସୁଧାଂଶୁ ମହାନ୍ତି, ଅଧିର ଜେନା, ନାସିର ଖାନ ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର,୧୩।୨(ନି.ପ୍ର.): ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ଆନୁକୂଲ୍ୟରେ ମେଟ୍ରିକ ପରୀକ୍ଷା : ୨୦୨୬ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ୧୫୧ ଟି ପରୀକ୍ଷାକେନ୍ଦ୍ରର କେନ୍ଦ୍ର ପରିଚ଼ାଳକ,ପର୍ଯ୍ୟବେକ୍ଷକ,ପ୍ରଶ୍ନପତ୍ର ପ୍ରେରଣ ସଦସ୍ୟ ଓ ୧୦ ଟି ନୋଡାଲ ସେଣ୍ଟରର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ ।ଚ଼ଳିତ ବର୍ଷ ମେଟ୍ରିକ ପରୀକ୍ଷା ସହ ମଧ୍ୟମା ଓ ଏସ ଓ ଏସ ସି (୧ମ) ପରୀକ୍ଷା ଆସନ୍ତା ଫେବୃଆରୀ ୧୯ ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚ଼ାଲୁ ରହିବ ।



ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଉପସ୍ଥିତ ରହି ଜିଲ୍ଲାରେ ମେଟ୍ରିକ ପରୀକ୍ଷା କିପରି ସ୍ୱଚ୍ଛ ଓ ଶୃଙ୍ଖଳାର ସହ ସମ୍ପାଦିତ ହେବ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ ।କୌଣସି ପ୍ରକାର ବିଶୃଙ୍ଖଳା ଦେଖାଗଲେ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚ଼ାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମତବ୍ୟକ୍ତ କରିଥିଲେ ।ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା, କଟକଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀ ଉପରେ ସମ୍ପୂର୍ଣ ଆଲୋଚ଼ନା କରିବା ସହ ପରୀକ୍ଷା ପରିଚ଼ାଳନା କରିବାରେ ସମ୍ପୃକ୍ତ ଥିବା କର୍ମଚ଼ାରମାନେ ସେମାନଙ୍କ ଦାୟିତ୍ୱକୁ ସଠିକ ଢଙ୍ଗରେ କରିବେ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ପରୀକ୍ଷା ସମ୍ବନ୍ଧୀୟ ପ୍ରାରମ୍ଭିକ ସୂଚ଼ନା ପ୍ରଦାନ କରିବା ସହ ଜିଲ୍ଲାରେ ହୋଇଥିବା ନୋଡାଲ ସେଣ୍ଟର,ପରୀକ୍ଷା କେନ୍ଦ୍ର, ସ୍କ୍ୱାଡ଼ ସଦସ୍ୟ ଗଠନ ତଥା ପରୀକ୍ଷା ସୁପରିଚ଼ାଳନା ବିଷୟରେ ଆଲୋକପାତ କରିଥିଲେ ଏବଂ ପରୀକ୍ଷାର ସମୟ ନିର୍ଘଣ୍ଟ ସହ ପରୀକ୍ଷା କେନ୍ଦ୍ରରେ କିପରି ସୁଚ଼ାରୁ ରୂପେ ପରୀକ୍ଷା ହେବ ମତପୋଷଣ କରିଥିଲେ । ପରୀକ୍ଷାର୍ଥୀ ମାନେ ଭୟଶୂନ୍ୟ ହୋଇ କିପରି ପରୀକ୍ଷା ଦେବେ ସେଥିପ୍ରତି ପରୀକ୍ଷା କେନ୍ଦ୍ର ପରିଚ଼ାଳକମାନେ ସଚେତନ ରହିବେ । ଜିଲ୍ଲା ପ୍ରଶାସନର ସହଯୋଗର ଯାଜପୁର ଜିଲାରେ ଶୃଙ୍ଖଳାର ସହ ପରୀକ୍ଷା ପରିଚ଼ାଳନା ହେବ ବୋଲି ଆଶାବ୍ୟକ୍ତ କରାଗଲା ।

# କିଟରେ ଆରମ୍ଭ ହେବ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଠ୍ୟକ୍ରମ

ଭୁବନେଶ୍ୱର, ୧୨।୨: ଏସିଆର ଅସୁରକ୍ଷିତ ବୌଦ୍ଧ ଐତିହ୍ୟର ସୁରକ୍ଷା ଦିଗରେ



କିଟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏସିଆ ମହାଦେଶର ଗ୍ରାମାଞ୍ଚଳରେ ଥିବା ୯୦ ପ୍ରତିଶତରୁ ଅଧିକ ବୌଦ୍ଧ ଐତିହ୍ୟ ସ୍ଥଳ ଅସୁରକ୍ଷିତ ରହିଥିବା ବେଳେ ଏ ସଂପର୍କରେ ଭାରତ, ଚୀନ୍, କୋରିଆ ଓ ଜାପାନର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। କିଟ୍ ଓ କିସ୍ ଏହି ସବୁ ଐତିହ୍ୟ ସ୍ଥଳର ସୁରକ୍ଷା କିପରି କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବ। ଇଣ୍ଡିଆନ୍ ଟ୍ରଷ୍ଟ ଫର୍ ରୁରାଲ ହେରିଟେଜ୍ ଆଣ୍ଡ୍ ଡେଭେଲପମେଣ୍ଟ ଦ୍ୱାରା ଗ୍ରାମାଞ୍ଚଳରେ ଅସୁରକ୍ଷିତ ବୌଦ୍ଧ ଐତିହ୍ୟ ସ୍ଥଳର ସଂରକ୍ଷଣ ଓ ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। କିସ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏହି ଏକାଡେମୀର ନେତୃତ୍ୱ ନେବେ। ପ୍ରଫେସର ଗାଲା କିଟ୍ ଲ ସ୍କୁଲ ସହଯୋଗରେ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। କିଟ୍ ଲ ସ୍କୁଲରେ ଏହି ପାଠ୍ୟକ୍ରମ ଆରମ୍ଭ ହେବା ପରେ ଏହା ଦକ୍ଷିଣ ଏସିଆରେ ପ୍ରଥମ ଶୈକ୍ଷିକ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଉଛି। ପ୍ରଫେସର ଗାଲା ଗତ ବର୍ଷ ଏକ ପ୍ରମୁଖ ଅନ୍ତର୍ଜାତୀୟ ସମ୍ମିଳନୀରେ ଏହି ଏକାଡେମୀ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେହି ପ୍ରସ୍ତାବକୁ ଆଧାର କରି ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଏକ ପ୍ରତିନିଧି ଦଳ ଗତ ୭ ତାରିଖରେ ନୂଆଦିଲ୍ଲୀରେ ଏହି ଏକାଡେମୀର ଗଠନ, ପାଠ୍ୟକ୍ରମ ଓ ଦୀର୍ଘକାଳୀନ ରୋଡ୍‌ମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଗ୍ରାମୀଣ ପ୍ରେକ୍ଷାପଟରେ ଅସୁରକ୍ଷିତ ବୌଦ୍ଧ ସ୍ଥଳଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଆଇନଗତ ଢାଞ୍ଚା, ସ୍ଥାନୀୟ ଲୋକଙ୍କ ଭାଗୀଦାରି ଓ ନୈତିକ ପରିଚାଳନା ସମନ୍ୱିତ ମଡେଲର ଆବଶ୍ୟକତା ଉପରେ ପ୍ରଫେସର ଗାଲା ଗୁରୁତ୍ୱାରୋପ କରିଥିଲେ।

ଏହି ପ୍ରୟାସ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରେ। ସଂପ୍ରତି ୟୁନେସ୍କୋ ଏକ କ୍ରମିକ ନାମାଙ୍କନ ମାଧ୍ୟମରେ ରାଜ୍ୟର ପ୍ରସିଦ୍ଧ ବୌଦ୍ଧ ସ୍ୱର୍ଣ୍ଣ ତ୍ରିଭୁଜ - ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଭାରତର ଅସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିଛି। ଯଦି ଏହାକୁ ପୂର୍ଣ୍ଣ ବିଶ୍ୱ ଐତିହ୍ୟ ମାନ୍ୟତା ମିଳେ, ତେବେ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ଏକାଡେମୀ ଏହି ଐତିହାସିକ ସ୍ଥଳଗୁଡ଼ିକୁ ପରିଚାଳନା, ସଂରକ୍ଷଣ ଓ ଆଇନଗତ ସୁରକ୍ଷା ଦେବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି।



ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ନବରଙ୍ଗପୁର ଠାରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ର ଶୁଭାରମ୍ଭ ଏବଂ ନୂଆ ସରକାରୀ ମେଡିକାଲ କଲେଜ ଓ ହସପିଟାଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ସସ୍‌ପେଣ୍ଡକୁ ନେଇ ଅରବିନ୍ଦଙ୍କ ବିସ୍ଫୋରକ ବୟାନ

ଭୁବନେଶ୍ୱର,୧୩।୨(ନି.ପ୍ର.): ନିଲମ୍ବନକୁ ନେଇ ଆଜି ପୁଣି ଥରେ ବିସ୍ଫୋରକ ବୟାନ ଦେଇଛନ୍ତି ବିଜେଡିରୁ ବିତାଡ଼ିତ ତଥା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର। ସେ ଆଜି ପୁଣି ସେହି ସମାନ କଥା ଦୋହରାଇଛନ୍ତି। ଅରବିନ୍ଦ କହିଛନ୍ତି, ନବୀନଙ୍କୁ ଯେଉଁ ପ୍ରଶ୍ନ ପଚ଼ାରିଥିଲି ତା'ର ଉତ୍ତର ସେ ଦେଇପାରିଲେନି। ଦୁର୍ନୀତି, ବିଶ୍ୱାସଘାତକତା ବାବଦରେ ସତ୍ୟାସତ୍ୟ ଯାଞ୍ଚ ଚ଼୍ୟାଲେଞ୍ଜ ଦେଇଥିଲି। ମାତ୍ର ସେ କୌଣସି ଉତ୍ତର ଦେଇପାରିଲେନି। ତେବେ ବିଧାନସଭାରେ ଦେଖା ହେଲେ ଆଉ କାହିଁକି ପଚ଼ାରିବି, ଇଚ୍ଛା ନାହିଁ ବୋଲି କହିଛନ୍ତି ଅରବିନ୍ଦ। ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି କି, ନବୀନ ପଟ୍ଟନାୟକ ଏପର୍ଯ୍ୟନ୍ତ ମୋ ପ୍ରଶ୍ନର ଉତ୍ତର ଦେଇନାହାନ୍ତି। ଏବେ ବି ମୁଁ ନିଲମ୍ବନର କାରଣ ଖୋଜୁଛି । ନିଲମ୍ବନର କାରଣ ବାରମ୍ବାର ପଚ଼ାରିବା ପରେ ନବୀନ ବାବୁ ତା'ର ଉତ୍ତର ଦେଇପାରିନଥିବା କଥା ସେ ସ୍ପଷ୍ଟ କରିଛନ୍ତି। ମୁଁ ଯଦି ପଦରେ ଥାଇ ଦୁର୍ନୀତି କରିଛି ବା ଦଳ ବିରୋଧରେ ବିଶ୍ୱାସଘାତକତା କରିଛି ତେବେ ନବୀନ ବାବୁ ଓ ବିଜେଡି ତାର ପ୍ରମାଣ ଦିଅନ୍ତୁ ବୋଲି କହିଛନ୍ତି। ସେମାନଙ୍କ ଅଭିଯୋଗର କୌଣସି ଭିତ୍ତିଭୂମି ନାହିଁ, ମୁଁ ଜାଣିଛି ଉତ୍ତର ଦେଇ ପାରିବେନି ବୋଲି ପାଟକୁରା ବିଧାୟକ କହିଛନ୍ତି। ସେହିପରି ରାଜ୍ୟ ସଭା ନିର୍ବାଚ଼ନକୁ ନେଇ ସେ କହିଛନ୍ତି, 'ରାଜ୍ୟ ସଭା ନିର୍ବାଚ଼ନରେ ପ୍ରାର୍ଥୀ ଦେଖି ଭୋଟ୍ ଦେବି। ମୁଁ ଏବେ ସ୍ୱାଧୀନ, ତେଣୁ ବିଧାନସଭାରେ ଏବେ ବିଜେଡି ବିଧାୟକ ନୁହେଁ ବରଂ ସ୍ୱାଧୀନ ଭାବେ ପ୍ରସଙ୍ଗ ଉଠାଇବି ବୋଲି ପ୍ରତିକ୍ରିୟା ଦେଇଛନ୍ତି ଅରବିନ୍ଦ ମହାପାତ୍ର।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଲେଙ୍କାଙ୍କ ବିୟୋଗରେ ଯାଜପୁର କଂଗ୍ରେସ ଶୋକ

ଯାଜପୁର,୧୩।୨(ନି.ପ୍ର.): କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଅକାଳ ବିୟୋଗରେ ଯାଜପୁର କଂଗ୍ରେସ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେ କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ହୃଦ୍‌ଘାତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଓଡ଼ିଶା ରାଜ୍ୟ ମନ୍ତ୍ରୀ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ମଧ୍ୟ ଦାୟିତ୍ୱ ଭାର ସମ୍ଭାଳିଥିଲେ। ସେ କେନ୍ଦ୍ରମନ୍ତ୍ରୀ ସମୟରେ ଓଡ଼ିଶା ରାଜ୍ୟରେ ରେଳ ଲାଇନର ଅଭିବୃଦ୍ଧି,



ରେଳ ଷ୍ଟେସନ ଗୁଡିକର ଉନ୍ନତିକରଣ ସହିତ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ତାଙ୍କର ଅକାଳ ବିୟୋଗରେ ଯାଜପୁର ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, କଂଗ୍ରେସ ନେତା ସୁଦିପ କର, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବରିଷ୍ଠ ନେତା ଦିଗମ୍ବର କର, ଯାଜପୁର ବ୍ଲକ କଂଗ୍ରେସ ସମିତି ସଭାପତି ଗଦାଧର ଦାସ, ଦୁର୍ଯ୍ୟୋଧନା ବେହେରା, ବିଭୂତି ମହାପାତ୍ର, ଭାସ୍କର ମହାନ୍ତି, ଦିଲ୍ଲୀପ ଦାସ, ରାଜୀବ ମହାପାତ୍ର, ଗୋବିନ୍ଦ ସାହୁ, ଆଲୋକ ବେହେରା, ହୃଷିକେଶ ପତି, ଅକ୍ଷୟ ଶତପଥୀ, କନକ ରାଉତ, ପ୍ରତୀମା କର, ବିଳାସ ରାଉତରାୟ, ଅରଜିତ ନାୟକ, ବିଜୟ ମହାପାତ୍ର, ରଘୁନାଥ ସାହୁ ପ୍ରଭୃତି ଶୋକବ୍ୟକ୍ତ କରିବା ସହିତ କଂଗ୍ରେସ ଦଳର ଅପୁରଣୀୟ କ୍ଷତି ହେଲା ବୋଲି ବ୍ୟକ୍ତ କରିଛନ୍ତି।

## ଝିଥିଷୁରୀ ଓ ତିହିଡ଼ି ଏନ୍‌ଏସିର ସୀମା ନିର୍ଦ୍ଧାରଣ ପାଇଁ ଚ଼ିଠା ପ୍ରସ୍ତାବ ପ୍ରକାଶିତ

ଭୁବନେଶ୍ୱର,୧୩।୨: ଭଦ୍ରକ ଜିଲ୍ଲାର ଦୁଇଟି ନୂତନ ଏନଏସି ଧୂଷୁରୀ ଏବଂ ତିହିଡ଼ିର ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ପାଇଁ ଚ଼ିଠା ପ୍ରସ୍ତାବ ପ୍ରକାଶ ପାଇଛି । ଭଦ୍ରକ ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରୁ ଚ଼ିଠା ପ୍ରସ୍ତାବ ପ୍ରକାଶ ପାଇଛି ।

ଦୁଇଟି ନୂତନ ଘୋଷିତ ଧୂଷୁଡ଼ି ଏବଂ ତିହିଡ଼ି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚ଼ିଠା ପ୍ରସ୍ତାବ ପ୍ରକାଶ କରାଯାଇଛି । ଉଭୟ ଏନଏସିରେ ୧୪ଟି ଲେଖାଏଁ ୱାର୍ଡ ରହିବ । ସେଥିମଧ୍ୟରୁ ୮ଟି ଆସନ ସଂରକ୍ଷଣ ଓ ୬ଟି ଆସନ ଅଣ ସଂରକ୍ଷଣ ରହିବ । ଧୂଷୁରୀ ଏନଏସିର ମୋଟ ଲୋକ ସଂଖ୍ୟା ୧୦ ହଜାର ୩୪୯ ରହିବ । ସେହିପରି ତିହିଡ଼ି ଏନଏସିର ମୋଟ ଜନସଂଖ୍ୟା ରହିବ ୧୩ ହଜାର ୮୦୫ ରହିବ । ୧୦ଦିନ ମଧ୍ୟରେ ଚ଼ିଠା ପ୍ରସ୍ତାବ ଉପରେ ଆପତ୍ତି ଅଭିଯୋଗ ହୋଇପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ବୋର୍‌ୱେଲ୍‌ରେ ପଡି ଦେଢ଼ ବର୍ଷ ବୟସର ଶିଶୁକନ୍ୟା ମୃତ

ପୁରୀ,୧୩।୨(ନି.ପ୍ର.): ସ୍ଥାନୀୟ ସଦର ମୁଖ୍ୟ ଚ଼ିକିତ୍ସାଳୟରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ପୁରୀ ସଦର ମୁଖ୍ୟ ଚ଼ିକିତ୍ସାଳୟର ୨ଶହ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ ହେଉଛି। ଏହି କୋଠା ପାଇଁ ପାଣି ଯୋଗାଇବାକୁ ବୋର୍‌ୱେଲ୍ ଖୋଳା ହେଉଛି। ଏକ ବୋର୍‌ୱେଲ୍‌ରେ ପଡି ଜଣେ ଦେଢ଼ ବର୍ଷ ବୟସର ଶିଶୁକନ୍ୟାର ଜୀବନ ଚ଼ାଲିଯାଇଛି। ମୃତ ଶିଶୁକନ୍ୟା ହେଲା ସମାୟିରା ନାୟକ।ସୂଚ଼ନା ଅନୁସାରେ ନରେନ୍ଦ୍ର କୋଣ ମଙ୍ଗଳାସାହି ବାସିନ୍ଦା ଅଜୟ ନାୟକଙ୍କ ଦେଢ଼ ବର୍ଷ ବୟସର ଶିଶୁକନ୍ୟା ସମାୟିରା ନାୟକ ରାୟବାହାଦୂର ଲେନ୍ ?ରେ ଥିବା ମାମୁଁ ଘରକୁ ବୁଲିବାକୁ ଆସିଥିଲା। ପୁରୀ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟର ନିର୍ମାଣାଧୀନ କୋଠା ପାଖରେ ଶିଶୁକନ୍ୟା ଖେଳୁଥିଲା। ଆଜି ଅପରାହ୍ନ ସମୟରେ ଖେଳୁଥିବା ବେଳେ ?ଅସାବଧାନତା ପାଇଁ ବୋର୍‌ୱେଲ୍‌ରେ ଗଳି ପଡିଥିଲା।

# ରାଜଧାନୀ ଭୁବନେଶ୍ୱରରେ ଅଗ୍ନିକାଣ୍ଡ; ଆପାର୍ଟମେଣ୍ଟରେ ନିଆଁ ଲାଗି ୩ ଆହତ

ଭୁବନେଶ୍ୱର,୧୩।୨(ନି.ପ୍ର.): ଝାରପଡା ଗଣେଶ ମଣ୍ଡପ ନିକଟ ଏକ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ। ନୀଳପଦ୍ମା ଆପାର୍ଟମେଣ୍ଟର ୨ ଓ ୩ ମହଲାରେ ନିଆଁ ଲାଗିଛି। ଅଗ୍ନିକାଣ୍ଡରେ ୩ ଆହତ ହୋଇଛନ୍ତି। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।୨୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।ନିଆଁ ଲାଗିବ ପରେ ଘଟଣା ସ୍ଥଳରେ ତିନିଗୋଟି ଦମକଳ ଗାଡି ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଛି। ଏଥିରେ ଆପାର୍ଟମେଣ୍ଟର ଦୁଇ ବୃଦ୍ଧଙ୍କ ସହ ଜଣେ ମହିଳା ଓ ଜଣେ ଶିଶୁ ଆହାତ ହୋଇଛନ୍ତି। ଏସିରୁ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଘରର ଆସବାବପତ୍ର ପୋଡିଯାଇଛି। ଗୋଟିଏ ଫ୍ଲାଟ ରୁ ନିଆଁ ଲାଗି ଅନ୍ୟ ଫ୍ଲାଟ୍ କୁ ବ୍ୟାପିଛି। ନିଆଁ ଧାସରେ ପାଖ ଫ୍ଲାଟ୍ ଲୋକେ ମଧ୍ୟ ଅଣ ନିଶ୍ୱାସ ହୋଇଥଲେ। ଗତକାଲି ଲକ୍ଷ୍ମୀସାଗର ଥାନା ଚ଼ିନ୍ତାମଣିଶ୍ୱର ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ କାର ସମ୍ପୂର୍ଣ୍ଣ ଜଳି ଯାଇଛି। ଅନ୍ୟ ଏକ ଡାଲା ଅଟୋ ଓ କାର ମଧ୍ୟ ଅଧା ଜଳି ଯାଇଛି। ରାତି ପ୍ରାୟ ସାଢେ ୩ଟାରେ ଅଗ୍ନିକାଣ୍ଡ ହୋଇଥିବା ସୂଚ଼ନା ରହିଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ପେନସନଭୋଗୀଙ୍କ କଲ୍ୟାଣ ସଂକ୍ରାନ୍ତ କାର୍ଯ୍ୟକ୍ରମର ସମୀକ୍ଷା ସହ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ଦୂରସଞ୍ଚାର ବିଭାଗର ସିଜିସିଏ

ଭୁବନେଶ୍ୱର,୧୩।୨(ପିଆଇବି): ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗର ସଞ୍ଚାର ଏକାଉଣ୍ଟସ୍ ମହାନିୟନ୍ତ୍ରକ (ସିଜିସିଏ), ନୂଆଦିଲ୍ଲୀ ବନ୍ଦନା ଗୁପ୍ତା ୩ ଦିନିଆ ଓଡିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ପେନସନଭୋଗୀଙ୍କ କଲ୍ୟାଣ, ଅଂଶୀଦାରଙ୍କ ସମ୍ପୃକ୍ତି ଓ ପ୍ରଶାସନିକ ଦକ୍ଷତାକୁ ସୁଦୃ କରିବା ଲାଗି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଶ୍ରୀମତୀ ଗୁପ୍ତା ୧୧ ତାରିଖରେ ପେନସନଭୋଗୀ ଲୋକସମ୍ପର୍କ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ସିଜିସିଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୂରସଞ୍ଚାର ବିଭାଗ ଏବଂ ବିଏସଏନଏଲର ବହୁ ପେନସନଭୋଗୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ଏବଂ ଜାତୀୟ ସ୍ତରର ବହୁ ବରିଷ୍ଠ ଦୂରସଞ୍ଚାର ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ପେନସନ ସଂକ୍ରାନ୍ତ ନଥିପତ୍ରର ସଂଶୋଧନ, ଡିଜିଟାଲ ପେନସନ ସେବା ସମ୍ପର୍କରେ ସଚେତନତା ଏବଂ ଠିକ୍ ସମୟରେ ସମସ୍ୟାମୁକ୍ତ ପେନସନ ବିତରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।ଶ୍ରୀମତୀ ଗୁପ୍ତା କହିଥିଲେ, ପେନସନ ଅଭିଯୋଗ ସମାଧାନ ଏବଂ ପେନସନଭୋଗୀ କଲ୍ୟାଣ ସେବା ନିମନ୍ତେ ସମ୍ପନ୍ନ ୨.୦କୁ ଏକ ବିସ୍ତୃତ ସିଙ୍ଗଲ ୱିଣ୍ଡୋ ପ୍ଲାଟଫର୍ମ ରୂପେ କାର୍ଯ୍ୟକ୍ଷମ କରାଯାଇଛି। ବାଧାମୁକ୍ତ ପେନସନ ବିତରଣ ଲାଗି ଠିକ ସମୟରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ଏହି ଅବସରରେ ଗୁପ୍ତା ବରିଷ୍ଠ ପେନସନଭୋଗୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ ପେନସନଭୋଗୀ ଓ ପେନସନଭୋଗୀ ସଂଘର କର୍ମକର୍ତ୍ତାଙ୍କ ସମସ୍ୟା ସମ୍ପର୍କରେ ସେ ନେଇ ଆଲୋଚ଼ନା କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ପେନସନ ସଂକ୍ରାନ୍ତ କାଗଜପତ୍ର ପାଇବା ଲାଗି ଡିଜିଲକର ଆପ୍ ର ବ୍ୟବହାର ସମ୍ପର୍କରେ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

ସମ୍ବଲପୁର ବିଏସଏନଏଲର ପିଜିଏମ ପେନସନ ପରିଚ଼ାଳନାକୁ ସରଳ କରିବା ଏବଂ ଅବସରପ୍ରାପ୍ତ କର୍ମଚ଼ାରୀଙ୍କ ଆର୍ଥିକ ସୁରକ୍ଷା ବଢ଼ାଇବା ଲାଗି ଦୂରସଞ୍ଚାର ବିଭାଗ ଏବଂ ସିସିଏ ଓଡିଶା ଦ୍ୱାରା ଗ୍ରହଣ କରାଯାଇଥିବା ସକ୍ରିୟ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମ୍ବଲପୁରଠାରେ ଜୀବନ ପ୍ରମାଣ କେନ୍ଦ୍ରକୁ ଉଦଘାଟନ କରାଯାଇଥିଲା। ଏହି କେନ୍ଦ୍ର ଏସଏସଏ ସମ୍ବଲପୁର ଏବଂ ରାଉରକେଲାର ପେନସନଭୋଗୀଙ୍କୁ ଲାଭାନ୍ୱିତ କରିବ ଏବଂ ଓଡିଶା ସର୍କଲର ପ୍ରାୟ ଏକତୃତୀୟାଂଶ ପେନସନଭୋଗୀ ଏହାଦ୍ୱାରା ଉପକୃତ ହୋଇପାରିବେ। ଏହାବ୍ୟତୀତ ଶ୍ରୀମତୀ ଗୁପ୍ତା ଆଜି ଭୁବନେଶ୍ୱର ସିସିଏ କାର୍ଯ୍ୟାଳୟ ଠାରେ ଏକ ପେନସନଭୋଗୀ ବିଶ୍ରାମ ଗୃହକୁ ଲୋକାର୍ପଣ କରିଥିଲେ। ଏଠାରେ ପେନସନଭୋଗୀଙ୍କ ଅଭିଯୋଗ ସମାଧାନ, ଡିଏଲସି ଦାଖଲ, କେୱାଇପି ଦାଖଲ, ପେନସନ ରେକର୍ଡ ସଂଶୋଧନ, ପେନସନଭୋଗୀଙ୍କ ପରିଚ଼ୟପତ୍ର ପ୍ରଦାନ ଆଦି ସେବା ମିଳିପାରିବ।

## ଶ୍ରୀ ଜଗନ୍ନାଥ ଦର୍ଶନ...

ବ୍ୟବସ୍ଥା କରାଯାଇଛି। ଏଥି ସହିତ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁ ଆକାଂକ୍ଷିତ ମେଡିକାଲ କଲେଜର ମଧ୍ୟ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ନବରଙ୍ଗପୁରର ପାତାଳଗୁଡାଠାରେ ୫୦ ଏକରରୁ ଊର୍ଦ୍ଧ୍ୱ ଜାଗା ଉପରେ ପ୍ରତିଷ୍ଠା ହେବାକୁ ଥିବା ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ ଏମ୍.ବି.ବି.ଏସ୍ ସିଟ ଓ ୪୨୦ଟି ଶଯ୍ୟା ରହିବ। ଏହି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପରେ ଜିଲ୍ଲାବାସୀ ଉନ୍ନତ ମାନର ଚ଼ିକିତ୍ସା ସୁବିଧା ପାଇଁ ଆଉ ଜିଲ୍ଲା ବାହାରକୁ ଯିବେ ନାହିଁ, ସମସ୍ତ ଅତ୍ୟାଧୁନିକ ଚ଼ିକିତ୍ସା ଜିଲ୍ଲା ଭିତରେ ହିଁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି। ଏଥି ସହିତ ଆଉ ୪ଟି ମେଡିକାଲ କଲେଜ ଆମର ପ୍ରତିଶ୍ରୁତି ଥିଲା। ଆଜି ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଗଲା। ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ। ରାଜ୍ୟବାସୀଙ୍କୁ ଗୁଣାତ୍ମକମାନର ସ୍ୱାସ୍ଥ୍ୟସେବା ଓ ରାଜ୍ୟରେ ଡାକ୍ତର ଅଭାବ ଦୂର କରିବା ପାଇଁ ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ପାଇଁ ୪୪୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୭୭ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୬୮ କୋଟି ଟଙ୍କା ମୂଲ୍ୟର ୧୧୨ଟି ପ୍ରକଳ୍ପର ଉଦ୍ ?ଘାଟନ ଓ ୩୭୮ କୋଟି ଟଙ୍କା ମୂଲ୍ୟର ୬୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡକ, ସେତୁ, ହଷ୍ଟେଲ, ବନ ସୁରକ୍ଷା ସମିତି, ଅଙ୍ଗନବାଡି କେନ୍ଦ୍ର ଆଦି ଏହି ସବୁ ପ୍ରକଳ୍ପ ଗୁଡିକ ନବରଙ୍ଗପୁରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରତା କ୍ଷେତ୍ରରେ ଜିଲ୍ଲା ଯେପରି ଶୀର୍ଷ ସ୍ଥାନରେ ପହଞ୍ଚିବ, ସେ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ ପଦକ୍ଷେପ ନେଉଛନ୍ତି। ନବରଙ୍ଗପୁର ରାଜ୍ୟ ରାଜଧାନୀ ଠାରୁ ବହୁ ଦୂରରେ ଥିଲେ ମଧ୍ୟ ବିକାଶ କେବେ ଜିଲ୍ଲା ପାଇଁ ଦୂର ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ